

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ବୁଧବାର ୨୪ ଜୁଲାଇ ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ WEDNESDAY 24 July 2024

Vol.No. 35 ■ No.198 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :

ମୁଖ୍ୟ ସମ୍ପାଦକ ସାଗରିକା

ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ୪୮ ଲକ୍ଷ କୋଟି ଟଙ୍କାର ବଜେଟ ଉପସ୍ଥାପନ କଲେ ଅର୍ଥମନ୍ତ୍ରୀ



ନୂଆଦିଲ୍ଲୀ, ୨୩/୭ : ସଂସଦରେ ୨୦୨୪-୨୫ ବଜେଟ ଉପସ୍ଥାପିତ କରିଛନ୍ତି ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ । ବଜେଟ୍ ଉପସ୍ଥାପନା ପୂର୍ବରୁ ରାଷ୍ଟ୍ରପତିଙ୍କୁ ଭେଟିଥିଲେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ। ବଜେଟ ଉପସ୍ଥାପନ କରିବାକୁ ଅର୍ଥମନ୍ତ୍ରୀ ରାଷ୍ଟ୍ରପତିଙ୍କଠାରୁ ଅନୁମୋଦନ ନେଇଥିଲେ। ଏହି ସମୟରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ନିର୍ମଳା ସୀତାରମଣଙ୍କୁ ବଜେଟ ଉପସ୍ଥାପନ ପୂର୍ବରୁ ଆଶୀର୍ବାଦ କରିଥିଲେ। ନିଜ ହାତରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ନିର୍ମଳା ସୀତାରମଣଙ୍କୁ ଦହି ଚିନି ଖୁଆଇ ଦେଇଥିଲେ। ବଜେଟ ଅଭିଭାଷଣରେ ନିର୍ମଳା ସୀତାରମଣ କହିଛନ୍ତି ଯେ, ମୁଦ୍ରାସ୍ଫିତୀ ୪% ରଖିବାକୁ ଆକଳନ କରାଯାଇଛି । ଅନ୍ତରୀଣ ବଜେଟରେ ୪ ଗୋଷ୍ଠୀଙ୍କୁ ପ୍ରାଧାନ୍ୟ ଦିଆଯାଇଥିଲା । ଗରିବ, ମହିଳା, ଯୁବବର୍ଗ ଏବଂ କୃଷକଙ୍କୁ ପ୍ରାଧାନ୍ୟ ଦିଆଯାଇଛି। ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନଯୋଜନା ୫ ବର୍ଷ ବଢ଼ାଯାଇଛି । ୫ ବର୍ଷରେ ୪ କୋଟି ଯୁବବର୍ଗଙ୍କୁ ନିଯୁକ୍ତି, ସୁଦକ୍ଷ ଲକ୍ଷ୍ୟ ରଖାଯାଇଛି । ମନିଯୁକ୍ତି, ଶିକ୍ଷା ଓ ଦକ୍ଷତା ବିକାଶ ପାଇଁ ୧ ଲକ୍ଷ ୪୮ ହଜାର କୋଟି ବ୍ୟବସ୍ଥା କରାଯାଇଛି।

## ୩ ଲକ୍ଷ ଆୟ ଯାଏ ଟ୍ୟାକ୍ସ ଛାଡ଼



କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଆଜି ସଂସଦରେ ସାଧାରଣ ବଜେଟ୍ ଉପସ୍ଥାପନ କରିଛନ୍ତି। ଚଳିତ ବଜେଟ୍ ପେଡ଼ିରେ ନୂଆ ଟିକସ ବ୍ୟବସ୍ଥା ଚୟନ କରିଥିବା ବ୍ୟକ୍ତିଙ୍କୁ ବଡ଼ ଉପହାର ମିଳିଛି। ନୂଆ ଟିକସ ବ୍ୟବସ୍ଥାରେ ଷ୍ଟାଣ୍ଡାର୍ଡ ଟ୍ୟାକ୍ସ ଡିଡକ୍ସନକୁ ୫୦୦୦୦ ଟଙ୍କାରୁ ବୃଦ୍ଧି କରି ୭୫୦୦୦ ଟଙ୍କା କରାଯାଇଛି। ୩ ଲକ୍ଷରୁ ୭ ଲକ୍ଷ ଯାଏ ଆୟରେ ମାତ୍ର ୫% ଆୟକର ଦେବାକୁ ପଡିବ। ▶▶ପୃଷ୍ଠା ୭

## ବଜେଟ ଘୋଷଣା ପରେ ୪ ହଜାର ଲେଖାଏ କମିଲା ସୁନା ଓ ରୁପା ଦର



ସାଧାରଣ ବଜେଟ ଉପସ୍ଥାପନ ବେଳେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ କହିଛନ୍ତି ଯେ ସୁନା ଓ ରୁପା ଉପରେ ଲାଗୁ ହେଉଥିବା ସୀମା ଶୁଳ୍କ ହ୍ରାସ କରାଯିବ। ଏପରି ଘୋଷଣା ପରେ ଉଭୟ ଧାତୁର ମୂଲ୍ୟ ଆଶାତୀତ ଭାବେ ହ୍ରାସ ପାଇଛି। ଏହା ଗ୍ରାହକଙ୍କୁ ଫାଇଦା ଦେଇଛି ଓ ମାର୍କେଟରେ ଏହାର ଚାହିଦା ବଢ଼ିଛି। ତେବେ ବିଶାଳ ମାର୍କେଟ ଅବସ୍ଥା ଓ ଭୌଗଳିକ ରାଜନୀତିକ ବିବାଦ ସମ୍ଭବତଃ ଭବିଷ୍ୟତରେ ଏହାକୁ ପ୍ରଭାବିତ କରିପାରେ। ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ଘୋଷଣା ଅନୁଯାୟୀ, ▶▶ପୃଷ୍ଠା ୭

## ୧୦ ପ୍ରମୁଖ କ୍ଷେତ୍ରରେ ଖର୍ଚ୍ଚ ହେବ ୧୫.୨୭ ଲକ୍ଷ କୋଟି ଟଙ୍କା



ପ୍ରତିରକ୍ଷା, ଗ୍ରାମୀଣ ବିକାଶ ଓ କର୍ମସ ଭଳି ୧୦ ପ୍ରମୁଖ କ୍ଷେତ୍ର ପାଇଁ ସରକାର ୧୫.୨୭ ଲକ୍ଷ କୋଟି ଟଙ୍କାର ବ୍ୟବସ୍ଥା ବଜେଟରେ କରିଛନ୍ତି। ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ବଜେଟ ଉପସ୍ଥାପନ କରି ସାରିବା ପରେ ଅର୍ଥମନ୍ତ୍ରଣାଳୟ ଏ ସମ୍ପର୍କରେ ତଥ୍ୟ ସାର୍ବଜନୀନ କରିଛି। ଉକ୍ତ ତଥ୍ୟରୁ ସ୍ପଷ୍ଟ ହୋଇଛି ଯେ ସରକାରଙ୍କ ମୋଟ ଖର୍ଚ୍ଚର ୨୧% ବିଭିନ୍ନ ରାଜ୍ୟଗୁଡ଼ିକର ଟିକସ ଭାବ ଓ ବକେୟା ବାବଦରେ ଦିଆଯିବ। ସେହିପରି ୧୯% ସୁଧ ଓ ୧୬ % ଅର୍ଥ କେନ୍ଦ୍ର ପ୍ରଯୋଜିତ ଯୋଜନା ବାବଦରେ ଖର୍ଚ୍ଚ ହେବ। ଏହାବାଦ ସବସିଡି, ପେନସନ ଓ ଅନ୍ୟାନ୍ୟ ଖର୍ଚ୍ଚ ବାବଦରେ ସକରାର ୧୯% ଅର୍ଥ ଖର୍ଚ୍ଚ କରିବେ। ସରକାରଙ୍କ ରାଜସ୍ୱର ପ୍ରମୁଖ ଭାଗ ଋଣ ଓ ଅନ୍ୟାନ୍ୟ ଦେୟରୁ ଆସିବ। ଏହା ମୋଟ ଆୟର ୨୭%। ଆୟକରରୁ ସରକାର ୧୯%, ଜିଏସ୍‌ଟି ଓ ଅନ୍ୟ ଟିକସରୁ ୧୮% ଅର୍ଥ ପାଇବେ। କର୍ପୋରେସନରୁ ସରକାର ୧୭% ଅର୍ଥ ପାଇବାକୁ ଯୋଜନା କରିଛନ୍ତି। ▶▶ପୃଷ୍ଠା ୭

## ବଜେଟ: କ'ଣ ଶସ୍ତା ଓ ମହଙ୍ଗା ହେଲା ?

ଅର୍ଥମନ୍ତ୍ରୀ ନିର୍ମଳା ସୀତାମରଣ ଆଜି ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ପୂର୍ଣ୍ଣାଙ୍ଗ ବଜେଟ ଉପସ୍ଥାପନ କରିଛନ୍ତି। ଟିକସ ସ୍ଲାବରେ କୌଣସି ପରିବର୍ତ୍ତନ କରାଯାଇ ନଥିବାରୁ ମଧ୍ୟବୀତ୍ତ ନିରାଶ ହୋଇଛନ୍ତି। କିନ୍ତୁ ଏକାଧିକ ମୂଲ୍ୟବାନ ଧାତୁ ଓ ଜିନିଷ ଉପରେ ଲାଗୁଥିବା ଟିକସକୁ ବଜେଟରେ ହ୍ରାସ କରାଯାଇଛି। ସେହିପରି ଆଉ କିଛି ଜିନିଷ ଉପରେ ଟିକସ ବୃଦ୍ଧି କରାଯାଇଛି। ବଜେଟ ଘୋଷଣା ପରେ କିଛି ଜିନିଷର ଦାମ କମିଥିବା ବେଳେ ଆଉ କିଛିର ମୂଲ୍ୟ ବୃଦ୍ଧି ପାଇଛି।



ଶସ୍ତା ହୋଇଥିବା ଜିନିଷ: ଏକ୍ସ ରେ ମେସିନ, ୨୫ ଗୁରୁତ୍ୱପୂର୍ଣ୍ଣ ମିନେରାଲ୍ସ, ୩ ପ୍ରକାରର କ୍ୟାନସର ମେଡିସନ, ମୋବାଇଲ ଫୋନ, ମୋବାଇଲ ଚାର୍ଜର ଓ ଅନ୍ୟାନ୍ୟ ଉପକରଣ, ରୁପା, ଆମଦାନୀ ହେଉଥିବା ସୁନା, ଚମଡ଼ା ଜାତୀୟ ଜିନିଷ ଓ ସମୁଦ୍ର ଜାତୀୟ ଖାଦ୍ୟ, ସୋଲାର ସେଲ ଓ ପ୍ୟାନେଲ, ଷ୍ଟିଲ ଓ କପର, ଚପଲ ଓ ଜୋତା ଏବଂ ବୁଣା ଜିନିଷ।

ମହଙ୍ଗା ହୋଇଥିବା ଜିନିଷ: ଲ୍ୟାବ କେମିକାଲ୍ସ, ପିଭିସି ଫ୍ଲେକ୍ସ ବ୍ୟାନର, ଆମୋନିୟମ ନାଇଟ୍ରେଟ, ପ୍ଲାଷ୍ଟିକ ଜାତୀୟ ଦ୍ରବ୍ୟ ଓ ଟେଲିକମ ଇକ୍ୟୁପମେଣ୍ଟ, ପାନ ମସଲା, ତମ୍ବାକୁ।

## ବଜେଟ୍: ୨୦୨୪: ବିହାର ଓ ଆନ୍ଧ୍ରକୁ ବଡ଼ ଭେଟି



ଆଜି ସଂସଦରେ ଉପସ୍ଥାପନ ହୋଇଛି କେନ୍ଦ୍ର ବଜେଟ୍-୨୦୨୪-୨୫। ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ସପ୍ତମ ଥର ପାଇଁ ସଂସଦରେ ବଜେଟ ଉପସ୍ଥାପନ କରିଛନ୍ତି। ଏଥର ତାଙ୍କ ବଜେଟ୍ ପେଡ଼ିରେ ବିହାର ଓ ଅନ୍ଧ୍ରପ୍ରଦେଶ ପାଇଁ ବଡ଼ ଭେଟି ଘୋଷଣା ହୋଇଛି। ବିହାରରେ ଏୟାରପୋର୍ଟ, ମେଡିକାଲ କଲେଜ ବିକାଶ ହେବ। ନୂଆ ଏୟାରପୋର୍ଟ, ମେଡିକାଲ କଲେଜ ପାଇଁ ଅନୁଦାନ ମିଳିବ। ବୋଧଗୟା, ରାଜଗିର, ବୈଶାଳୀ ଓ ଦରଭଙ୍ଗା ଠାରେ ସଡ଼କ ସଂଯୋଗ ପ୍ରକଳ୍ପର ବିକାଶ କରାଯିବ। ବିହାର ପାଇଁ ସରକାର ଆର୍ଥିକ ସହାୟତା ବ୍ୟବସ୍ଥା କରିବେ। ସଡ଼କ ନିର୍ମାଣ ପାଇଁ ୨୬,୦୦୦ କୋଟି ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯିବ ବୋଲି ଅର୍ଥମନ୍ତ୍ରୀ ଘୋଷଣା କରିଛନ୍ତି। ଆନ୍ଧ୍ରପ୍ରଦେଶ ପାଇଁ ବି ବିଶେଷ ଘୋଷଣା କରିଛନ୍ତି ଅର୍ଥମନ୍ତ୍ରୀ। ଆନ୍ଧ୍ରପ୍ରଦେଶକୁ ୧୫,୦୦୦ କୋଟି ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯିବ। ପୋଲାଭରମ ପ୍ରକଳ୍ପ ଶୀଘ୍ର ସମାପ୍ତ ପାଇଁ ପଦକ୍ଷେପ ନିଆଯିବ। ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ କହିଛନ୍ତି ଯେ ଆନ୍ଧ୍ରପ୍ରଦେଶ ପୁନର୍ଗଠନ ଆଇନରେ ଦିଆଯାଇଥିବା ପ୍ରତିଶ୍ରୁତି ପୂରଣ କରିବାକୁ ଆମ ସରକାର ଉଦ୍ୟମ କରିଛନ୍ତି। ରାଜ୍ୟର ପୁଞ୍ଜି ଆବଶ୍ୟକତାକୁ ସ୍ୱୀକାର କରି ଆମେ ବହୁପକ୍ଷୀୟ ଏଜେନ୍ସି ମାଧ୍ୟମରେ ସ୍ୱତନ୍ତ୍ର ଆର୍ଥିକ ସହାୟତା ପ୍ରଦାନ କରିବୁ।

## ଉଚ୍ଚ ଶିକ୍ଷା ପାଇଁ ୧୦ ଲକ୍ଷ ଟଙ୍କା ଯାଏ ଋଣ: ମହିଳାଙ୍କ ପାଇଁ ନିର୍ମାଣ ହେବ ହଷ୍ଟେଲ



ବଜେଟ ଉପସ୍ଥାପନ ବେଳେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଛାତ୍ର ଋଣ ସମ୍ପର୍କରେ ଘୋଷଣା କରିଛନ୍ତି। ଏଣିକି ଘରୋଇ ଶିକ୍ଷାନୁଷ୍ଠାନରେ ଉଚ୍ଚଶିକ୍ଷା ପାଇଁ ପିଲାମାନଙ୍କୁ ୧୦ ଲକ୍ଷ ଟଙ୍କା ଯାଏ ଋଣ ମିଳିବ। ବଜେଟରେ ନିର୍ମଳା ସୀତାରମଣ ମଡେଲ ସ୍କିଲ ଲୋନ ଯୋଜନାର ରିଭିଜନ ପାଇଁ ପ୍ରସ୍ତାବ ଦେଇଛନ୍ତି। ଏହାଦ୍ୱାରା ବାର୍ଷିକ ୨୫ ହଜାର ଶିକ୍ଷାର୍ଥୀ ଲାଭବାନ ହେବେ। ସେ କହିଛନ୍ତି, ମଡେଲ ସ୍କିଲ ଲୋନ ଯୋଜନାରେ ୭.୫ ଲକ୍ଷ ଟଙ୍କାର ଯାଏ ଋଣ ମିଳିବ। ଏଥିପାଇଁ ଗୋଟିଏ ସରକାରୀ ପ୍ରଯୋଜିତ ସଂସ୍ଥା ଗ୍ୟାରେଣ୍ଟର ରହିବ। ଆମ ସରକାର ଘରୋଇ ଶିକ୍ଷାନୁଷ୍ଠାନରେ ଉଚ୍ଚ ଶିକ୍ଷା ପାଇଁ ୧୦ ଲକ୍ଷ ଟଙ୍କା ଯାଏ ଆର୍ଥିକ ସହାୟତା ଯୋଗାଇ ଦେବେ ବୋଲି ନିର୍ମଳା କହିଛନ୍ତି। ବଜେଟରେ ହୋଇଥିବା ବ୍ୟବସ୍ଥା ଅନୁଯାୟୀ, ଘରୋଇ ଶିକ୍ଷାନୁଷ୍ଠାନରେ ଉଚ୍ଚ ଶିକ୍ଷା ପାଇଁ ୧୦ ଲକ୍ଷ ▶▶ପୃଷ୍ଠା ୭

## ନିଟ୍-ୟୁଜି ବିବାଦ ଉପରେ ସୁପ୍ରିମ୍‌କୋର୍ଟ ରାୟ: ପୁନଃପରୀକ୍ଷା ହେବନି



ନୂଆଦିଲ୍ଲୀ, ୨୩/୭ : ନିଟ୍ ପେପର ଲିକ୍ ମାମଲାରେ ପୁଣି ପରୀକ୍ଷା କରିବାକୁ ଦାବି କରୁଥିବା ଆବେଦନର ଶୁଣାଣି ସୁପ୍ରିମକୋର୍ଟରେ ଶେଷ ହୋଇଛି। ପୁନର୍ବାର ପରୀକ୍ଷା ନ କରିବାକୁ ସର୍ବୋଚ୍ଚ ନ୍ୟାୟାଳୟ କହିଛନ୍ତି। ଖବର ଅନୁଯାୟୀ, ପେପର ଲିକ୍ ହେବା ନିଶ୍ଚିତ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ହାଜରିବାଗରେ ପେପର ଲିକ୍ ହୋଇଥିଲା। ତେବେ ସୁପ୍ରିମକୋର୍ଟ ଏହା ମଧ୍ୟ କହିଛନ୍ତି ଯେ ପରୀକ୍ଷାରେ ତ୍ରୁଟିର ପର୍ଯ୍ୟାପ୍ତ ପ୍ରମାଣ ମିଳିନାହିଁ। ପୁନଃପରୀକ୍ଷା ପାଇଁ ଦାବି ଠିକ୍ ନୁହେଁ । ଏହା ୨୪ ଲକ୍ଷ ଛାତ୍ରଛାତ୍ରୀଙ୍କ ଉପରେ ନକାରାତ୍ମକ ପ୍ରଭାବ ପକାଇବାର ଆଶଙ୍କା ରହିଛି। ତେବେ ନିଟ୍ ପରୀକ୍ଷାର ଫଳାଫଳ ପୁଣି ଥରେ ଘୋଷଣା କରାଯିବ। ପେପରରେ ପଚରାଯାଇଥିବା ଏକ ପ୍ରଶ୍ନ ବିଷୟରେ ଏହା ଘଟିଛି ଯେଉଁଥିରେ ୨ ଟି ସଠିକ୍ ଉତ୍ତର ଅଛି। ଆଇଆଇଟି ଦିଲ୍ଲୀର ରିପୋର୍ଟ ଅନୁଯାୟୀ, ବିକଳ୍ପ ୪ କୁ ସଠିକ୍ ଭାବରେ ବିଚାର କରି ପୁନର୍ବାର ଫଳାଫଳ ପ୍ରକାଶ କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏହାପୂର୍ବରୁ ସୋମବାର, ନିଟ୍ ପରୀକ୍ଷାରେ ଏକ ପ୍ରଶ୍ନ ଉପରେ ଆଲୋଚନା କରାଯାଇଥିଲା ଯେଉଁଥିରେ ୨ ଟି ସଠିକ୍ ଉତ୍ତର ଥିଲା । ଏକ ପିଟିସନରେ କୁହାଯାଇଛି ଯେ ଯେଉଁମାନେ ଏହି ପ୍ରଶ୍ନର ଉତ୍ତର ଦେଇଛନ୍ତି ସେମାନେ ମାର୍କ ପାଇଛନ୍ତି। ପିଟିସନ ଦାଖଲ କରିଥିବା ଛାତ୍ରଛାତ୍ରୀ କହିଛନ୍ତି ଯେ ଆମେ ପ୍ରଶ୍ନର ସଠିକ୍ ଉତ୍ତର ଜାଣିଛୁ କିନ୍ତୁ ଦ୍ୱନ୍ଦ୍ୱ ଯୋଗୁଁ ଆମେ ଏହାକୁ ଛାଡ଼ି ଦେଇଥିଲୁ। ଏହି ବିଷୟରେ ସୁପ୍ରିମକୋର୍ଟ ଆଇଆଇଟି ଦିଲ୍ଲୀର ନିର୍ଦ୍ଦେଶକଙ୍କ ଅଧୀନରେ ଏକ ବିଶେଷଜ୍ଞ କମିଟି ଗଠନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏଥିପାଇଁ ସର୍ବୋଚ୍ଚ ନ୍ୟାୟାଳୟ ମଙ୍ଗଳବାର ଅପରାହ୍ନ ପର୍ଯ୍ୟନ୍ତ ସମୟ ଦେଇଥିଲେ। ଶୁଣାଣି ସମୟରେ କୋର୍ଟ ରୁମ୍‌ରେ ଅଜବ ସ୍ଥିତି ମଧ୍ୟ ଦେଖିବାକୁ ମିଳିଥିଲା । ▶▶ପୃଷ୍ଠା ୭

## ନବୀନଙ୍କୁ ଗିରଫ କରିବାକୁ ସଂସଦୀୟ ବ୍ୟାପାର ମନ୍ତ୍ରୀଙ୍କ ଦାବି



ଭୁବନେଶ୍ୱର, ୨୩/୭ (ନି.ପ୍ର): ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କୁ ଗିରଫ କରିବାକୁ ବିଧାନସଭାରେ ଦାବି କରିଛନ୍ତି ସଂସଦୀୟ ବ୍ୟାପାର ମନ୍ତ୍ରୀ ମୁକେଶ ମହାଲିଙ୍ଗ। ରାଜ୍ୟପାଳଙ୍କ ଅଭିଭାଷଣ ବେଳେ ଗୃହ ଭିତରେ ବିଶୃଙ୍ଖଳା ସୃଷ୍ଟି କରିଥିବାରୁ ନବୀନଙ୍କୁ ଗିରଫ କରିବାକୁ ସେ ଦାବି କରିଛନ୍ତି। ବିରୋଧୀ ଦଳ ନେତା ଗୃହର ନିୟମ ଭଙ୍ଗ କରିଥିବା କହିଛନ୍ତି ମହାଲିଙ୍ଗ। ମହାଲିଙ୍ଗଙ୍କ ଦାବି ହାସ୍ୟାସ୍ପଦ ବୋଲି କହିଛନ୍ତି ବିଜେଡି ବିଧାୟକ ଅରୁଣ ସାହୁ। ସେ କହିଛନ୍ତି, ପୂର୍ବରୁ ଏଭଳି ଦାବି କରାଯିବାର କୌଣସି ନଜିର ନାହିଁ। ଅନ୍ୟପକ୍ଷରେ ବିଜେପି କହିଛି, ରାଜ୍ୟପାଳଙ୍କ ଅଭିଭାଷଣ ବେଳେ କେହି ବିଶୃଙ୍ଖଳିତ ଆଚରଣ କରିବା କଥା ନୁହେଁ। ଏହା ଏକ ଦଣ୍ଡନୀୟ ଅପରାଧ।ସଂସଦୀୟ ମନ୍ତ୍ରୀ ଯାହା କହିଛନ୍ତି, ତାହା ରୁଲ୍ସ ଆଣ୍ଡ ପ୍ରୋସିଜିୟର ଆଧାରରେ କହିଛନ୍ତି। ସୂଚନାଯୋଗ୍ୟ, ଆଜି ଦ୍ୱିତୀୟ ଦିନରେ ମଧ୍ୟ ବିଧାନସଭାରେ ଅଚଳାବସ୍ଥା ଲାଗି ରହିଥିଲା। ରାଜ୍ୟପାଳଙ୍କ ପୁଅ ଏଏସ୍‌ଓଙ୍କୁ ମାଡ଼ ମାରିବା ଓ ହତ୍ୟା ଧମକ ଦେବା ପ୍ରସଙ୍ଗରେ ବିରୋଧୀ ବିଧାୟକମାନେ ଗୃହରେ ହଙ୍ଗାମା କରିଥିଲେ।

## ଆର. ସନ୍ତୁଗୋପାଳନ ନୂଆ ମୁଖ୍ୟ ନିର୍ବାଚନ ଅଧିକାରୀ

ଭୁବନେଶ୍ୱର, ୨୩/୭ (ନି.ପ୍ର): ଆର. ସନ୍ତୁଗୋପାଳନ ଓଡ଼ିଶାର ନୂଆ ମୁଖ୍ୟ ନିର୍ବାଚନ ଅଧିକାରୀ ଭାବେ ନିଯୁକ୍ତ ହୋଇଛନ୍ତି। ସେ ୨୦୦୧ ବ୍ୟାଚ୍ ଓଡ଼ିଶା କ୍ୟାଡରର ଆଇଏଏସ୍ ଅଫିସର। ତାଙ୍କର ଏହି ନୂଆ ନିଯୁକ୍ତି ନେଇ ଭାରତୀୟ ନିର୍ବାଚନ କମିଶନରୁ ଚିଠି ଆସିଛି। ବରିଷ୍ଠ ଆଇଏଏସ୍ ଅଧିକାରୀ ନିକୁଞ୍ଜ ବିହାରୀ ଧଳଙ୍କ ସ୍ଥାନରେ ଆର. ସନ୍ତୁଗୋପାଳନଙ୍କୁ ରାଜ୍ୟର ମୁଖ୍ୟ ନିର୍ବାଚନ ଅଧିକାରୀ ଭାବେ ନିଯୁକ୍ତି ମିଳିଛି ।ନିକୁଞ୍ଜ ବିହାରୀ ଧଳ ଏବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅତିରିକ୍ତ ମୁଖ୍ୟ ସଚିବ ଅଛନ୍ତି।

## ବାଚସ୍ପତିଙ୍କ ମାଇକ ଭାଙ୍ଗିଲେ ବିଜେଡି ବିଧାୟକ ଧ୍ରୁବ ସାହୁ



ଭୁବନେଶ୍ୱର, ୨୩/୭ (ନି.ପ୍ର):ବାଚସ୍ପତିଙ୍କ ମାଇକ ଭାଙ୍ଗିଲେ ବିଜେଡି ବିଧାୟକ ଧ୍ରୁବ ସାହୁ। ବାଚସ୍ପତିଙ୍କ ପୋଡ଼ିୟମ ଉପରକୁ ଚଢ଼ି ସେ ମାଇକ ଭାଙ୍ଗି ଦେଇଥିଲେ। ଆଜି ଅପରାହ୍ନରେ ରାଜ୍ୟପାଳଙ୍କ ପୁଅ ପ୍ରସଙ୍ଗକୁ ନେଇ ବିଜେଡି ଓ କଂଗ୍ରେସର ବିଧାୟକମାନେ ପୁଣି ବିଧାନସଭାରେ ହୋହଲ୍ଲା କରିଥିଲେ। ଗୃହର ମଧ୍ୟଭାଗକୁ ଆସି ଅନେକ ବିଜେଡି ଓ କଂଗ୍ରେସ ବିଧାୟକ ହୋହଲ୍ଲା କରିଥିଲେ। ଆଉ ଏହି ସମୟରେ ବିଜେଡି ବିଧାୟକ ଧ୍ରୁବ ସାହୁ ବାଚସ୍ପତିଙ୍କ ପୋଡ଼ିୟମ ▶▶ପୃଷ୍ଠା ୭

## ଲୋଇଶିଙ୍ଘା ବ୍ଲକରେ ଜିଲ୍ଲା ପ୍ରଶାସନର ଯୁଗ୍ମ ଜନ-ଅଭିଯୋଗ ଶୁଣାଣୀ

ବଲାଙ୍ଗିର, ୨୩/୦୭ (ନି.ପ୍ର): ଜୁଲାଇ ମାସ ପାଇଁ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଜନ-ଅଭିଯୋଗ ଶୁଣାଣୀ କାର୍ଯ୍ୟକ୍ରମ ଅନୁସାରେ ଆଜି ଲୋଇଶିଙ୍ଘା ବ୍ଲକ ମୁଖ୍ୟାଳୟରେ ଜିଲ୍ଲାପ୍ରଶାସନର ଯୁଗ୍ମ ଜନ-ଅଭିଯୋଗ ଶୁଣାଣୀ ଅନୁଷ୍ଠିତ ହୋଇଯାଇଛି । ଏହି ଯୁଗ୍ମ ଜନ-ଅଭିଯୋଗ ଶୁଣାଣୀରେ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ଶ୍ରୀ ଗୌରଙ୍ଗ ଶିୱାଜୀ ଇସଲୱାର, ଆରକ୍ଷୀ ଅଧିକ୍ଷକ ଖିଲାରୀ ରିଷିକେଶ ଦ୍ୟାନଦେଓଙ୍କୁ ସମୁଦାୟ ୯୬ ଗୋଟି ଅଭିଯୋଗ ଦରଖାସ୍ତ ଦାଖଲ ହୋଇଥିଲା । ତନ୍ମଧ୍ୟରୁ ୭୯ ଟି ବ୍ୟକ୍ତିଗତ ଅଭିଯୋଗ ଓ ଅବଶିଷ୍ଟ ୧୭ ଟି ସାମୁହିକ ଦରଖାସ୍ତ ଥିଲା । ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ଜନସାଧାରଣଙ୍କ ଏହି ସମସ୍ତ ଅଭିଯୋଗ ଓ ସମସ୍ୟା ଗୁଡିକର ଶୁଣାଣୀ କରି ୫୩ ଟି ମାମଲାର ଶୁଣାଣୀର ତୁରନ୍ତ ସମାଧାନ କରିଥିଲେ ଏବଂ ବାକି ଥିବା ମାମଲା ଗୁଡିକୁ ସମ୍ପୃକ୍ତ ବିଭାଗର ଅଧିକାରୀ ଙ୍କୁ ଶୀଘ୍ର ସମାଧାନ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଏଥିରେ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠି କିମ୍ବା ରେଡ଼କ୍ରସ ସହାୟତା ଦିଆ ଯାଇନାହି ।ଏହି ଯୁଗ୍ମ ଜନ-ଅଭିଯୋଗ ଶୁଣାଣୀ କାର୍ଯକ୍ରମରେ ବଲାଙ୍ଗିର ଉପଜିଲ୍ଲାପାଳ ଆଲୋକ କୁମାର ପ୍ରଧାନ, ଡେପୁଟି କଲେକ୍ଟର (ସାଧାରଣ ଓ ବିବିଧ)ସଚିଦାନନ୍ଦ ମିଶ୍ର, ଜିଲ୍ଲା ଶିକ୍ଷାଧିକାରୀ ଧ୍ରୁବ ଚରଣ ବେହେରା, ଜିଲ୍ଲା ମୁଖ୍ୟ ମତ୍ସ୍ୟ ଅଧିକାରୀ ଉମେଶ ଧରୁଆ, ଜିଲ୍ଲା ମଙ୍ଗଳ ଅଧିକାରୀ ଅଲେଖ ବିଶ୍ୱାଳ , ସ୍ନିଗ୍ଧାରାଣୀ ତ୍ରିପାଠୀ ତଥା ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

## କନ୍ଧମାଳ ଜିଲ୍ଲାରେ ଆରମ୍ଭ ହୋଇଛି ମାସିକ ଶ୍ରାବଣୀ ଯାତ୍ରା: ବିଭିନ୍ନ ଶୈବପୀଠରେ ଭକ୍ତଙ୍କ ପ୍ରବଳ ଭିଡ଼

କନ୍ଧମାଳ, ୨୩/୦୭ (ନି.ପ୍ର): କନ୍ଧମାଳ ଜିଲ୍ଲାରେ ଆରମ୍ଭ ହୋଇଛି ଶ୍ରାବଣୀ ଯାତ୍ରା। ପବିତ୍ର ଗୁରୁ ପୂର୍ଣ୍ଣିମାରୁ ଆରମ୍ଭ ହୋଇଛି ଶ୍ରାବଣ ମାସ। ବିଶ୍ୱାସ ରହିଛି ଶ୍ରାବଣ ମାସରେ ଦେବଦେବ ମହାଦେବଙ୍କ ନିକଟରେ ଜଳଲାଗି କଲେ ବହୁତ ପୁଣ୍ୟ ମିଳେ। ସେଇ ବିଶ୍ୱାସ ନେଇ ମାନସିକଧାରୀ ମହାଦେବଙ୍କ ନିକଟରେ ଜଳିଭିଷେକ କରନ୍ତି ଏହି ପବିତ୍ର ମାସରେ। ଆଜି ଶ୍ରାବଣ ମାସର ପ୍ରଥମ ସୋମବାର। ମନରେ ଅକୁଣ୍ଠ ଭକ୍ତିଭାବ ଓ ବିଶ୍ୱାସ ନେଇ ମହାଦେବଙ୍କ ନିକଟରେ ଜଳିଭିଷେକ କରିଛନ୍ତି କାଉଡ଼ିଆ। ରାଜ୍ୟର ବିଭିନ୍ନ ସ୍ଥାନ ଭଳି କନ୍ଧମାଳ ଜିଲ୍ଲା ବାଲିଗୁଡାରେ ମଧ ପ୍ରଥମ ସୋମବାରରେ ବିଭିନ୍ନ ଶୈବପୀଠରେ ମହାଦେବଙ୍କ ନିକଟରେ ଜଳଲାଗି କରିବାପାଇଁ ଶତାଧିକ କାଉଡ଼ିଆଙ୍କ ଭିଡ଼ ଲାଗିଛି। ସକାଳୁ ସକାଳୁ ଫୁଲବାଣୀ ନଦିଖଣ୍ଡି ସାହି ଏବଂ ମା ନାରାୟଣୀ ମନ୍ଦିର ନିକଟସ୍ଥ ସାଲୁଙ୍କି ନଦୀ ରୁ ଏବଂ ବାଲିଗୁଡା ଖଡ଼ଗନଦୀ ଘାଟରେ ଶତାଧିକ କାଉଡ଼ିଆଙ୍କର ଭିଡ଼ ଜମିଥିଲା। ନଦୀରୁ ବାଲି ଆଣି ତୁଠରେ ବାଲୁକା ଲିଙ୍ଗ ସ୍ଥାପନା କରି ଯଥା ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରିବାପରେ ସଙ୍କଳ୍ପ ହୋଇ ଜଳନେଇ କାଉଡ଼ିଆ ମାନେ ବାହାରିଥିଲେ ଶିବାଳୟ ଅଭିମୁଖେ। ପୂର୍ବ ବର୍ଷ ଭଳି ଚଳିତବର୍ଷ ମଧ ବାଲିଗୁଡ଼ା ଅଞ୍ଚଳର ବିଭିନ୍ନ ଶୈବପୀଠ ମଧ୍ୟରେ ଟାଉନର ରାମେଶ୍ୱର ମନ୍ଦିର, ବିରୁପାକ୍ଷ ମନ୍ଦିର, ଦଣ୍ଡପଦରର ଧବଳେଶ୍ୱର ମନ୍ଦିର, ଜାଲେଶପଙ୍କାର ଜଳେଶ୍ୱର ମନ୍ଦିର, କ. ନୂଆଗାଁର ରାମେଶ୍ୱର ମନ୍ଦିର, ଚକାପାଦର ବିରୁପାକ୍ଷ ମନ୍ଦିର ଭଳି ବିଭିନ୍ନ ଶୈବ ପୀଠରେ ଶ୍ରାବଣ ମାସର ପ୍ରଥମ ସୋମବାର ରେ ଶତାଧିକ କାଉଡ଼ିଆ ଙ୍କର ଭିଡ଼ସହ ଜଳ ଲାଗି କରିଥିବା ଦେଖିବାକୁ ମିଳିଛି। ପୂର୍ବରୁ ବାଲିଗୁଡା ଅଂଚଳରେ କମ୍ ଭକ୍ତ ଏହି ମାସିକ ଶ୍ରାବଣୀ ବ୍ରତ ପାଳୁଥିଲେ । କ୍ରମଶଃ ଭକ୍ତଙ୍କ ମନସ୍କାମନା ପୁରଣ ହେବାସହ ମନରେ ଅଗାଢ଼ ଭକ୍ତି ନେଇ ଧିରେଧିରେ ଏହି ଅଂଚଳରେ କାଉଡ଼ିଆଙ୍କର ସଂଖ୍ୟା ବଢ଼ିବାରେ ଲାଗିଛି । ବାଲିଗୁଡା ସମେତ ଆଖପାଖ ଅଂଚଳର ହଜାର ହଜାର କାଉଡ଼ିଆ ବାଲିଗୁଡା ଖଡ଼ଗନଦୀ ସମେତ ବିଭିନ୍ନ ଘାଟରେ ଏକାଠି ହୋଇ ଘାଟରୁ ଜଳନେଇ ମହାଦେବଙ୍କ ନିକଟରେ ଜଳଲାଗି କରିବାପାଇଁ ବାହାରିଥାନ୍ତି। ପ୍ରଥମ ସୋମବାରରୁ ବାଲିଗୁଡାରେ କାଉଡ଼ିଆଙ୍କର ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଛି। ଶ୍ରାବଣ ମାସରେ ମହାଦେବଙ୍କ ନିକଟରେ ଜଳଲାଗି କଲେ କୋଟି ପୂଣ୍ୟ ମିଳେ। ଏହି ବିଶ୍ୱାସ ନେଇ ଦୂର ଦୂରାନ୍ତରୁ କାଉଡ଼ିଆ ଜଳନେଇ ମହାଦେବଙ୍କ ନିକଟରେ ଜଳଲାଗି କରିବାପାଇଁ ଶିବାଳୟ ଅଭିମୁଖେ ବାହାରିଥିଲେ।

## ନିଶା ନିବାରଣ କେନ୍ଦ୍ର ପରିଚାଳନା ନେଇ ଦିନିକିଆ କର୍ମଶାଳା ଓ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ

ଭୁବନେଶ୍ୱର, ୨୩/୦୭ (ନି.ପ୍ର): ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଆନୁକୂଲ୍ୟରେ ନିଶା ନିବାରଣ କେନ୍ଦ୍ରଗୁଡ଼ିକର ପରିଚାଳନା ନିମନ୍ତେ ଦିନିକିଆ କର୍ମଶାଳା ଓ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ୟୁନିଟ-୬ ସ୍ଥିତ କ୍ୟାପିଟାଲ ହସ୍ପିଟାଲ ପରିସରରେ ଥିବା ଏସଆଇଡ଼ିଆର ସମ୍ମିଳନୀ କକ୍ଷରେ ଦିଶା ଯୋଜନା ଅଧିନରେ କେନ୍ଦ୍ରଗୁଡ଼ିକର ସୁପରିଚାଳନାକୁ ନେଇ ଏହି କର୍ମଶାଳା ଓ ତାଲିମ କାର୍ଯ୍ୟକ୍ରମ ଆୟୋଜିତ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀ ଉପସ୍ଥିତ ରହି ଚଳିତ ୨୦୨୪-୨୫ ବର୍ଷରେ ରାଜ୍ୟରେ ଆଉ ୫ ଟି ନିଶା ନିବାରଣ କେନ୍ଦ୍ର ଖୋଲାଯିବା ନେଇ ଯୋଜନା ରହିଛି ବୋଲି ମତ ପ୍ରକାଶ କରିଛନ୍ତି। କେନ୍ଦ୍ରଗୁଡ଼ିକର ସୁପରିଚାଳନା, ସ୍ୱଚ୍ଛତା ସମ୍ପର୍କରେ ଆଲୋଚନା କରାଯିବା ସହ ନିଶା ନିବାରଣ ପ୍ରକ୍ରିୟା, ଗୋଷ୍ଠୀ ସହଭାଗିତା, ସମାଜରେ ପୁନଃଏକୀକରଣ ବିଷୟରେ ବିସ୍ତୃତ ପର୍ଯ୍ୟାଲୋଚନା କରାଯାଇଥିଲା । ଆଜିର କର୍ମଶାଳା ଓ ତାଲିମ କାର୍ଯ୍ୟକ୍ରମରେ ଭୁବନେଶ୍ୱରସ୍ଥିତ ଫେଥ୍ ଚାରିଟେବଲ୍ ଟ୍ରଷ୍ଟ, ଖୋର୍ଦ୍ଧାର ମୁକ୍ତି ଫାଉଣ୍ଡେସନ୍, ବାଲେଶ୍ୱରର ପ୍ରୟାସ ସ୍ୱେଚ୍ଛାସେବୀ ସଂଗଠନ, ପୁରୀର ଭେଦିକ୍ ଗ୍ରୁପ୍, ବ୍ରହ୍ମପୁରର ପିପୁଲ୍ସ ଫୋରମ୍, କଟକର ପିକକ୍ ଫାଉଣ୍ଡେସନର ସଂଯୋଜକ ତାଲିମ କାର୍ଯ୍ୟକ୍ରମରେ ସାମିଲ ହୋଇଥିବାବେଳେ ସମାଜସେବୀ ଓ କାଉନସିଲର ଉପସ୍ଥିତ ରହି ତାଲିମ୍ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମରେ ବିଭାଗୀୟ ନିର୍ଦ୍ଦେଶକ ନିୟତି ପଟ୍ଟନାୟକ, ଅତିରିକ୍ତ ଶାସନ ସଚିବ ସନ୍ତୋଷ କୁମାର ପ୍ରଧାନ, ଉପ ଶାସନ ସଚିବ ବସନ୍ତ କୁମାର ବେହେରା ଓ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

## ସିଟିଟିସି ସହ ଓଡ଼ିଶା ବୈଷୟିକ ଶିକ୍ଷା ଓ ପ୍ରଶିକ୍ଷଣର ବୁଝାମଣାପତ୍ର ସ୍ୱାକ୍ଷରିତ

ଭୁବନେଶ୍ୱର, ୨୩/୦୭ (ନି.ପ୍ର): ଦେବଗଡ଼ ଜିଲ୍ଲାର ସରକାରୀ ବାରକୋଟ୍ ଆଇଟିଆଇ ଓ ଯାଜପୁର ଜିଲ୍ଲାର ସରକାରୀ ପଲିଟେକ୍‌ନିକ୍ ଠାରେ ମିନି ଟୁଲ୍ ରୁମ୍ ନିର୍ମାଣ ପାଇଁ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ଅଧିନରେ କାର୍ଯ୍ୟରତ ବୈଷୟିକ ଶିକ୍ଷା ଓ ପ୍ରଶିକ୍ଷଣର ନିର୍ଦ୍ଦେଶକ ରେଘୁ ଜି ଏବଂ ସେଂଟ୍ରାଲ ଟୁଲ୍ ରୁମ୍ ଓ ପ୍ରଶିକ୍ଷଣ କେନ୍ଦ୍ର ବା ସିଟିଟିସିର ସାଧାରଣ ପରିଚାଳକ ଏଲ୍. ରାଜଶେଖରଙ୍କ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଯାଇଛି । ଦକ୍ଷତା ବିକାଶ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଓ ବିଭାଗୀୟ ପ୍ରମୁଖ ଶାସନ ସଚିବ ଶ୍ରୀମତୀ ଉଷା ପାଢ଼ୀଙ୍କ ଉପସ୍ଥିତିରେ ମନ୍ତ୍ରୀଙ୍କ ପ୍ରକୋଷ୍ଠରେ ଏହି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଓଡ଼ିଶା ମିନେରାଲ ବିଅରିଂ ଏରିଆ ଡେଭ୍‌ଲପ୍‌ମେଂଟ କର୍ପୋରେସନ୍ (ଓମ୍‌ବାଡ୍‌ସି) ଏଥି ପାଇଁ ୫ କୋଟି ଟଙ୍କା ଅନୁଦାନ କରିଛି। ଏହା ଦ୍ୱାରା ଉଭୟ କେନ୍ଦ୍ରରେ ଉଭୟ ଶିକ୍ଷକ ଓ ଛାତ୍ରଛାତ୍ରୀମାନେ ପ୍ରଶିକ୍ଷଣ ପାଇପାରିବେ। ଯୁବକଯୁବତୀମାନଙ୍କର ଦକ୍ଷତା ବିକାଶ ହେବା ସହ ଆଧୁନିକ ବୈଷୟିକ ଜ୍ଞାନକୌଶଳରେ ପରିପୂର୍ଣ୍ଣ ହୋଇ ସେମାନେ ନିଜକୁ ରୋଜଗାରକ୍ଷମ କରିପାରିବେ। ଏତଦ୍‌ବ୍ୟତୀତ ପ୍ରଶିକ୍ଷକମାନଙ୍କର ଉତ୍ପାଦିକତା କ୍ଷେତ୍ରରେ ପୁନଃଦକ୍ଷତା ଓ ଉଚ୍ଚତର ଦକ୍ଷତା କ୍ଷମତା ମଧ ହାସଲ ହୋଇପାରିବ। କେନ୍ଦ୍ରୀୟ ଯାନ୍ତ୍ରିକ ଓ ପ୍ରଶିକ୍ଷଣ କେନ୍ଦ୍ର ବା ସିଟିଟିସି କେନ୍ଦ୍ର ସରକାରଙ୍କ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ମନ୍ତ୍ରଣାଳୟ ଦ୍ୱାରା ସ୍ୱୀକୃତିପ୍ରାପ୍ତ ଅଟେ। ଏହି ଅନୁଷ୍ଠାନ ଓମ୍‌ବାଡ୍‌ସି ଅଧିନସ୍ଥ ସରକାରୀ ପଲିଟେକ୍‌ନିକ୍ ଯାଜପୁର ଓ ଦେବଗଡ଼ର ବାରକୋଟ ସରକାରୀ ଆଇଟିଆଇକୁ ଅଧିସ୍ୱୀକୃତି ପ୍ରଦାନ କରିବ। ଏହାଛଡ଼ା କମ୍ପ୍ୟୁଟର ନ୍ୟୁମରିକାଲ କଂଟ୍ରୋଲ ମିଲିଂ ଓ ଟର୍ଣ୍ଣିଂ ପାଇଁ ଯେଉଁ ପ୍ରଶିକ୍ଷଣ ଦିଆଯାଏ ତାହାକୁ ସାର୍ଟିଫିକେଟ ପ୍ରଦାନ କରିବ । ଉତ୍ପାଦିକତା ଦେଶର ଅର୍ଥନୀତି ଓ ସାମଗ୍ରିକ ଅଭିବୃଦ୍ଧିର ମୁଖ୍ୟ ଇଞ୍ଜିନ୍ ବୋଲି ପରିଗଣିତ ହୋଇଛି । ଦେଶରେ ଆବଶ୍ୟକୀୟ ଜିଡିପି ଅଭିବୃଦ୍ଧି ପାଇଁ ଉତ୍ପାଦିକତା ଅଭିବୃଦ୍ଧି ସିଧାସଳଖ ସଂପୃକ୍ତ ଅଟେ। ଜଗତିକରଣକୁ ସାମ୍ନା କରିବାକୁ ହେଲେ ଏକ ନିରନ୍ତର ଅଭିବୃଦ୍ଧି ଏବଂ ପ୍ରତିଯୋଗିତାମୂଳକ ଉତ୍ପାଦିକତା କ୍ଷେତ୍ର ପ୍ରସ୍ତୁତ ହେବା ଆବଶ୍ୟକ। ଦେଶର ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ଉତ୍ପାଦିକତାର ଏକ ମୂଲ୍ୟବାନ ଅବଦାନ କହିଲେ ଅତ୍ୟୁକ୍ତି ହେବ ନାହିଁ । ତଥାପି ଏମ୍‌ଏସ୍‌ଏମ୍‌ଇ ଓ ବୃହତ୍ ଶିଳ୍ପ ମଧ୍ୟରେ ଥିବା ସମସ୍ତ ସୁବିଧାସୁଯୋଗ ସୁଦକ୍ଷ ମାନବସମ୍ବଳ ସହ ଯଥେଷ୍ଟ ନୁହେଁ । ସେଥିପାଇଁ ଓଡ଼ିଶା ସରକାର ପୂର୍ବରୁ ଅନେକ ଟୁଲ୍ ରୁମ୍ ସହ ବର୍ତ୍ତମାନ ୨ଟି ଟୁଲ୍ ରୁମ୍‌ର ସମ୍ପ୍ରସାରଣ କରିଛନ୍ତି । ଏହି ମିନି ଟୁଲ୍ ରୁମ୍‌ରେ ମେସିନାରୀ ଓ ଟ୍ରେନିଂ ଉଭୟ ସୁବିଧା ରହିବ । ମେସିନାରୀ ଟ୍ରେନିଂ, ଆଧୁନିକ ଜ୍ଞାନକୌଶଳ ଏବଂ ଅତ୍ୟାଧୁନିକ ଭିତିଭୂମି ଦ୍ୱାରା ଦକ୍ଷ ମାନବସମ୍ବଳ ସୃଷ୍ଟି ହୋଇପାରିବ।

## ପୌର ୱାର୍ଡ଼ କୋର୍ଡିନେଟର ୟୁନିଅନ୍ ୩ ଦଫା ଦାବି ନେଇ ଆସନ୍ତା ୨୯ ତାରିଖ ଦିନ ବିଧାନସଭା ଘେରାଉ

ବଲାଙ୍ଗିର, ୨୩/୦୭ (ନି.ପ୍ର): ନିଖିଳ ଓଡିଶା ପୌର ୱାର୍ଡ କୋର୍ଡିନେଟର ୟୁନିଅନ୍ ୩ ଦଫା ଦାବି ନେଇ ଆସନ୍ତା ୨୯ ତାରିଖ ଦିନ ବିଧାନସଭା ଘେରାଉ କରିବ । ବିଭିନ୍ନ ପ୍ରକାର ସରକାରୀ ସେବାରେ ୱାର୍ଡ କୋର୍ଡିନେଟର ମାନଙ୍କୁ ନିଯୁକ୍ତ କରାଯାଉଥିଲେ ହେଁ ସେମାନଙ୍କୁ ପାରିତୋଷିକ ବା ଦରମା ପ୍ରଦାନ କରାଯାଉ ନାହିଁ । ପୌରାଞ୍ଚଳର ଶହ ଶହ ଶିକ୍ଷିତା ଯୁବତୀ ମାନଙ୍କୁ ଚୟନ କରି ଅଣଔପଚାରିକ ଭାବରେ କାମ କରାଇ ସମ୍ପୂର୍ଣ୍ଣ ଅନିଶ୍ଚିତତା ମଧ୍ୟରେ ଛାଡି ଦିଆଯାଇଛି । ସେମାନଙ୍କୁ ବିଧୀବଦ୍ଧ ଭାବରେ ନିଯୁକ୍ତ କରାଯାଇନାହିଁ । ପ୍ରକାଶ ଯେ, ଗତ ୨୦୨୨ ମସିହାରେ ଗୃହ ଓ ନଗର ଉନ୍ନୟନ ବିଭାଗ ତରଫରୁ ମିଶନ ଶକ୍ତି ଗ୍ରୁପ୍ ? ଜରିଆରେ ୱାର୍ଡ ଅଫିସ ଗଠନ କରିବା ପାଇଁ ମ୍ୟୁନିସିପାଲଟି ଓ ଏନ୍ ?ଏସି ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା । ତଦନୁଯାୟୀ ୱାର୍ଡ ଅଫିସ ଗଠନ କରି ତାର ପରିଚାଳନା ପାଇଁ ଜଣେ ଜଣେ ୱାର୍ଡ କୋର୍ଡିନେଟର ମାନଙ୍କୁ ନିଯୁକ୍ତ କରାଯାଇଥିଲା । ପାରିଶ୍ରମିକ ବାବଦକୁ ୧୦ ହଜାର ଟଙ୍କା ଓ ଅଫିସ ପରିଚାଳନା ବାବଦକୁ ୨ ହଜାର ଟଙ୍କା ମିଳିବ ବୋଲି କୁହାଯାଇଥିଲା । ଏହି ୱାର୍ଡ ଅଫିସର ମାନେ ୟୁଏଲ୍ ?ବି ପକ୍ଷରୁ ହୋଲଡିଂ ଟିକସ ଆଦାୟ ଠାରୁ ଆରମ୍ଭ କରି ନୂତନ ଭୋଟର ପରିଚୟ ପତ୍ର, ରାସନ କାର୍ଡ ପ୍ରସ୍ତୁତି, ଟ୍ରେଡ଼ ଲାଇସେନ୍ସ, ମାସିକ ଭତା ବଂଟନ, ନୂତନ ଏସ୍‌ଏଚ୍‌ଜି ଗଠନ, ଏସ୍‌ଏଚ୍‌ଜି ମାନଙ୍କର ଡାଟା ଏଂଟ୍ରି, ପରିମଳ ଅନୁଧ୍ୟାନ ଭଳି ଅନେକ କାମ କରୁଛନ୍ତି । କିନ୍ତୁ ନିଯୁକ୍ତି ଦେବାର ୨ ବର୍ଷ ବିତିଯାଇଥିଲେ ହେଁ ବର୍ତମାନ ସୁଦ୍ଧା ସେମାନଙ୍କୁ ପାରିଶ୍ରମିକ ପ୍ରଦାନ କରାଯାଇନାହିଁ । ତେଣୁକରି ଆସନ୍ତା ୨୯ ତାରିଖ ଦିନ ୩ ଦଫା ଦାବି ନେଇ ବିଧାନସଭା ଘେରାଉ ଡାକରା ଦେଇଛନ୍ତି । ରାଜ୍ୟର ସମସ୍ତ ୟୁଏଲବି ୱାର୍ଡ କୋର୍ଡିନେଟର ମାନଙ୍କୁ ବିଧିବଦ୍ଧ ଭାବରେ ନିୟୋଜନ କରିବା ସହିତ ସେମାନଙ୍କ ପ୍ରାପ୍ୟ ପ୍ରଦାନ କରିବାକୁ ସେମାନେ ଦାବି କରିଛନ୍ତି ।

## ଗେଟବଜାର ମୁଖ୍ୟ ସଡକ ଉପରେ ମାଛ ବଜାର

ଗଂଜାମ, ୨୩/୦୭ (ନି.ପ୍ର): ବ୍ରହ୍ମପୁର ଗେଟ୍ ବଜାର ମୁଖ୍ୟ ସଡ଼କ ଉପରେ ପ୍ରାୟ ଅଧ କିଲୋମିଟର ବ୍ୟାପି ଦୁଇ ପାର୍ଶ୍ୱରେ ବହୁ ମାଛ ବେପାରୀ ତାଙ୍କର ପସରା ଖୋଲି ବ୍ୟବସାୟ କରିବା ଫଳରେ ରାସ୍ତା ଜାମ୍ ହେଉଛି । ଫଳରେ ଏହି ରାସ୍ତାରେ ବସ୍, ଟ୍ରକ୍, ଟ୍ରାକ୍ଟର, ଅଟୋ, ରିକ୍ସା, ସାଇକଲ, ହଜାର ହଜାର ଜନସାଧରଣଙ୍କ ଯାତାୟତରେ ପ୍ରତିବନ୍ଧକ ସୃଷ୍ଟି ହେଉଛି। ଏହି ରାସ୍ତା ଦେଇ ଶହ ଶହ କୋମଳମତି କୁନିକୁନି ଛାତ୍ରଛାତ୍ରୀ ସ୍କୁଲ ଯାଉଥିବା ବେଳେ ରାସ୍ତା ଉପରେ ପ୍ରତ୍ୟେକ ଦିନ ଶହଶହ ଛେଳି, କୁକୁଡ଼ା କଟା ଯାଉଥିବା କରୁଣ ଦୃଶ୍ୟ ଛାତ୍ର ଛାତ୍ରୀଙ୍କ ମନରେ କୁପ୍ରଭାବ ପକାଉଛି। ଗେଟ୍ ବଜାରରେ ବିଇଏମସିର ମାଛବଜାର ପାଇଁ ସ୍ୱତନ୍ତ୍ର ଗୃହ ଓ ପିଣ୍ଡି ନିର୍ମିତ ହୋଇଥିଲେ ମଧ ମାଛ ବ୍ୟସାୟୀ ମାନେ ଉଦ୍ଦିଷ୍ଟ ସ୍ଥାନରେ ମାଛ ବିକ୍ରୀ ନକରି ଗ୍ରାହକ ମାନଙ୍କୁ ଆକୃଷ୍ଟ କରିବା ପାଇଁ ସଡ଼କ ଉପରେ ପସରା ମେଲାଉଛନ୍ତି। ଫଳରେ ଅନେକ ସମୟରେ ଛୋଟବଡ ଦୁର୍ଘଟଣା ମଧ ଘଟୁଛି। ତଥାପି ବିଇଏମସିର ଏଥିପାଇଁ ନିଘା ନଥିବାରୁ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇବାରେ ଲାଗିଛି।

## ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ପ୍ଲାଷ୍ଟିକ୍ ସର୍ଜରୀର ଭୂମିକା ବେଶ ଗୁରୁତ୍ୱପୂର୍ଣ୍ଣ

ଭୁବନେଶ୍ୱର, ୨୩/୦୭ (ନି.ପ୍ର): ପୋଡ଼ାଜଳା, କର୍କଟ, ଲିମ୍ଫେଡେମା ଏବଂ ପ୍ରସାଧନ ପ୍ରଣାଳୀ ସମେତ ବିଭିନ୍ନ ଅବସ୍ଥାର ଜୀବନ ପରିବର୍ତନକାରୀ ସମାଧାନ ପ୍ରଦାନ ଭଳି ସ୍ୱାସ୍ଥ୍ୟସେବାରେ ପ୍ଲାଷ୍ଟିକ୍ ସର୍ଜରୀ ଏକ ଗୁରୁତ୍ୱପୂର୍ଣ୍ଣ କାରକ ଭାବରେ ଉଭା ହୋଇଛି। ଏହା ରୋଗୀଙ୍କୁ ଉଭୟ ଶାରିରୀକ କାର୍ଯ୍ୟକ୍ଷମତା ସହିତ ସୌନ୍ଦର୍ଯ୍ୟଗତ ଆବଶ୍ୟକତାକୁ ପୂରଣ କରିବାରେ ଅଶେଷ ସହାୟକ ହେଉଛି। ଏମ୍‌ସ ଭୁବନେଶ୍ୱରରେ ଥିବା ଦେଶର ଅନନ୍ୟ ବର୍ଣ୍ଣସ ୟୁନିଟ୍ ଗୁଣବତାପୂର୍ଣ୍ଣ ପ୍ଲାଷ୍ଟିକ୍ ସର୍ଜରୀ ସେବା ଯୋଗାଇବାରେ ଅଗ୍ରଣୀ ଭୂମିକା ନିର୍ବାହ କରୁଛି। ଏହି କ୍ଷେତ୍ରରେ କିନ୍ତୁ ଅଧିକ ଗବେଷଣା ଏବଂ ଜନସଚେତନତା ସମୟର ବିରାଟ ଆହ୍ୱାନ ବୋଲି ବିଶ୍ୱ ପ୍ଲାଷ୍ଟିକ୍ ସର୍ଜରୀ ଦିବସ ପାଳନ ଅବସରରେ ଏମ୍‌ସ ଭୁବନେଶ୍ୱର ବର୍ଣ୍ଣସ ଏବଂ ପ୍ଲାଷ୍ଟିକ୍ ସର୍ଜରୀ ବିଭାଗ ଦ୍ୱାରା ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ବିଶେଷଜ୍ଞମାନେ ମତବ୍ୟକ୍ତ କରିଛନ୍ତି। ଆସୋସିଏସନ୍ ଅଫ୍ ପ୍ଲାଷ୍ଟିକ୍ ସର୍ଜନ ଅଫ୍ ଇଣ୍ଡିଆ (ଏପିଏସ୍‌ଇ) ଅଧୀନରେ ଚଳିତ ବର୍ଷ ପ୍ଲାଷ୍ଟିକ୍ ଏଣ୍ଡ୍ ରିକନଷ୍ଟ୍ରକ୍ଟିଭ୍ ସର୍ଜରୀ ସପ୍ତାହ ଆରମ୍ଭ କରାଯାଇଛି। ସପ୍ତାହ ବ୍ୟାପୀ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଏକାଧିକ ପ୍ଲାଷ୍ଟିକ୍ ସର୍ଜରୀ ଅସ୍ତ୍ରୋପଚାର କରାଯାଇଥିଲା। ଏଥିସହିତ ବିଭିନ୍ନ ଜଟିଳ ରୋଗର ମାଗଣା ଚିକିତ୍ସାସେବା ପ୍ରଦାନ କରାଯାଇଥିଲା। ବିଭାଗ ପକ୍ଷରୁ ବିଭିନ୍ନ ଅସ୍ତ୍ରୋପଚାର, ସଚେତନତା କାର୍ଯ୍ୟକ୍ରମ, ପୋଡ଼ାଜଳା ଏବଂ କର୍କଟ ରୋଗରେ ପୀଡ଼ିତଙ୍କୁ ଚିକିତ୍ସାସେବା ପ୍ରଦାନ କରାଯାଇଥିଲା। ଏମ୍‌ସ ଭୁବନେଶ୍ୱରରେ ଥିବା ଅତ୍ୟାଧୁନିକ ବର୍ଣ୍ଣସ ୟୁନିଟ୍ ଓଡ଼ିଶା ଏବଂ ପଡ଼ୋଶୀ ରାଜ୍ୟରୁ ଗୁରୁତର ଜଟିଳ ପୋଡ଼ାଜଳା ଆଘାତର ଚିକିତ୍ସା କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରି ରୋଗୀଙ୍କ ଜୀବନରେ ଆନନ୍ଦ ଆଣିଦେଇଛି। ଉନ୍ନତମାନର ସର୍ଜରୀ ଏବଂ ସମ୍ବେଦନଶୀଳ ଯତ୍ନ ମାଧ୍ୟମରେ ଏହି ବିଭାଗ ସମଗ୍ର ପୂର୍ବ ଭାରତରେ ସୁନାମ ଅର୍ଜନ କରିଥିବା ଏହି ଜାତୟ ଅନୁଷ୍ଠାନର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ଆଶୁତୋଷ ବିଶ୍ୱାସ ପ୍ରକାଶ କରିଛନ୍ତି। ବିଭାଗୀୟ ମୁଖ୍ୟ ଡ. ସଞ୍ଜୟ ଗିରିଙ୍କ ମତରେ ସଙ୍କୋଚନ ଥେରାପି ମାଧ୍ୟମରେ ବିରାଟ ଲିମ୍ଫେଡେମା ହ୍ରାସ କରିବା, ଦ୍ୱିଚାର ଏକ ବୃହତ ସିନୋଭିଆଲ୍ ସେଲ୍ ସାର୍କୋମା ଅସ୍ତ୍ରୋପଚାର ସହିତ ମୁମ୍ବାଇ, ବାଙ୍ଗାଲୋର, ଏବଂ କୋଲକାତାର ଚର୍ମ ବ୍ୟାଙ୍କଗୁଡିକର ଆଲୋଗ୍ରାଫ୍ଟ ବ୍ୟବହାର କରିବା ଭଳି ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ହାସଲ କରିଛୁ। ୫୦, ୬୦ ଏବଂ ୭୦ ପ୍ରତିଶତରୁ ଅଧିକ ପୋଡ଼ିଯାଇଥିବା ରୋଗୀମାନଙ୍କର ସଫଳ ଚିକିତ୍ସା କରାଯାଇଛି। ସେହିପରି ସମ୍ପୂର୍ଣ୍ଣ କଟିଯାଇଥିବା ହାତ, ଆଙ୍ଗୁଠିକୁ ଯୋଡ଼ିବା ଭଳି ପ୍ରଶଂସାଜନକ କାର୍ଯ୍ୟ ସଫଳତାର ସହିତ ସମ୍ପନ୍ନ କରାଯାଇଛି।

ଏହି କାର୍ଯ୍ୟକ୍ରମରେ ଏପିଏସ୍‌ଆଇ ସମ୍ପାଦକ ଡ. ବିଜୟ କୁମାର, ଏମ୍‌ସ ଭୁବନେଶ୍ୱର ପ୍ରେସିଡେଂଟ ଡ. ଶୈଳେଶ୍ କୁମାର, ଡ. ଏନ୍ ଦୀପ ବାଗ, ଡିନ୍ ଡ. ପିଆର ମହାପାତ୍ର, ମେଡିକାଲ୍ ଅଧୀକ୍ଷକ ଡ. ଦିଲ୍ଲୀପ କୁମାର ପରିଡ଼ା, ଡିଡିଏ ଅଭିଜିତ ପାଲ୍, ଏସ୍‌ଏଓ ରଶ୍ମି ରଂଜନ ସେଠୀଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ।

## ଗୁରୁ ପୂର୍ଣ୍ଣିମାରେ ଧର୍ମପ୍ରାଣା ସରୋଜିନୀଙ୍କ ଜୟନ୍ତୀ ପାଳିତ

କେନ୍ଦ୍ରାପଡ଼ା, ୨୩/୦୭ (ନି.ପ୍ର): ଆଷାଢ଼ ପୂର୍ଣ୍ଣିମାରେ କୃଷ୍ଣ-ଦ୍ୱୈପାୟନ ଭଗବାନ ଶ୍ରୀବ୍ୟାସଦେବ ଜନ୍ମଲାଭ କରିଥିବାରୁ ଏହାକୁ ବ୍ୟାସ ପୂର୍ଣ୍ଣିମା ବା ଗୁରୁ ପୂର୍ଣ୍ଣିମା ଭାବରେ ଅଭିହିତ କରାଯାଏ । ସର୍ବଭାରତୀୟ ସାଂସ୍କୃତିକ ପରମ୍ପରା ଅନୁସାରେ ଏହିଦିନ ବିଭିନ୍ନ ମଠ, ମନ୍ଦିର, ଗୁରୁଧାମ ଏବଂ ଆଧାତ୍ମିକ ସାଂସ୍କୃତିକ ଅନୁଷ୍ଠାନମାନଙ୍କରେ ଗୁରୁପୂର୍ଣ୍ଣିମା ଉତ୍ସବ ଯଥାବିଧି ପାଳନ କରାଯାଏ । ଏହି କ୍ରମରେ କେନ୍ଦ୍ରାପଡା ଜିଲ୍ଲାର ଏକମାତ୍ର ଗୋଷ୍ଠୀ ବେତାର କେନ୍ଦ୍ର ବାରୁଅସ୍ଥିତ ରେଡିଓ ଭାବଗ୍ରାହୀ ଏବଂ ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ଭାବଗ୍ରାହୀ କଳାନିକେତନର ମିଳିତ ଆନୁକୂଲ୍ୟରେ ଗୁରୁପୂର୍ଣ୍ଣିମା ଏବଂ କବି ଭାବଗ୍ରାହୀ ପରିଡାଙ୍କ ଧର୍ମପତ୍ନୀ ଧର୍ମପ୍ରାଣା ସରୋଜିନୀ ପରିଡାଙ୍କ ୯୦ତମ ଜୟନ୍ତୀ ଉତ୍ସବ ରେଡିଓ ଭାବଗ୍ରାହୀ ଏବଂ ଭାବଗ୍ରାହୀ କଳା ନିକେତନର ପ୍ରତିଷ୍ଠାତା ସମ୍ପାଦକ ସଙ୍ଗୀତଜ୍ଞ ବିମଳ ପ୍ରସାଦ ପରିଡାଙ୍କ ପୌରୋହିତ୍ୟରେ ଚିରସବୁଜ ଅକ୍ଷୟ ମହାନ୍ତି କକ୍ଷରେ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ଏହି ଭବ୍ୟ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ପ୍ରାଧ୍ୟାପକ ପ୍ରଶାନ୍ତ କୁମାର ପାଣି, ମୁଖ୍ୟବକ୍ତା ଭାବରେ ସତୀର୍ଥର ସମ୍ପାଦକ କବି ମନ୍ମଥନାଥ ବରାଳ, ସମ୍ମାନୀତ ଅତିଥି ଭାବରେ ବାଣୀ ବିନୋଦ ସାହିତ୍ୟ ସେବା ନିକେତନର ସଭାପତି ନିରଞ୍ଜନ ପରିଡା, କବି ରାମକୃଷ୍ଣ ଦାଶ, ସତୀର୍ଥ ସଭାପତି ଅମର ପ୍ରସାଦ ରାଉତ୍ ପ୍ରମୁଖ ଯୋଗଦେଇ ଗୁରୁପୂର୍ଣ୍ଣିମା ପାଳନର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋଚନା କରିବା ସହିତ ଆଦର୍ଶ ଜନନୀ ସରୋଜିନୀ ପରିଡାଙ୍କ ସମ୍ପର୍କିତ ସ୍ମୃତିଚାରଣ ପୂର୍ବକ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଗୀତିକାର ତଥା ଗାୟକ ବିମଳ ପରିଡା ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ ସହିତ ଜଗଦ୍‌ଗୁରୁ ଶ୍ରୀକୃଷ୍ଣ, ଶିବ ଶଙ୍କର, ବ୍ୟାସଦେବ, ଶିରିଡି ସାଇ ବାବା, ସ୍ୱାମୀ ବିବେକାନନ୍ଦ, ଦିବ୍ୟ ଜୀବନ ସଂଘର ପ୍ରତିଷ୍ଠାତା ସ୍ୱାମୀ ଶିବାନନ୍ଦ, ସ୍ୱାମୀ ଚିଦାନନ୍ଦ ଏବଂ ସ୍ୱାମୀ ଧ୍ୟାନାନନ୍ଦ ସରସ୍ୱତୀଙ୍କ ସମେତ ସଂଗୀତଜ୍ଞ ଅକ୍ଷୟ ମହାନ୍ତି, ଭଜନ ସମ୍ରାଟ୍ ଭିକାରୀ ବଳ, କବି ଭାବଗ୍ରାହୀ ପରିଡା ଏବଂ ସରୋଜିନୀ ପରିଡାଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରି ଗୁରୁପୂର୍ଣ୍ଣିମାର ମାହାତ୍ମ୍ୟ ଏବଂ ସରୋଜିନୀ ପରିଡାଙ୍କ ବନ୍ଧୁ ବତ୍ସଳତା, ସନ୍ତାନ ପ୍ରୀତି ଏବଂ ଧର୍ମ ପରାୟଣତା ସମ୍ପର୍କରେ ବିଷଦ ଭାବରେ ଆଲୋଚନା କରିଥିଲେ । ରୂପାଲୀ ସୂତାର, ଅର୍ଚ୍ଚନା ପରିଡା, ରାଜଲକ୍ଷ୍ମୀ ପରିଡା, ଶ୍ରାବଣୀ ସେଠୀ, ପାୟଲ ତ୍ରିପାଠୀ, ଅଙ୍କିତା ପରିଡା ସ୍ୱାଗତ ସଂଗୀତ ଗାଇଥିଲେ। କଣ୍ଠଶିଳ୍ପୀ ମାଗୁଣୀ ସୂତାର ଏବଂ ସୁରେନ୍ଦ୍ର ରାଉତ ଗୁରୁ ବନ୍ଦନା ଗାଇଥିଲେ । ରେଡିଓ ଭାବଗ୍ରାହୀର ମୁଖ୍ୟ ଟ୍ରଷ୍ଟି ଧୀରାମଣି ପରିଡା, ଇଂ. ବିଶ୍ୱଜିତ ପରିଡା, ନାଟ୍ୟ ନିର୍ଦ୍ଦେଶକ ଭୀମସେନ ପ୍ରଧାନ, ହଳଧରର ମୁଖ୍ୟ କାର୍ଯ୍ୟନିର୍ବାହୀ ସୁଶ୍ରୀ ସଂଗୀତା ଜେନା, ଇଂ. ଦିବ୍ୟଜ୍ୟୋତି ପରିଡା, ଇଂ ଇତିଶ୍ରୀ ଖୁଂଟିଆ, ପ୍ରଭାତ ବେହେରା, କାଜଲ ପରିଡା, କାର୍ତିକ ଖୁଂଟିଆ, ପ୍ରଭାତ ସାହୁ, ବିଶାଲ୍ ପରିଡା, ବାସନ୍ତୀ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ । ଆବାହକ ବିମଳ ପରିଡା ଭୀମଭୋଇଙ୍କ ରଚନାରୁ ଅକ୍ଷୟ ମହାନ୍ତିଙ୍କ ସମର୍ପି ଦେଲି ପାଇଲ ସର୍ବ, ବୁଝ ନ ବୁଝ ସ୍ୱାମୀ ଗୁରୁଦେବ, ଭଜନ ଗାଇ ବିଶ୍ୱର ସମସ୍ତ ସଦ୍‌ଗୁରୁମାନଙ୍କୁ ଭକ୍ତି ନୈବେଦ୍ୟ ଅର୍ପଣ କରିଥିଲେ ।

## ଶିକ୍ଷା ସପ୍ତାହର ପ୍ରଥମ ଦିନରେ ଶିକ୍ଷଣ ସାମଗ୍ରୀ ଦିବସ ପାଳିତ

ଭୁବନେଶ୍ୱର, ୨୩/୦୭ (ନି.ପ୍ର): ଜାତୀୟ ଶିକ୍ଷା ନୀତି-୨୦୨୦ର ଚତୁର୍ଥ ବାର୍ଷିକ ପୂର୍ତି ଅବସରରେ ରାଜ୍ୟର ବିଭିନ୍ନ ଶିକ୍ଷାନୁଷ୍ଠାନରେ ଶିକ୍ଷା ସପ୍ତାହ କାର୍ଯ୍ୟକ୍ରମ ଆରମ୍ଭ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପ୍ରତ୍ୟେକ ଦିନକୁ ସ୍ୱତନ୍ତ୍ର ଭାବରେ ପାଳନ କରାଯିବ । ଏହି କ୍ରମରେ ଆଜି ଶିକ୍ଷଣ ସାମଗ୍ରୀ (ଟିଏଲଏମ୍) ଦିବସ ପାଳନ କରାଯାଇଛି । ସ୍ଥାନୀୟ ପ୍ରସଙ୍ଗ ଓ ଏହାକୁ ଶ୍ରେଣୀ ଗୃହରେ କିପରି ବ୍ୟବହାର କରାଯାଇପାରିବ ସେ ନେଇ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ପ୍ରୋତ୍ସାହିତ କରାଯାଇଛି । ଶିକ୍ଷଣ ସାମଗ୍ରୀ ଦିବସ ପାଳନ କରିବାର ଉଦ୍ଦେଶ୍ୟ ହେଲା ବିଦ୍ୟାର୍ଥୀଙ୍କ ଶିକ୍ଷଣ ପ୍ରକ୍ରିୟାକୁ ଆହୁରି ସହଜ ଓ ସାବଲୀଳ କରିବା। ଏହି ପ୍ରକ୍ରିୟାରେ ଉଭୟ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ଓ ଅଭିଭାବକମାନଙ୍କୁ ଅନ୍ତର୍ଭୁକ୍ତ କରାଯାଇଛି ।

## ସ୍ୱଚ୍ଛସାଥୀ ଓ ସୁପରଭାଇଜରଙ୍କ ପକ୍ଷରୁ ଅତିରିକ୍ତ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ

ବଲାଙ୍ଗିର, ୨୩/୦୭ (ନି.ପ୍ର): ସଫେଇ ଓ ପରିମଳ କାର୍ଯ୍ୟରେ ନିୟୋଜିତ ସ୍ୱଚ୍ଛସାଥୀ ଓ ସୁପରଭାଇଜର ବର୍ଦ୍ଧିତ ଦରମା ସମେତ ଅନ୍ୟାନ୍ୟ ଦାବି ନେଇ ଅତିରିକ୍ତ ଜିଲ୍ଲାପାଳଙ୍କୁ ଭେଟି ଆଲୋଚନା କରିଛନ୍ତି ଓଡିଶା ସ୍ୱଚ୍ଛସାଥୀ ଓ ସୁପରଭାଇଜର ସଂଘ । ରାଜ୍ୟର ବିଭିନ୍ନ ମହାନଗର ନିଗମ, ପୌରପରିଷଦ ଓ ବିଜ୍ଞାପିତ ପରିଷଦ ଅଂଚଳରେ ଦୀର୍ଘ ୪ ବର୍ଷରୁ ଅଧିକ ସମୟ ଧରି ସରକାରଙ୍କ ବିଭିନ୍ନ ଯୋଜନାରେ ନାଗରିକ ମାନଙ୍କୁ ସେବା ପ୍ରଦାନ କରୁଛନ୍ତି । କିନ୍ତୁ ପରିତାପର ବିଷୟ ଯେ, ଏତେ ବର୍ଷ ଧରି ନିଷ୍ଠାପର ଭାବରେ କର୍ତବ୍ୟ ସମ୍ପାଦନ କରୁଥିଲେ ହେଁ ସ୍ୱଚ୍ଛସାଥି ଓ ସୁପରଭାଇଜରକ ମାନେ ସମ୍ପୂର୍ଣ୍ଣ ଭାବରେ ଅବହେଳାର ଶିକାର ହୋଇଥିବା ଅଭିଯୋଗ କରିଛନ୍ତି । ରାଜ୍ୟ ସରକାର ସ୍ୱଚ୍ଛସାଥି ମାନଙ୍କ ଦରମା ବୃଦ୍ଧି ଘୋଷଣା କରିଛନ୍ତି ସତ କିନ୍ତୁ ସେଥିରେ ଉତ୍କୃଷ୍ଟ କାର୍ଯ୍ୟ ପ୍ରଦର୍ଶନର ସର୍ତ ଲଗାଇଛନ୍ତି । ଦରମା ପାଇଁ ସ୍ୱତନ୍ତ୍ର ଅନୁଦାନର ବ୍ୟବସ୍ଥା ନକରି ୟୁଏଲବି ଅଧୀନରେ ଛାଡ଼ିଦେବା ଫଳରେ ସେମାନେ ସ୍ୱଚ୍ଛସାଥି ଓ ସୁପରଭାଇଜରଙ୍କ ଦରମାରେ ୟୁଜର୍ସ ଫିଜ୍ ଆଦାୟର ସର୍ତ ରଖିଛନ୍ତି । ଏଭଳି ପରିସ୍ଥିତିରେ ନିଜର ମୌଳିକ ଅଧିକାର ଏବଂ ସର୍ବନିମ୍ନ ମଜୁରୀରୁ ଏମାନେ ବଂଚିତ ହୋଇଛନ୍ତି । ସ୍ୱଚ୍ଛସାଥି ଓ ସୁପରଭାଇଜର ମାନେ ନିଜର ଭବିଷ୍ୟତକୁ ନେଇ ଆଶା ଆଶଙ୍କାରେ ରହିଛନ୍ତି । ତେଣୁକରି ସେମାନେ ଦରମା ବୃଦ୍ଧି ଦାବି କରିବା ସହିତ ଅନ୍ୟାନ୍ୟ ୧୦ ଦଫା ଦାବି ସମ୍ବଳିତ ସ୍ମାରକ ପତ୍ର ଅତିରିକ୍ତ ଜିଲ୍ଲାପାଳ ବିଜୟାନନ୍ଦ ସେଠୀଙ୍କୁ ପ୍ରଦାନ କରିଥିଲେ । ଆସନ୍ତା ଜୁଲାଇ ମାସ ୨୯ ତାରିଖ ଦିନ ବିଧାନସଭା ଘେରାଉ କରିବେ ବୋଲି ସୂଚନା ଦେଇଥିଲେ ।

## ମା' ରମାଦେବୀ ଥିଲେ ଓଡ଼ିଶାର ନାରୀ ଜାଗରଣର ପ୍ରତୀକ

ଭୁବନେଶ୍ୱର, ୨୩/୦୭ (ନି.ପ୍ର): ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ, ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ପଟ୍ଟଶିଷ୍ୟା, ସର୍ବୋଦୟ ନେତ୍ରୀ ଓଡ଼ିଶାରେ ନାରୀ ସଶକ୍ତିକରଣର ଅଗ୍ରଣୀ ସେନାପତି ପୂଜ୍ୟା ମା' ରମାଦେବୀଙ୍କର ୩୯ତମ ପୁଣ୍ୟତିଥି ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ପୂଜ୍ୟପୂଜା ଅଧିକାରୀ ଲକ୍ଷ୍ମୀଧର ବେହେରାଙ୍କ ସଂଯୋଜନାରେ ଆଜି ପ୍ରତ୍ୟୁଷରେ ଭୁବନେଶ୍ୱର ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ପରିସରସ୍ଥ ପ୍ରତିମର୍ତିସ୍ଥଳୀରେ ଅନୁଷ୍ଠିତ ହୋଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି । ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡକ୍ଟର ଅପରାଜିତା ଚୌଧୁରୀଙ୍କ ପୌରହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜଗତ୍‌ସିଂହପୁର ବିଧାୟକ ଅମରେନ୍ଦ୍ର ଦାସ, ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା, ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ଗାନ୍ଧିବାଦୀ ପ୍ରହ୍ଲାଦ ସିଂହ, ବିଶ୍ୱବିଦ୍ୟାଳୟର ସ୍ନାତକୋ ର କାଉନ୍‌ସିଲର ଅଧ୍ୟକ୍ଷ ପ୍ରଫେସର (ଡ.) ଚଣ୍ଡି ଚରଣ ରଥ, ନିର୍ଦ୍ଦେଶକ, ଆଇକ୍ୟୁଏସି ସେଲ୍ ଡ. ସସ୍ମିତା ମହାନ୍ତି, କୁଳସଚିବ ଶ୍ୟାମଳୀ ମହାପାତ୍ର, ପ୍ରଶାସନିକ ଅଧିକାରୀ ସ୍ନେହଲତା ଦାସଙ୍କ ସମେତ ବିଶ୍ୱବିଦ୍ୟାଳୟର ଅଧ୍ୟାପକ ଅଧ୍ୟାପିକା ମଣ୍ଡଳୀ ତଥା ଛାତ୍ରୀବୃନ୍ଦ ଯୋଗଦେଇଥିଲେ । ଗାୟକ ଆହ୍ଲାଦ ସୁରେନ୍ଦ୍ର ନାଥ ଛୋଟରାୟ ବନ୍ଦନା ଗାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପ୍ରଫେସର (ଡ.) ରଙ୍ଗାଧର ସାହୁ, ଅଧ୍ୟାପକ ରମେଶ ଚନ୍ଦ୍ର ପାତାଳସିଂହ, ସମାଜସେବୀ ପଣ୍ଡିତ ଗିରିଜା ଶଙ୍କର ମହାପାତ୍ର, ମାନବେନ୍ଦ୍ର ମିଶ୍ର, ଜୟ ଓଡ଼ିଶାର ସଭ୍ୟବୃନ୍ଦ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ବିଧାୟକ ଅମରେନ୍ଦ୍ର ଦାସ ନିଜ ବକ୍ତବ୍ୟରେ ଜଗତ୍‌ସିଂହପୁର ମାଟିର ପୁତ୍ରବଧୂ ମା' ରମାଦେବୀ, ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଝିଆରି ଓ ପ୍ରଶାସକ ଗୋପାଳ ବଲ୍ଲଭ ଦାସଙ୍କ କନ୍ୟା ଭାବରେ ଜନ୍ମହୋଇ ବିଶିଷ୍ଟ ଓକିଲ ଜଗତ୍‌ସିଂହପୁର ଖେରସ ଜମିଦାର ଗୋକୁଳାନନ୍ଦ ଚୌଧୁରୀଙ୍କ ଜ୍ୟେଷ୍ଠ ପୁତ୍ର ତତ୍କାଳୀନ ମାଜିଷ୍ଟ୍ରେଟ୍ ଗୋପବନ୍ଧୁ ଚୌଧୁରୀଙ୍କୁ ବିବାହ କରି ବିବାହ ପରେ ସମସ୍ତ ଅଳଙ୍କାରକୁ ଜାତି ଉଦ୍ଦେଶ୍ୟରେ ସମର୍ପଣ କରି ସ୍ୱାମୀଙ୍କ ପଦାଙ୍କ ଅନୁସରଣ କରି ସ୍ୱାଧୀନତା ସଂଗ୍ରାମରେ ଯୋଗଦେବା ସହ ନିଜ ଦିଅର ନବକୃଷ୍ଣ ଚୌଧୁରୀ, ଯାଆ-ମାଳତୀ ଚୌଧୁରୀଙ୍କ ସହିତ କାରାବରଣ କରିଥିଲେ । ତାଙ୍କ ସୁକନ୍ୟା ଅନ୍ନପୂର୍ଣ୍ଣା ମହାରଣା ମଧ ସ୍ୱାଧୀନତା ସଂଗ୍ରାମରେ ସାମିଲ୍ ହୋଇଥିଲେ । ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ଓଡ଼ିଶା ପଦଯାତ୍ରା ସମୟରେ ରମାଦେବୀ ତାଙ୍କ ସହିତ ସାମିଲ୍ ଥିଲେ । ଦେଶ ସ୍ୱାଧୀନତା ପରେ ସେ କ୍ଷମତା ରାଜନୀତିରୁ ଦୂରେଇ ଯାଇ ସର୍ବୋଦୟ ଆନ୍ଦୋଳନ ସହିତ ନିଜକୁ ସାମିଲ୍ କରିଥିଲେ । କଳାହାଣ୍ଡିର ଦୁର୍ଭିକ୍ଷ ସମୟରେ ରିଲିଫ୍ ପ୍ରଦାନ ସହ ରାଜ୍ୟରେ ସାମ୍ପ୍ରଦାୟିକ ଗଣ୍ଡଗୋଳ ଓ ଛାତ୍ର ଆନ୍ଦୋଳନ ସମୟରେ ସେ ଶାନ୍ତି ଫେରାଇ ଆଣିବା ପାଇଁ ଉଦ୍ୟମ କରି ଜଣେ ବାସ୍ତବ ମାଆ ଭାବରେ ଓଡ଼ିଶାବାସୀଙ୍କ ନିକଟରେ ପୂଜ୍ୟା ମାଆ ରମାଦେବୀ ଭାବରେ ଚିରସ୍ମରଣୀୟ ହୋଇ ରହିଛନ୍ତି । ତାଙ୍କ ନୀତି ଆଦର୍ଶ ଯୁବ, ଛାତ୍ର, ସମାଜ ବିଶେଷକରି ମହିଳା ଓ ଛାତ୍ରୀମାନଙ୍କ ପାଇଁ ଆଦର୍ଶର ପ୍ରତୀକ ହୋଇ ରହିବ ବୋଲି ଆଶା କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଏହାପରେ ବିଭାଗ ତରଫରୁ ଓଡ଼ିଶା ବିଧାନସଭା ସମ୍ମୁଖରେ ଥିବା ମା' ରମାଦେବୀଙ୍କ ପ୍ରତିମୂର୍ତିସ୍ଥଳୀରେ ବିଧାୟକ ଅମରେନ୍ଦ୍ର ଦାସ, ପ୍ରଶାନ୍ତ ବେହେରା, ଅମର କୁମାର ନାୟକ ଓ ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲଙ୍କ ଉପସ୍ଥିତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା ।

# ବୋଲବମ୍ ଓ ନିଶା



## ଡାକ୍ତର ସମ୍ରାଟ କର

ଶ୍ରାବଣ ମାସ ସୋମବାର ସକାଳ । ମୁଁ ଗାଧୋଇ ପାଧେଇ ପୂଜା କରୁଥାଏ। ଏହି ସମୟରେ ଆମ ଘରର ରୋଷେୟା ଚନ୍ଦ୍ର ଆସି ଡାକିଲା 'ବାବୁ ଆସନ୍ତୁ ଟିକେ କ୍ଲିନିକ୍‌କୁ । ଆମ ଗାଁର କାଉଡିଆମାନେ ବୋଲ୍‌ବମ୍ ଧରି ଲିଙ୍ଗରାଜ ମନ୍ଦିରକୁ ଯାଉଥିଲେ । ମୋର ଦାଦାପୁଅ ଭାଇ ଶଙ୍କରା ହଠାତ୍ ଏମିତି ପାଟିତୁଣ୍ଡ କଲା ଯେ ସମସ୍ତେ ଅଧାରୁ ପଳାଇ ଆସିଲେ' । ମୁଁ ଡ୍ରେସ୍ ପିନ୍ଧି କ୍ଲିନିକ୍‌କୁ ଶୀଘ୍ର ଆସିଲି । ମୁଁ ଯାଇ ଦେଖିଲି ଶଙ୍କରାକୁ ତିନି ଚାରିଜଣ ମାଡି ବସିଛନ୍ତି । ସେ ବଡ଼ ପାଟିରେ ଗପି ଚାଲିଛି 'ମୁଁ ହେଉଛି ସ୍ୱୟଂ ମହାଦେବ। ମୋତେ ଧରିଲେ ସମସ୍ତଙ୍କୁ ମାରିଦେବି । ମୋ ପାଖରେ ବହୁତ ଟଙ୍କା ଅଛି । ସବୁ ସରପଞ୍ଚ, ମନ୍ତ୍ରୀ ମୋତେ ମୁଣ୍ଡିଆ ମାରିବେ । ତମେମାନେ ସବୁ ମୋତେ ମାରିଦେବାକୁ ଆଣିଛ । ଛାଡିଦିଅ ମୋତେ ଛାଡିଦିଅ ।' ମୁଁ ପଚାରିଲି 'ତୁମେମାନେ ମୋତେ ସତକଥା କୁହ ? ସେ ଗଞ୍ଜେଇ ଖାଇଛି ?' ଜଣେ ଯୁବକ ଟିକିଏ ହସିଦେଇ କହିଲା 'ସାର୍, ଆପଣ ଜାଣିଲେ ତ, ଲୁଚାଇବୁ କାହିଁକି ? ଆମେ ସମସ୍ତେ ଟିକେ ଟିକେ ଗଞ୍ଜେଇ ମାରିଛୁ । ଗଞ୍ଜେଇ ନ ଟାଣିଲେ କଅଣ ବୋଲ୍‌ବମ୍ ନେଇ ଯାଇହେବ ?' ମୁଁ ପଚାରିଲି, 'ତୁମେମାନେ କଅଣ ଗଞ୍ଜେଇ ଟାଣିବାକୁ କାଉଡିଆ ପାଲଟିଛ ? ନିଶା ସେବନ ପାଇଁ କଅଣ ଏହା ଏକ ବାହାନା ? ନା ପ୍ରକୃତରେ ମହାଦେବଙ୍କ ପାଖରେ ଆସ୍ଥା ଅଛି ?' ସମସ୍ତେ ମୁଣ୍ଡ ତଳକୁ ପୋତି ଛିଡାହେଲେ । ପାଖରେ ଛିଡା ହୋଇଥିବା ଜଣେ ମଧ୍ୟବୟସ୍କ ବ୍ୟକ୍ତି ପଚାରିଲେ 'ଲୋକମାନେ ନିଶାସେବନ କାହିଁକି କରନ୍ତି ?' ସମସ୍ତେ ଗଞ୍ଜେଇ ଟାଣିଲେ, କେବଳ ଏହି ଟୋକାଟିର କାହିଁକି ମୁଣ୍ଡ ଖରାପ ହେଲା ? ଆଉ କେତେଜଣ ଏତେ ମଦ ପିଉଛନ୍ତି ଯେ ଦିନେ ନ ପିଇଲେ ରହିପାରୁନାହାନ୍ତି । ଏହାର କଅଣ ଚିକିତ୍ସା ଅଛି ?' ମୁଁ କହିଲି 'ଆଗ ଏହି ପିଲାଟିକୁ ଇଞ୍ଜେକସନ୍ ଦେଇ ଶାନ୍ତ କରେ । ତା'ପରେ ସବୁ ପ୍ରଶ୍ନର ଉତ୍ତର ଦେବି ।'

ନିଶା ସେବନର କାରଣ : ନିଶା ମନରୁ ଦୁଃଖ ସାମୟିକ ଭାବେ ଦୂର କରାଇ ଆନନ୍ଦ ଅନୁଭବ କରାଏ । ପ୍ରତିଥର ଏହି ଆନନ୍ଦ ଅନୁଭବ କରିବାକୁ ହେଲେ ଅଧିକରୁ ଅଧିକ ନିଶା ବ୍ୟବହାର କରିବାକୁ ପଡ଼ିଥାଏ । କାରଣ ଆମ ଶରୀରରେ ଥିବା ଜୀବକୋଷଗୁଡ଼ିକ ସମାନ ଫଳ ଦେଖାଇବା ପାଇଁ ପ୍ରତିଥର ଅଧିକ ନିଶା ମାତ୍ରା ଦରକାର କରିଥାନ୍ତି । ଏହାକୁ ଜୀବକୋଷଗୁଡ଼ିକର 'ନିଶା ଆସକ୍ତି ଭାବ' କୁହାଯାଏ । କେତେକ ନିଶା ଅଛି, ଯାହାକୁ ଥରଟିଏ ବ୍ୟବହାର କଲେ ମଧ୍ୟ ଜୀବକୋଷରେ ଆସକ୍ତିଭାବ ସୃଷ୍ଟି ହୋଇଥାଏ । ତେଣୁ ଏହି ନିଶା ଛାଡ଼ିଲାବେଳେ ଶରୀରରେ କେତେକ ଲକ୍ଷଣ ଦେଖାଯାଏ । ତେଣୁ ପୁଣି ଥରେ ନିଶା ଖାଇବା ପାଇଁ ଆସକ୍ତି ଭାବନା ସୃଷ୍ଟି ହୁଏ । ବାରମ୍ବାର ନିଶା ସେବନ ଦ୍ୱାରା ଆମର ଶାରୀରିକ ଓ ମାନସିକ ସ୍ତରରେ ନିଶାଦ୍ରବ୍ୟ ପ୍ରତି ନିର୍ଭରତା ଆସେ । ଯଦି କୌଣସି କାରଣରୁ ନିଶା ଦ୍ରବ୍ୟ ବ୍ୟବହାର କରୁଥିବା ଲୋକ କୌଣସି ଦିନ ନିଶା ନ ପାଏ, ତେବେ ତାହାର ଶାରୀରିକ ଓ ମାନସିକ ସ୍ତରରେ ପ୍ରଭାବ ଅନୁଭୂତ ହୁଏ । ମଦ ନିଶାଶକ୍ତ ବ୍ୟକ୍ତିମାନେ ଯେତେ କହିଲେ ମଧ୍ୟ ନିଶା ଛାଡି ପାରନ୍ତି ନାହିଁ; କାରଣ ମଦ ବନ୍ଦ କରିଦେଲେ ହାତ ଥରେ, ଛାତି ଧଡ୍‌ଧଡ୍ ହୁଏ, ମୁଣ୍ଡ ବିନ୍ଧେ, ଡର ଲାଗେ ଓ ନିଦ ହୁଏନାହିଁ । ଭାଙ୍ଗ, ଗଞ୍ଜେଇ ପ୍ରଭୃତି ନିଶାକୁ ଲୋକେ ସହଜରେ ଗ୍ରହଣ କରିନେଇଥାନ୍ତି ଓ ଏହା ସାମାଜିକ ପର୍ବପର୍ବାଣିରେ ବ୍ୟବହାର ହୋଇଥାଏ । ଆଜିକାଲି ମଦକୁ ମଧ୍ୟ ଗ୍ରହଣ କରାଗଲାଣି । ସେହି ନିଶାଗୁଡ଼ିକୁ 'ନରମ ନିଶା' ବୋଲି କୁହାଯାଏ । ଅଫିମ ଓ ଅଫିମରୁ ତିଆରି ମର୍ଫିନ୍, ପେଥିଡିନ୍, ହେରୋଇନ୍ ପ୍ରଭୃତି ନିଶା, ବେଶି ପରିମାଣରେ ମଦ ଇତ୍ୟାଦି ଜୀବକୋଷଗୁଡ଼ିକରେ ଶୀଘ୍ର ପରିବର୍ତ୍ତନ ସୃଷ୍ଟି କରିପାରୁଥିବାରୁ 'ଟାଣୁଆ ନିଶା' ବୋଲି କୁହାଯାଏ । ଆମର ପ୍ରକୃତି ଓ ବ୍ୟକ୍ତିତ୍ୱ ଉପରେ ନିଶାସେବନ ମଧ୍ୟ ନିର୍ଭର କରେ । ଯେଉଁମାନେ ସାମାନ୍ୟ ନିରାଶାରେ ଭାଙ୍ଗିପଡ଼ନ୍ତି, ସେମାନେ ନିଶା ସେବନ କଲେ ତାହା ଆଉ ଛାଡ଼ିପାରନ୍ତି ନାହିଁ । ଏହା ପରୀକ୍ଷା କରି ଦେଖାଯାଇଛି ଯେ ଯେଉଁମାନଙ୍କ ବାପ ମା' ନିଶା ସେବନ କରନ୍ତି, ସେମାନଙ୍କ ପିଲାମାନେ ମାନସିକ ନିଶାସେବନ ପ୍ରତି ଦୁର୍ବଳତା ପ୍ରକାଶ କରିଥାନ୍ତି । ତେଣୁ ସେମାନେ ସୁବିଧା ପାଇଲେ ଖୁବ୍ ଶୀଘ୍ର ନିଶାଗ୍ରସ୍ତ ହୋଇଯାନ୍ତି । ନିଶା ଖାଇବାକୁ ନ ପାଇଲେ ଚୋରି, ଡକାୟତି ପ୍ରଭୃତି କରିବା ପାଇଁ ଲୋକମାନେ ବାଧ୍ୟ ହୁଅନ୍ତି । ନିଶା ରଖିବା ଓ ତା'ର ଚୋରାରେ ବ୍ୟବହାର କରିବା ଏକ ଲାଭଜନକ ବ୍ୟବସାୟ । ମାଗଣାରେ ନିଶାଦେଇ ସହକର୍ମୀ ଓ ସହପାଠୀମାନଙ୍କୁ ନିଶା ସେବନ ରାସ୍ତାରେ ପକାଇ ଦିଅନ୍ତି । ନୂଆ ବ୍ୟକ୍ତି ମଧ୍ୟ ନିଶାଦ୍ରବ୍ୟ ସରବରାହର ଏକ ଏଜେଣ୍ଟ ଭଳି କାର୍ଯ୍ୟ କରେ ଓ ଏହା ସହଜ ଅର୍ଥ ଉପାର୍ଜନର ଏକ ପନ୍ଥା ହୋଇଯାଏ । କେତେକଙ୍କ ଧାରଣା ଯେ ନିଶାଦ୍ରବ୍ୟ ଯୌନକ୍ରୀଡ଼ାରେ ଅଧିକ ଆନନ୍ଦ ଦିଏ । ଅଳ୍ପ ପରିମାଣର କେତେକ ନିଶା ସାମୂହିକ ଭାବେ ମନର ବିହ୍ୱଳ ଭାବ ଦୂର କରୁଥିବାରୁ ଯୌନକ୍ରିୟା ସମୟରେ ଅଧିକ ଆନନ୍ଦ ଦେଲା ପରି ବୋଧହୁଏ । ତେଣୁ ଅନେକ ବ୍ୟକ୍ତି ପ୍ରତି ସମ୍ଭୋଗ ସମୟରେ ଏହାକୁ ବ୍ୟବହାର କରନ୍ତି । କିନ୍ତୁ କିଛିଦିନ ବ୍ୟବହାର କରିବାଦ୍ୱାରା ନିଶାର ପରିମାଣ ବଢ଼ିଯାଏ ଓ ନିଶା ହେବାର କୁପ୍ରଭାବ ଦ୍ୱାରା ନିଶାଗ୍ରସ୍ତ ମନୁଷ୍ୟ ନପୁଂସକ ହୋଇଯାଏ।

*ସମସ୍ୟା :*

ମାନସିକ ସମସ୍ୟା : ନିଶାସେବନ ଦ୍ୱାରା ମସ୍ତିଷ୍କରେ ଥିବା ସ୍ନାୟୁବିକ ରସ ଡୋପାମିନ୍, ସେରୋଟନିନ୍, ନରଆଡ୍ରେନାଲିନ୍ ଆଦିର ସାମୟିକ ବିଶୃଙ୍ଖଳା ହୁଏ । ଏହା ମସ୍ତିଷ୍କରେ ଥିବା ପୁରସ୍କାର କେନ୍ଦ୍ର (ଜରଙ୍ଗବକ୍ସୟ ଉରଭଫ୍ଟକ୍ସର)କୁ ଉତ୍ତେଜିତ କରେ ଓ ମନକୁ ଆନନ୍ଦ ଦିଏ । ମାତ୍ର ଯେଉଁମାନଙ୍କର ଏହି ବିଶୃଙ୍ଖଳା ଅଧିକ ତଥା ଚିରସ୍ଥାୟୀ ହୋଇଥାଏ, ମାନସିକ ସମସ୍ୟା ବାହାରେ । ତେଣୁ ଏହା ସମସ୍ତଙ୍କର ହୁଏନାହିଁ । ନିଶା ବ୍ୟବହାରଦ୍ୱାରା କେତେକ ସୁପ୍ତ ମାନସିକ ରୋଗ ଯଥା-ସିଜୋଫ୍ରେନିଆ, ମାନିଆ ଓ ମାନସିକ ବିଷାଦ ଆଦି ରୋଗ ଜାଗ୍ରତ ହୋଇପାରେ । ମନୁଷ୍ୟ ନିଜର ହିତାହିତ ଜ୍ଞାନ ହରାଇ ବସେ ଓ ସ୍ଥାନ, କାଳ ପାତ୍ରର ମର୍ଯ୍ୟାଦା ବୁଝିବାକୁ ଅକ୍ଷମ ହୋଇପଡ଼େ ।

ଶାରୀରିକ ସମସ୍ୟା : ଶାରୀରିକ ରୋଗମାନଙ୍କ ମଧ୍ୟରେ ଜଣ୍ଡିସ୍ ବା କାମଳ ରୋଗ ପ୍ରଧାନ । ଏହାଛଡ଼ା ପେପ୍‌ଟିକ ଅଲସର, ନ୍ୟୁରାଇଟିସ, ପାରାଲିସିସ୍ ରୋଗ ମଧ୍ୟ ଦେଖାଦିଏ । ନିଶାଗ୍ରସ୍ତ ଅବସ୍ଥାରେ ଦୁର୍ଘଟଣା ହୋଇ ହାଡ଼ ଭାଙ୍ଗିଯାଇପାରେ ବା ମସ୍ତିଷ୍କରେ ଧକ୍କା ବାଜି ରକ୍ତସ୍ରାବ ହୋଇ ସାରା ଜୀବନପାଇଁ ମନୁଷ୍ୟ ପଙ୍ଗୁ ହୋଇଯାଇପାରେ ।

ସାମାଜିକ ସମସ୍ୟା : ଆମ ଦେଶରେ କେତେକ ଲୋକ ନିଶା ବ୍ୟବହାର କରୁଛନ୍ତି ତାହା ସଠିକ୍ ଭାବେ ଜଣା ପଡୁ ନାହିଁ । କେବଳ ଯେଉଁମାନେ ନିଶାଦ୍ରବ୍ୟ ବ୍ୟବହାର କରିବା ଦ୍ୱାରା ଶାରୀରିକ ତଥା ମାନସିକ ରୋଗରେ ଆକ୍ରାନ୍ତ ହେଉଛନ୍ତି ଓ ଚିକିତ୍ସା ପାଇଁ ସରକାରୀ ଡାକ୍ତରଖାନାରେ ଧାଡ଼ି ବାନ୍ଧି ଠିଆ ହେଉଛନ୍ତି, କେବଳ ସେହିମାନଙ୍କ ବିଷୟରେ ବୈଜ୍ଞାନିକ ବିଶ୍ଳେଷଣ କରାଯାଇପାରୁଛି । ଏହି ବିଶ୍ଳେଷଣରୁ ଜଣାପଡୁଛି ଯେ ଯୁବଗୋଷ୍ଠୀ ଓ କଲେଜ ଛାତ୍ରମାନେ ନିଶା ସେବନରେ ବୃଦ୍ଧ ଓ ମଧ୍ୟବୟସ୍କମାନଙ୍କ ଅପେକ୍ଷା ଆଗୁଆ ଅଛନ୍ତି । ଏହାର କାରଣ ଯୁବକ ଓ ଛାତ୍ରମାନେ ଦଳ ଦଳ ହୋଇ ଏକାଠି ନିଶା ବ୍ୟବହାର କରୁଛନ୍ତି । ସରକାରୀ ଓ ବେସରକାରୀ ସ୍ତରରେ ନିଶା ଦ୍ରବ୍ୟର ବିକ୍ରି ଦିନକୁ ଦିନ ଦ୍ରୁତଗତିରେ ବଢ଼ି ଚାଲିଛି । ଅଧିକରୁ ଅଧିକ ବିକ୍ରି ହେଉଥିବା ନିଶାଦ୍ରବ୍ୟଗୁଡ଼ିକ ଯୁବ ସମାଜ ଓ ଛାତ୍ରସମାଜ ପ୍ରତି ଏକ ଭୟଙ୍କର ଧମକ କହିଲେ ଅତ୍ୟୁକ୍ତି ହେବ ନାହିଁ । ନିଶାଗ୍ରସ୍ତ ବ୍ୟକ୍ତି ଏକ ସାମାଜିକ ସମସ୍ୟା । ବ୍ୟକ୍ତିଗତ ଓ ପାରିବାରିକ ଜୀବନରେ ସେମାନେ ନିଜକୁ କୌଣସି ରକମ ଖାପ ଖୁଆଇପାରନ୍ତି ନାହିଁ । ସେମାନଙ୍କୁ ନିଶା ସେବନ ରୋଗରୁ ମୁକ୍ତ କରିବାକୁ ହେଲେ ଚିକିତ୍ସା ସହ ଉପଯୁକ୍ତ ଥଇଥାନ ବନ୍ଦୋବସ୍ତ ମଧ୍ୟ କରିବା ଆବଶ୍ୟକ।

ଆଇନଗତ ସମସ୍ୟା : ବର୍ତ୍ତମାନ ନିଶାଗ୍ରସ୍ତ ବ୍ୟକ୍ତିମାନଙ୍କର ନୈତିକ ମାନ ଓ ଆଇନଗତ ବ୍ୟବସ୍ଥା ସମ୍ପର୍କରେ ଆଲୋଚନା କରିବା । ଅପରାଧୀମାନଙ୍କୁ ପରୀକ୍ଷା କରି ଦେଖାଯାଇଛି ଯେ ସେମାନଙ୍କ ମଧ୍ୟରୁ ଅଧିକାଂଶ ନିଶାଗ୍ରସ୍ତ ବା ନିଶା ଖାଇ ପାପକର୍ମ ଘଟାଇଛନ୍ତି । ତେଣୁ ୧୯୮୫ ମସିହାରେ ଭାରତ ସରକାର ନିଶା ବା ମାଦକ ଦ୍ରବ୍ୟର ବ୍ୟବହାର ବାରଣ ପାଇଁ ଏକ ଆଇନ ପ୍ରଣୟନ କରିଛନ୍ତି । ଏଥିରେ କେତେକ ନିର୍ଦ୍ଦିଷ୍ଟ ନିଶା ବ୍ୟବହାର ପାଇଁ ବାରଣ ଅଛି ଓ ସେଗୁଡ଼ିକ ରଖିବା ଓ ଅନ୍ୟମାନଙ୍କୁ ଖାଇବା ପାଇଁ ପ୍ରରୋଚନା କରିବା ଇତ୍ୟାଦି ଏକ ବଡ଼ ଅପରାଧ ହିସାବରେ ଯଥେଷ୍ଟ ଦଣ୍ଡ ଓ ଜେଲଭୋଗର ନିୟମାବଳୀ ପ୍ରଭୃତି ହୋଇଛି।

ଚିକିତ୍ସା : ଔଷଧ ଦ୍ୱାରା ମଦ, ଗଞ୍ଜେଇ, ଭାଙ୍ଗ ଆଦି ନିଶାସେବନ କରିବାର ଇଚ୍ଛା ଓ ନିଶା ସେବନ ଦ୍ୱାରା ହେଉଥିବା ବିଭିନ୍ନ ମାନସିକ ସମସ୍ୟାର ଚିକିତ୍ସା କରିହେବ । ନିଶାସେବନ ବନ୍ଦ ପାଇଁ ଅନେକ ପ୍ରକାର ଔଷଧ ବାହାରିଲାଣି । କେତେକ ଔଷଧ ଅଛି ଯାହାକୁ ଖାଇଲେ ନିଶାସେବନ କରୁଥିବା ବ୍ୟକ୍ତିର ଯେଉଁ ଲକ୍ଷଣ ଦେଖାଯାଏ, ସେଗୁଡିକ କମିଯାଏ । ଏପରି ଔଷଧ ମଧ୍ୟ ଅଛି ଯାହାଦ୍ୱାରା ନିଶାସେବନ କରିବାକୁ ଇଚ୍ଛା ହେବନାହିଁ । ଆଉ ଗୋଟିଏ ପ୍ରକାର ବଟିକା ଅଛି ତା'ର ପ୍ରଭାବରେ, ମଦ ଖାଇଲେ ବାନ୍ତିହେବ ଓ ମୁଣ୍ଡ ବିନ୍ଧିବ । ନିଶାଗ୍ରସ୍ତ ବ୍ୟକ୍ତିମାନଙ୍କ ଚିକିତ୍ସା ବନ୍ଦୋବସ୍ତ କରିବା ସରକାରୀ ଓ ବେସରକାରୀ ସ୍ତରରେ ଏକ ଜରୁରୀ ଆବଶ୍ୟକ । ଏହି ଚିକିତ୍ସା କେବଳ ଯେ ଡାକ୍ତରମାନଙ୍କ ଦ୍ୱାରା ସମ୍ଭବ ହେବ, ଏହା ଭାବିବା ଉଚିତ ନୁହେଁ । କାରଣ ଏହା ଗୋଟିଏ ସାମାଜିକ ବ୍ୟାଧି, ଦେଶୀୟ ଓ ଅନ୍ତର୍ଦେଶୀୟ ସମସ୍ୟା । ତେଣୁ ଏହାର ଚିକିତ୍ସା ପାଇଁ ସମାଜର ପ୍ରତ୍ୟେକ ସ୍ତରରୁ ସ୍ୱେଚ୍ଛାସେବୀ ଆବଶ୍ୟକ । ଆଇନଜ୍ଞ, ପୋଲିସ, ଶିକ୍ଷାବିତ୍, ମନସ୍ତତ୍ତ୍ୱବିତ୍ ତଥା ଡାକ୍ତର ଓ ମାନସିକ ରୋଗ ବିଶେଷଜ୍ଞଙ୍କ ବ୍ୟତୀତ ଏ ବିଷୟରେ ସମ୍ବାଦ ସରବରାହ ସଂସ୍ଥାର ସାହାଯ୍ୟ ନିହାତି ଆବଶ୍ୟକ।

+ମାନସିକରୋଗ ବିଶେଷଜ୍ଞ, ଦି'ବ୍ରେନ,
ପୁରୀଘାଟ ରୋଡ଼, କଟକ,
ମୋ : ୯୧୩୨୪୩୩୩୩୩

# ହିନ୍ଦୁ ପରମ୍ପରାରେ ଶକ୍ତି ଉପାସନା



ହିନ୍ଦୁ ପରମ୍ପରାରେ ଶକ୍ତି ଉପାସନାର ମହତ୍ୱ ରହିଛି। ପାଓ୍ୱାର ବା ଏନର୍ଜି ବା ଶକ୍ତି ହେଉଛି ସବୁ କିଛି। ନାରୀ ଯେ ଶକ୍ତି ଓ ସେହି ଶକ୍ତିକୁ ଯେତେ ଶକ୍ତିଶାଳୀ କରିବ ଜଣେ ସେତିକି ଶକ୍ତିମାନ ହୋଇପାରିବ ଏହା ହିନ୍ଦୁ ଧର୍ମର ଶକ୍ତି ଉପାସାନ ପ୍ରମାଣିତ କରିଥାଏ। ସଂସ୍କୃତରେ ଶକ୍ତି ଶବ୍ଦ ଶକ୍ ଶବ୍ଦରୁ ଆସିଛି। ଯାହାର ଅର୍ଥ କିଛି କରିବାକୁ ସକ୍ଷମ। ଏହି ଶକ୍ତି ହିଁ ଆମ ଜୀବନର ମୂଳମନ୍ତ୍ର। ଶକ୍ତି ହିଁ ସୃଷ୍ଟିର ମୂଳ କାରଣ, ପଶୁ, ପକ୍ଷୀ, ମାନବ, ବୃକ୍ଷ ସବୁକିଛିର ବିକାଶ ମୂଳରେ ପ୍ରକୃତିର ଶକ୍ତି। ମାନବ ଭିତରେ ଥିବା ଶକ୍ତି (ନାରୀତ୍ୱ) ହେଉଛି ବୁଦ୍ଧି, ଦୟା, ଭକ୍ତି ଇତ୍ୟାଦି। ଶକ୍ତି ବିନା ସମଗ୍ର ପୃଥିବୀ ଏକ ଜଡ଼ ପଦାର୍ଥ।

ଋଗ ବେଦରୁ ହିନ୍ଦୁ ସମାଜରେ ଶକ୍ତି ଉପାସନା ପରମ୍ପରା ଦେଖିବାକୁ ମିଳିଥାଏ। ଋଗବେଦରେ ୪୦ ପ୍ରକାର ଦେବୀଙ୍କ ନାମ ଉଲ୍ଲେଖ ରହିଛି। ସରସ୍ୱୀତ, ଉଷା, ଅତିତି ଇତ୍ୟାଦି...ଶକ୍ତି ଶବ୍ଦଟି ଋଗବେଦରେ ୧୨ଥର ଉଚ୍ଚାରଣ ହୋଇଛି। ସେଥିମଧ୍ୟରୁ ଶକ୍ତିବତ୍ ଓ ଶକମାନ ଯଥାକ୍ରମେ ଦୁଇଥର ଓ ୫ଥର ଉଲ୍ଲେଖ ଅଛି। ଋଗବେଦରେ ଏକ ଅଂଶକୁ ଦେବୀ ସୂକ୍ତ କୁହାଯଏ। ଦେବୀସୂକ୍ତରେ ଶକ୍ତିଙ୍କୁ ଏକ ବ୍ରହ୍ମାଣ୍ଡୀୟ ସିଦ୍ଧାନ୍ତ ବୋଲି କୁହାଯାଇଛି। ଭାରତୀୟ ଦର୍ଶନରେ ବିଭିନ୍ନ ଭାବେ ଦେବୀଙ୍କୁ ସ୍ମରଣ କରାଯାଇଛି। ମୀମାଂସକମାନଙ୍କ ମତରେ ଶକ୍ତି ହଉଛି ସବୁ ପଦାର୍ଥର ନିହିତ ସତ୍ତା। ସାଂଖ୍ୟ ଦର୍ଶନରେ ଏହାକୁ ପ୍ରକୃତି ଓ ପୁରୁଷଭାବେ ବର୍ଣ୍ଣନା କରାଯାଇଛି। ହିନ୍ଦୁ ଦର୍ଶନରେ କୁହାଯାଇଛି ଶକ୍ତି ହେଉଛି ଏକ ଏଭଳି ସତ୍ତା ଯାହା ଶୂନ୍ୟରେ ରହିପାରେ ନାହିଁ। ଯଦି କେଉଁଠି ଏକ ଶକ୍ତି ଅଛି, ଏହାର ଅର୍ଥ ଏହା ଅନ୍ୟ କାହାର ଶକ୍ତି। ତେଣଉ ସବୁ ହିନ୍ଦୁ ଦେବତାଙ୍କ ସହ ଏକ ନାରୀ ଶକ୍ତି(ଦେବୀ)ଥିବା ଦେଖାଯାଇଥାଏ। ଶିବପାର୍ବତୀ, ଲକ୍ଷ୍ମୀନାରାୟଣ, ବ୍ରହ୍ମା ସରସ୍ୱତୀ, ରାଧାକ୍ରିଷ୍ଣ ଇତ୍ୟାଦି। ଶିବରେ 'ଇ' ଅକ୍ଷର ହେଉଛି ଶକ୍ତି। ଇ ଅକ୍ଷରକୁ ବାଦ ଦେଲେ ଶିବ ହୋଇଯାଆନ୍ତି ଶିବ ବା ଜଡ଼, ଜୀବନହୀନ। ଯେପରି ଏକ କମ୍ପ୍ୟୁଟର ବିଦ୍ୟୁତ ବିନା ମୂଲ୍ୟହୀନ, ସହେିପରି ଶକ୍ତି ବିନା ଜଣେ ମାନବ ଦୁର୍ବଳ। ଶକ୍ତି ଥିଲେ ସେ ଶକ୍ତିମାନ ପରି ସୁପରମ୍ୟାନ। ବର୍ତ୍ତମାନ ଯୁଗରେ ଶକ୍ତିର କଥା ଖୁବ ଆଲୋଚନା ହେଉଛି। ପାଶ୍ଚାତ୍ୟ ଦେଶରେ ମଧ୍ୟ ଶକ୍ତିକୁ ନେଇ ବେଶ୍ ପରୀକ୍ଷା ନିରୀକ୍ଷା ପରେ ମାଥ୍ୟୁ ଫକ୍ସ ଓ ବିକି ନୋବେଲ କହିଛନ୍ତି ହିନ୍ଦୁ ବା ପାଶ୍ଚାତ୍ୟ ଚିନ୍ତାଧାରାକୁ ବାଦଦେଲେ ଈଶ୍ୱରଙ୍କର ନାରୀ ରୂପକୁ ପୁଣିଥରେ ମଣିଷ ଭିତରେ ପୁନଃ ଆବିଷ୍କାର କରିଛନ୍ତି। ପରିବେଶବିତ୍ ବନ୍ଦନା ଶିବ ଲେଖିଛନ୍ତି, ପ୍ରକୃତି ଉପରେ ହିଂସାତ୍ମକ ଆଚରଣ ଦ୍ୱାରା ସମଗ୍ର ପରିବେଶ ସନ୍ତୁଳନତା ବିଗିଡ଼ି ଯାଉଛି ଆଉ ମହିଳାଙ୍କ ଉପରେ ହିଂସା ଯୋଗୁଁ ସାମାଜିକ ସନ୍ତୁଳନତା ବିଗିଡ଼ି ଯାଉଛି। ଶକ୍ତି ହେଉଛି ଏପରି ଏକ ବଳ ବା ସତ୍ତା ଯାହା ସମସ୍ତ ମାନବ ସଂସ୍କୃତିକୁ ପ୍ରଭାବିତ କରିବାର କ୍ଷମତା ରଖିଥାଏ। ତେବେ ମାନବକୁ ପ୍ରଥମେ ନିଜ ଭିତରର ସେହି ଶକ୍ତିକୁ ଚିହ୍ନିବାକୁ ପଡ଼ିବ।

# ଘରେ ପ୍ରସ୍ତୁତ କରନ୍ତୁ କଙ୍କଡ଼ା ନଡ଼ିଆ ରସା



ଆବଶ୍ୟକ ସାମଗ୍ରୀ: କଙ୍କଡ଼ା, କଟା ପିଆଜ, କଟା କଞ୍ଚା ଲଙ୍କା, ଅଦା ରସୁଣ ପେଷ୍ଟ, ହଳଦି ଗୁଣ୍ଡ, ଲଙ୍କା ଗୁଣ୍ଡ, ଧନିଆ ଗୁଣ୍ଡ, କଟା ଟମାଟୋ, ନଡ଼ିଆ ରସ, ସୋରିଷ ତେଲ, ଲୁଣ, ଗୋଟା ଗରମ ମସଲା,ଧନିଆ ପତ୍ର, ଗରମ ମସଲା।

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ କଙ୍କଡ଼ାକୁ ଭଲ ଭାବେ ଧୋଇ ବନାଇ ଦିଅନ୍ତୁ। ସେଥିରେ ଲୁଣ ଓ ହଳଦି ପକାଇ ଗୋଳାଇ ଦିଅନ୍ତୁ। ପରେ କରେଇରେ ତେଲ ଗରମ କରନ୍ତୁ। ତେଲ ଗରମ ହେବା ପରେ ପାତ୍ରରେ ରଖିଥିବା କଙ୍କଡ଼ାକୁ ଭାଜନ୍ତୁ। ଏହା ଭାଜି ହେଲା ପରେ ତାକୁ ଏକ ପାତ୍ରକୁ କାଢ଼ି ଦିଅନ୍ତୁ। ଏହାପରେ କରେଇରେ ତେଲ ଗରମ କରନ୍ତୁ। ତେଲ ଗରମ ହୋଇଗଲା ପରେ ସେଥିରେ ଗୋଲମରିଚ, ଜିରା, ପାନମଧୁରୀ ପକାଇ ଦିଅନ୍ତୁ। ପରେ ସେଥିରେ କଟା ପିଆଜ ପକାଇ ଲାଲ ହେବା ପର୍ଯ୍ୟନ୍ତ ଭାଜନ୍ତୁ। ପିଆଜ ଭାଜି ହେଲା ପରେ ଅଦା ରସୁଣ ପେଷ୍ଟ, ଲଙ୍କା ଗୁଣ୍ଡ, ଧନିଆ ପାଉଡ଼ର, ଟମାଟୋ ପକାଇ ମସଲାକୁ କଷନ୍ତୁ।

ପରେ ସେଥିରେ ସ୍ୱାଦ ଅନୁସାରେ ଲୁଣ ଓ ହଳଦି ପକାଇ ମସଲାକୁ ଭଲ ଭାବରେ କଷନ୍ତୁ। ମସଲା କଷି ହେବା ପରେ ନଡ଼ିଆ ରସକୁ ସେଥିରେ ପକାଇ ଗୋଳାଇ ଦିଅନ୍ତୁ। ପରେ ଭାଜି ରଖିଥିବା କଙ୍କଡ଼ାକୁ ସେଥିରେ ପକାଇ ଦେଇ ଗୋଳାଇ ଦିଅନ୍ତୁ। ସେଥିରେ ଅଳ୍ପ ପାଣି ଦେଇ ୩ରୁ୪ ମିନିଟ୍ ପର୍ଯ୍ୟନ୍ତ ଘୋଡ଼ଣୀ ଢ଼ାଙ୍କି ଦିଅନ୍ତୁ। ପରେ ଗ୍ୟାସ ଆଞ୍ଚକୁ ବନ୍ଦ କରି ଦିଅନ୍ତୁ। ତା' ଉପରେ ଧନିଆ ପତ୍ର ଓ ଗରମ ମସଲା ପକାଇ ଦିଅନ୍ତୁ। ପ୍ରସ୍ତୁତ ହୋଇଗଲା କଙ୍କଡ଼ା ନଡ଼ିଆ ରସା । ଏହାକୁ ଆପଣ ଭାତ ଓ ରୁଟି ସହ ଖାଇପାରିବେ।

# ପ୍ରୟୋଗର ୨ ସପ୍ତାହ ମଧ୍ୟରେ ଜଣାପଡ଼ିବ ପ୍ରଭାବ: ଏ ସମସ୍ତ ରୋଗକୁ ଦୂର କରିବ ହରିଡ଼ା ଓ ଗୁଡ଼



ଶୀତଦିନେ ଅନେକ ସ୍ୱାସ୍ଥ୍ୟଗତ ସମସ୍ୟା ଉପୁଜେ। ଥଣ୍ଡା, ଜ୍ୱର, କାଶ ଆଦି ସମସ୍ୟାଗୁଡ଼ିକ ଯେତେ ଛୋଟ ଦେଖାଯାଏ, ସେତେ ଅଧିକ ଅସୁବିଧାଜନକ। ଆୟୁର୍ବେଦିକ ପ୍ରତିକାର ଦ୍ୱାରା ଏହାକୁ ନିୟନ୍ତ୍ରଣ କରାଯାଇପାରିବ। ସକାଳୁ ଉଠିବା ମାତ୍ରକେ ଯଦି ଶରୀର ପୀଡ଼ା ହେଉଛି, ଶରୀର ଫୁଲି ଯାଉଛି, ପେଟ କଟା, ହଜମ ସମସ୍ୟା, ପାଇଲ୍ସ ଆଦି ରହିଛି ତ ଏକ ଘରୋଇ ଉପଚାର ଅଛି। ଏସବୁ ସମସ୍ୟାକୁ ଦୂରେଇ ଦେବାର ସୁବିଧା ବାଟ ହେଉଛି ହରିଡ଼ା ଓ ଗୁଡ଼। ଆପଣ ହରିଡ଼ା ଗୁଣ୍ଡରେ ପରିମାଣ ମୁତାବକ ଗୁଡ଼ ମିଶାଇ ପ୍ରତିଦିନ ସକାଳେ ଓ ସଂଧ୍ୟାରେ ୧ ଚାମଚ୍ ଖାଇଲେ ଆପଣଙ୍କୁ ଉପଶମ ମିଳିବ। ହରିଡ଼ା ଓ ଗୁଡ଼କୁ ସମାନ ଭାବରେ ମିଶାଇ ମିଶ୍ରଣ ପ୍ରସ୍ତୁତ କଲେ ଖୁବ୍ ଭଲ।



ହେଲେ ଏହାକୁ ଖାଇବାର ୧୫-୨୦ ମିନିଟ୍ ମଧ୍ୟରେ ଅନ୍ୟ କିଛି ଖାଇବେ ନାହିଁ। କୋଷ୍ଠକାଠିନ୍ୟ କିମ୍ୱା ଅନ୍ୟ କୌଣସି ପେଟଜନୀତ ସମସ୍ୟା ପାଇଁ ମଧ ଏହା ଫଳପ୍ରଦ। ଏହାକୁ ସକାଳେ ଓ ସଂଧ୍ୟାରେ ଉଷୁମ ପାଣି ସହ ଖାଇଲେ ବେଶି ଫଳପ୍ରଦ ହେବ। ଅତି କମ୍‌ରେ ୧୪ ଦିନ ପ୍ରୟୋଗ ପରେ ଏହାର ପ୍ରଭାବ ଆପଣ ଜାଣିପାରିବେ। ତେବେ ଏହି ୧୪ ଦିନ ବା ୨ ସପ୍ତାହ ଆପଣଙ୍କୁ ଟିକେ ଖାଦ୍ୟପେୟ ଉପରେ ଧ୍ୟାନ ଦେବାକୁ ହେବ। ଭାତ, ମୁଗ ଡାଲି, ଖିଚଡ଼ି, ଉପମା ଆଦି ହାଲୁକା ଖାଦ୍ୟ ଆପଣଙ୍କୁ ଖାଇବାକୁ ପଡ଼ିବ। ତେଲମସଲା ଖାଦ୍ୟ ଯେତେ କମ୍ ଖାଇବେ ସେତେ ଭଲ ଆପଣଙ୍କ ପାଇଁ। କର୍କଟ, ମଧୁମେହ, ଯକୃତ ସମସ୍ୟା, ସଂକ୍ରମଣ, ହୃଦ୍‌ରୋଗ, ପେଟ ସମସ୍ୟା ଇତ୍ୟାଦି ରୋଗଗୁଡିକ ମଧ ଏହାର ପ୍ରୟୋଗରେ କମ୍ ହୋଇଯିବ। ମେଦବହୁଳତା ହ୍ରାସ କରିବାରେ ମଧ ଏହା ଅତ୍ୟନ୍ତ ଲାଭଦାୟକ ବୋଲି ବିବେଚନା କରାଯାଏ। ଶୀତଦିନେ ଫୁସଫୁସକୁ ସଫା ରଖିବାରେ ଗୁଣ୍ଡ ସାହାଯ୍ୟ କରିଥାଏ। ଏହାକୁ ଖାଇବା ଦ୍ୱାରା ହଜମ ପ୍ରକ୍ରିୟା ଭଲ ରହିବା ଦ୍ୱାରା ରୋଗ ପ୍ରତିରୋଧକ ଶକ୍ତି ମଧ ବୃଦ୍ଧି ପାଇଥାଏ।

# ସାତ ଦଶନ୍ଧି ହେଲା ଲିଭିନି ଚୁଲି : ୨୪ ଘଣ୍ଟା ପରଶୁଛି ଗରମ କ୍ଷୀର



ଆମ ଦେଶରେ ଏପରି ଅନେକ ଦୋକାନ ବା ବ୍ୟାବସାୟିକ ପ୍ରତିଷ୍ଠାନ ରହିଛି ଯାହା ଅନେକ ପିଢ଼ି ଧରି ସଫଳତାର ସ୍ଥାୟୀ ସ୍ତମ୍ଭ ଭାବରେ ଛିଡ଼ା ହୋଇ ରହିଛନ୍ତି ଏବଂ ସମୟ ସୁଅରେ ବାଣିଜ୍ୟର ପରମ୍ପରାକୁ ଆଗେଇ ନେଉଛନ୍ତି। ଏହି କ୍ରମରେ ରାଜସ୍ଥାନର ଯୋଧପୁର ସହରର କେନ୍ଦ୍ରସ୍ଥଳରେ ଅବସ୍ଥିତ ଏକ କ୍ଷୀର ଦୋକାନ ପିଢ଼ି ପରେ ପିଢ଼ି ନିରନ୍ତରତାର ଏକ ଜୀବନ୍ତ ଉଦାହରଣ ଭାବେ ଦଣ୍ଡାୟମାନ। ତାହାର ମାଲିକ ବିପୁଲ ନିକୁବଙ୍କର ଏକ ଉଲ୍ଲେଖନୀୟ ଦାବି ତାଙ୍କ ଦୋକାନକୁ ଅନ୍ୟମାନଙ୍କଠାରୁ ପୃଥକ୍ କରିପାରିଛି। ସହରର ସୋଜତି ଫାଟକ ନିକଟରେ ରହିଥିବା ଏହି ନିଆରା ଦୋକାନରେ କ୍ଷୀର ଗରମ କରିବା ପାଇଁ ଜଳୁଥିବା ଚୁଲିଟି ୧୯୪୯ ମସିହାରୁ ଜମା ଲିଭିନାହିଁ ବୋଲି ବିପୁଳ ଦାବି କରିଛନ୍ତି। ବିପୁଳଙ୍କ କହିବାନୁସାରେ, ଦେଶ ସ୍ୱାଧୀନ ହେବାର ଦୁଇ ବର୍ଷ ପରେ ତାଙ୍କ ଜେଜେବାପା ଏହି ଦୋକାନ ଖୋଲିଥିଲେ। ଏଠାରେ ନିର୍ମିତ ଏକ ଚୁଲାରେ କୋଇଲା ଓ କାଠକୁ ଜାଳେଣି ଭାବେ ବ୍ୟବହାର କରି କ୍ଷୀର ଗରମ କରାଯାଏ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ସଞ୍ଚାର କ୍ଷେତ୍ରରେ ପାରଦର୍ଶିତା ଅଣାଯାଉ

ନିକଟରେ ଭାରତର ବେତାର ସଞ୍ଚାର କ୍ଷେତ୍ରରୁ ସାଧାରଣ ଗ୍ରାହକମାନଙ୍କ ନିମନ୍ତେ ଯେଉଁ ଦୁଇଟି ଖବର ଆସିଛି, ତାହା ନିରାଶାଜନକ। ଘରୋଇ ସଞ୍ଚାର କମ୍ପାନୀମାନେ ସମସ୍ତ ପ୍ରକାରର ସେବାର ମୂଲ୍ୟ ବୃଦ୍ଧି କରିଥିବା ବେଳେ ସରକାରଙ୍କ ସ୍ପେକ୍ଟ୍ରମ୍ ନିଲାମ ପ୍ରକ୍ରିୟା ଆଶାନୁରୂପ ହୋଇପାରିନାହିଁ, ଯାହାର ପ୍ରତ୍ୟକ୍ଷ ପ୍ରଭାବ ଟେଲିକମ୍ ଉପଭୋକ୍ତାମାନଙ୍କ ଉପରେ ପଡ଼ିବ। ବର୍ତ୍ତମାନ ଭାରତରେ ପ୍ରାୟ ୧୨୦ କୋଟିରୁ ଅଧିକ ବେତାର ସଞ୍ଚାର ଉପଭୋକ୍ତା ଥିବା ବେଳେ ପ୍ରାୟ ୧୦୫ କୋଟିରୁ ଅଧିକ ଗ୍ରାହକ ନିଜ ସ୍ମାର୍ଟଫୋନ୍‌ରେ ବେତାର ଇଣ୍ଟରନେଟ୍ ସେବା ଉପଯୋଗ କରିଥା'ନ୍ତି। ଭାରତର ଆର୍ଥିକ ଉଦାରୀକରଣ ନୀତିରେ ଏହି ବିଶାଳ ସଞ୍ଚାର ବଜାରକୁ ସମ୍ପୂର୍ଣ୍ଣ ଭାବରେ ମୁକ୍ତ କରି ଦିଆଯାଇଛି। ଭାରତରେ ବର୍ତ୍ତମାନ ତିନୋଟି ଘରୋଇ ସଞ୍ଚାର କମ୍ପାନୀ ଓ ଗୋଟିଏ ରାଷ୍ଟ୍ରାୟତ୍ତ କମ୍ପାନୀ ଟେଲିକମ୍ ସେବା ପ୍ରଦାନ କରୁଥିବା ବେଳେ ବାସ୍ତବରେ ୪-ଜି ଓ ୫-ଜି କ୍ଷେତ୍ରରେ କେବଳ ଘରୋଇ ସଂସ୍ଥାମାନେ ସେବା ଯୋଗାଇ ଦେଉଛନ୍ତି। ସେବା ମୂଲ୍ୟ ପ୍ରତି ଦୁଇବର୍ଷରେ ୩୫ ଶତାଂଶ ପର୍ଯ୍ୟନ୍ତ ବୃଦ୍ଧି କରାଯାଉଛି। ଭାରତୀୟ ସଞ୍ଚାର ନିଗମ(ବିଏସ୍‌ଏନ୍‌ଏଲ) କମ ମୂଲ୍ୟରେ ୩-ଜି ସେବା ପ୍ରଦାନ କରୁଥିବାରୁ ଗ୍ରାହକମାନେ ଦର ବୃଦ୍ଧି ପାଇଲେ ନିଜର ନମ୍ବରକୁ ପୋର୍ଟ ଆଉଟ୍ କରି ନେଉଛନ୍ତି। କିନ୍ତୁ ବିଶେଷ ଭାବରେ ବିଏସଏନଏଲ୍‌ରେ ଉତ୍ତମ ମାନର ବେତାର ଇଣ୍ଟରନେଟ୍ ସେବା ମିଳି ପାରୁ ନ ଥିବା ଅଭିଯୋଗ କାରଣରୁ ସେମାନେ ପୁର୍ନବାର ଘରୋଇ ସଂସ୍ଥାମାନଙ୍କ ପାଖକୁ ଫେରିଆସୁଛନ୍ତି। ତେଣୁ ଏହାକୁ ଏକପ୍ରକାରର ଗ୍ରାହକ ଶୋଷଣ ନୀତି ଭାବରେ ବଜାର ଅର୍ଥନୀତିଜ୍ଞମାନେ ଅଭିହିତ କରୁଛନ୍ତି। ଯେତେବେଳେ ଦର ବୃଦ୍ଧି ହୁଏ ସାଧାରଣ ଭାବରେ ସେହି ଗୋଟିଏ ପୁରୁଣା ଆଲୋଚନା ଆରମ୍ଭ ହୁଏ। ଭାରତୀୟ ଦୂର ସଞ୍ଚାର ନିୟାମକ ପ୍ରାଧିକରଣ (ଟ୍ରାଇ) କାହିଁକି ବାରମ୍ବାର ନିୟମିତ ବ୍ୟବଧାନରେ ଦର ବୃଦ୍ଧି ବିଷୟରେ ସର୍ବଦା ମୌନ ନୀତି ଅବଲମ୍ବନ କରନ୍ତି ତାହା ସାଧାରଣ ଗ୍ରାହକମାନଙ୍କ ପାଇଁ ଅବୋଧ ହୋଇ ରହିଯାଏ। ନିକଟରେ ଘରୋଇ ସଞ୍ଚାର କମ୍ପାନୀମାନେ ପ୍ରତ୍ୟେକ ସେବାର ମାତ୍ରାଧିକ ଦର ବୃଦ୍ଧି କରିବା ପରେ ଟ୍ରାଇ ଏଥିରେ ହସ୍ତକ୍ଷେପ କରି ଦର ବୃଦ୍ଧିକୁ ନିୟନ୍ତ୍ରଣ କରୁ ବୋଲି ଦାବି ଉଠିଲା। କିନ୍ତୁ ଟ୍ରାଇ ଦର ବୃଦ୍ଧି ବିଷୟରେ କୌଣସି ପ୍ରକାରର ହସ୍ତକ୍ଷେପ କରିବ ନାହିଁ ବୋଲି ସ୍ପଷ୍ଟ ଭାବରେ ଜଣାଇଛି। ବିଶେଷ ଭାବରେ ଭାରତରେ ୪-ଜି ସେବା ଆରମ୍ଭ ହେବା ପରେ ଗ୍ରାହକମାନଙ୍କ ସଂଖ୍ୟା ହୁ ହୁ ହୋଇ ବୃଦ୍ଧି ପାଇବାରେ ଲାଗିଲା। ତେଣୁ ଟ୍ରାଇ ପ୍ରତ୍ୟେକ ସେବା ପାଇଁ ଏକ ମୂଳମୂଲ୍ୟ ବା ବେସ୍‌ପ୍ରାଇସ ଧାର୍ଯ୍ୟ କରିବା ପାଇଁ ଦାବି ହୋଇ ଆସୁଥିଲେ ମଧ୍ୟ ଏହା କାର୍ଯ୍ୟକାରୀ ହୋଇପାରୁ ନାହିଁ। ସାଧାରଣ ଭାବରେ ଭାରତରେ ସକ୍ରିୟ ଥିବା ସଞ୍ଚାର ସେବା ପ୍ରଦାନକାରୀ ସଂସ୍ଥାମାନେ ମୂଳ ସେବା ପ୍ରଦାନ କରିବା ସମୟରେ ଅନ୍ୟ କିଛି ସୂଚନା, ମନୋରଞ୍ଜନ କିମ୍ବା ଅନ୍ୟକୌଣସି ପ୍ରକାରର ଅନଲାଇନ ସେବା ପ୍ରଦାନ କରୁଛନ୍ତି। ଏହି ଆର୍ଥିକ ବୋଝ ଭାରତୀୟମାନଙ୍କ ପାଇଁ ଏକ ବଡ଼ ଚିନ୍ତାର କାରଣ ନୁହେଁ। ଦରବୃଦ୍ଧି ସପକ୍ଷରେ ଏହି ଯୁକ୍ତି ଉପସ୍ଥାପନ ବେଳେ ଘରୋଇ ସଞ୍ଚାର କମ୍ପାନୀମାନେ ଅନ୍ୟ ଆର୍ଥିକ ମାନଦଣ୍ଡକୁ ଗ୍ରହଣ କରିବା ପାଇଁ ଭୁଲି ଯାଆନ୍ତି। ବେରୋଜଗାରି, ସ୍ୱଳ୍ପ ଆୟ, ଉତ୍କଟ ଆର୍ଥିକ ବୈଷମ୍ୟ ମଧ୍ୟରେ ଯୋଗାଯୋଗ ସହିତ ଅଧ୍ୟୟନ, ବୃତ୍ତିଧାରୀମାନଙ୍କ ଜୀବିକା ଓ ଅନ୍ୟାନ୍ୟ ଛୋଟ ଛୋଟ ଅନଲାଇନ କାର୍ଯ୍ୟ ପାଇଁ ମୋବାଇଲ ଇଣ୍ଟରନେଟ୍ ସେବା ନିହାତି ଆବଶ୍ୟକ। ଭାରତରେ ମୁଣ୍ଡପିଛା ଆୟ ଅନୁପାତରେ ମୋବାଇଲ ସେବା ଖର୍ଚ୍ଚ ବହୁ ଅଧିକ। ୨୦୨୪ ଆର୍ଥିକ ବର୍ଷରେ ସହରାଞ୍ଚଳରେ ଯୋଗାଯୋଗ ପାଇଁ ମୁଣ୍ଡ ପିଛା ଖର୍ଚ୍ଚ ମୋଟ ଘରୋଇ ବ୍ୟୟର ୨.୭ ଶତାଂଶ ଥିବା ବେଳେ ଦରବୃଦ୍ଧି ହେତୁ ଏହା ୨.୮ ପ୍ରତିଶତରୁ ଅଧିକ ସ୍ତରରେ ପହଞ୍ଚିଛି। ଅନୁରୂପ ଗ୍ରାମାଞ୍ଚଳରେ ଏହା ୪.୫ ଶତାଂଶରୁ ବଢ଼ି ୪.୭ ପ୍ରତିଶତରୁ ଅଧିକ। ଆଉ ଏକ ଉଦ୍‌ବେଗଜନକ ବିଷୟ ହେଲା ଟେଲିକମ୍ ସେବା ପ୍ରଦାନ କ୍ଷେତ୍ରରେ କ୍ରମାଗତ ଭାବେ ଦର ବୃଦ୍ଧି ହେଉଥିଲେ ମଧ୍ୟ ତା' ତୁଳନାରେ ସେବାରେ ଅବନତି ଘଟିବାରେ ଲାଗିଛି। ଆମେରିକୀୟ ପ୍ରଯୁକ୍ତି ବିଜ୍ଞାନ ସମ୍ବନ୍ଧୀୟ ଶିକ୍ଷଭିତ୍ତିକ ସଂସ୍ଥାନର ଗବେଷଣା ଅନୁଯାୟୀ, ଭାରତରେ ବେତାର ମୋବାଇଲ ଇଣ୍ଟରନେଟ୍ ସେବାର ମାନ ବିଶ୍ୱରେ ସବୁଠାରୁ ତଳେ। ଏହାସହିତ ସେବା ପ୍ରଦାନକାରୀ ସଂସ୍ଥାମାନେ ମଧ୍ୟ ସେବା ପ୍ରଦାନ କରିବା ସମୟରେ ସେବା ସମ୍ପର୍କିତ ତଥ୍ୟ ପ୍ରଦାନରେ ସ୍ୱଚ୍ଛତା ଅବଲମ୍ବନ କରୁ ନଥିବା ଅଭିଯୋଗ ବହୁ ପୁରୁଣା। ନିକଟରେ ଦର ବୃଦ୍ଧି ପରେ ଟ୍ରାଇ ମଧ୍ୟ ସ୍ୱୀକାର କରିଛି ଯେ ସେବାର ମାନ ହ୍ରାସ ପାଉଛି ଏବଂ ଏହାକୁ ଉନ୍ନତ କରିବା ପାଇଁ ସଞ୍ଚାର କମ୍ପାନୀମାନଙ୍କୁ ପରାମର୍ଶ ଦେବ। ଏହାସହିତ ଟ୍ରାଇ କହିଛି ଯେ ଭାରତର ସଞ୍ଚାର କ୍ଷେତ୍ରରେ ଯଥେଷ୍ଟ ପ୍ରତିସ୍ପର୍ଦ୍ଧା ରହିଛି। ବାସ୍ତବରେ ଭାରତରେ ପ୍ରାୟ ୧୦୦ କୋଟି ଗ୍ରାହକ କେବଳ ଦୁଇ/ତିନିଟି କମ୍ପାନୀମାନଙ୍କ ଉପରେ ସମ୍ପୂର୍ଣ୍ଣ ଭାବରେ ନିର୍ଭରଶୀଳ। ଏହାସହିତ ଭାରତର ମୋବାଇଲ୍ ଗ୍ରାହକ ଅଧିକ ମାତ୍ରାରେ କଲ୍‌ଡ୍ରପ୍ ସମସ୍ୟାର ସମ୍ମୁଖୀନ ହୁଅନ୍ତି। ସାଧାରଣ ଭାବରେ ଟ୍ରେନ୍ କିମ୍ବା ରାଜପଥରେ ଯାତ୍ରା ସମୟରେ କଥା ହେଉଥିବା ସମୟରେ ସଂଯୋଗ ବିଚ୍ଛିନ୍ନ ହୋଇଯାଏ। ବାସ୍ତବରେ ସହର ବାହାରେ ନେଟୱର୍କ ବ୍ୟବସ୍ଥା ଦୁର୍ବଳ ହେତୁ ଏପରି ସମସ୍ୟା ଉପୁନ୍ନ ହୁଏ। ସଞ୍ଚାର ବିଭାଗ ମଧ୍ୟ ଘରୋଇ ସଂସ୍ଥାମାନଙ୍କର ଅହେତୁକ ଦର ବୃଦ୍ଧିର ପ୍ରକୃତ କାରଣ ବିଷୟରେ ଅନୁସନ୍ଧାନ କରନ୍ତୁ। ଗୋଟିଏ ପଟେ ସଞ୍ଚାର କମ୍ପାନୀମାନେ ଶହ ଶହ କୋଟି ଟଙ୍କାର ନିର୍ବାଚନୀ ବଣ୍ଡ କ୍ରୟ କରି ରାଜନୈତିକ ଚାନ୍ଦା ପ୍ରଦାନ କରୁଥିବା ବେଳେ ଅନ୍ୟପକ୍ଷରେ ଆର୍ଥିକ ଅନଟନ ଯୋଗୁଁ କମ୍ ମୂଲ୍ୟରେ ସେବା ଯୋଗାଇ ଦେବା ସମ୍ଭବ ନୁହେଁ ବୋଲି କହି ଅହେତୁକ ଦର ବୃଦ୍ଧି କରୁଛନ୍ତି। ସଞ୍ଚାର କ୍ଷେତ୍ରରେ ପାରଦର୍ଶିତା ଅଣାଯାଉ। କେନ୍ଦ୍ର ସରକାର ସାଧାରଣ ଲୋକଙ୍କ ସ୍ୱାର୍ଥ ରକ୍ଷା ପାଇଁ ଏ ଦିଗରେ ପ୍ରୟାସ କରିବେ ବୋଲି ଆଶା।

## ହିଣ୍ଡନ୍‌ବର୍ଗ ମାମଲାରେ କୋଟାକ ଇଣ୍ଡିଆ



### ସୌମେନ୍ଦ୍ର ଜେନା

ଆମେରିକାର ହିଣ୍ଡନବର୍ଗ ଜାଲିଆତିରେ କୋଟାକ ମହିନ୍ଦ୍ରା ଗ୍ରୁପ୍‌ର ସଂପୃକ୍ତି ସନ୍ଦେହ କରି ସେବି ପକ୍ଷରୁ କୋଟାକ ମହିନ୍ଦ୍ରା ଇଣ୍ଟରନେସନାଲ ଲିମିଟେଡ୍ ନାମରେ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ବିଗତ ଦିନରେ ଆମେରିକାର ହିଣ୍ଡନବର୍ଗ ସଂସ୍ଥାର ପ୍ରରୋଚନାରେ ମରିସସ୍‌ର ଏକ ସଂସ୍ଥା କିଙ୍ଗଡ଼ନ୍ ଆଦାନୀଙ୍କ ସେୟାରର ସର୍ଟ ସେଲିଂ କରିଥିଲା, ଯାହାକୁ ହିଣ୍ଡନବର୍ଗ ଆଦାନୀ ଗ୍ରୁପ୍‌ର ଏହା ଜାଲିଆତି ବୋଲି ବିଦେଶରେ ପ୍ରଚାରି କରି ଆଦାନୀ ଗ୍ରୁପ୍‌ର କ୍ଷତି ପହଞ୍ଚାଇଥିଲା। ତେବେ ଇତି ମଧ୍ୟରେ ଆଦାନୀ ଗ୍ରୁପ୍ ଖୁବ୍ କମ୍ ସମୟରେ ନିଜ ପୁରୁଣା ସ୍ଥିତିକୁ ଫେରି ଆସିଲେ ମଧ୍ୟ ଆଦାନୀ ଗ୍ରୁପ୍‌ରେ ନିବେଶକାରୀଙ୍କ ବହୁ ଅର୍ଥ ବୁଡି ଯାଇଥିଲା। କାରଣ ବ୍ୟବସାୟ ଦୃଷ୍ଟିରୁ ଆଦାନୀ ସେୟାର ପୁଞ୍ଜି ନିବେଶକାରୀଙ୍କ ପାଇଁ ଏକ ବିଶ୍ୱାସଯୋଗ୍ୟ ସଂସ୍ଥା ହୋଇଥିଲା ବେଳେ ଏହି ସାମୟିକ ଷଡଯନ୍ତ୍ର ପାଇଁ ଅନେକ ବ୍ୟକ୍ତି କ୍ଷତିର ସମ୍ମୁଖୀନ ହୋଇଥିଲେ। ଫଳରେ ଆଦାନୀ ଗ୍ରୁପ୍‌କୁ ମଧ୍ୟ ଲକ୍ଷଲକ୍ଷ କୋଟିର କ୍ଷତି ସହିବାକୁ ହୋଇଥିଲା। ଚୀନର ପ୍ରରୋଚନାରେ ଆନ୍ତର୍ଜାତିକ ବଜାରରେ ଚୀନା କମ୍ପାନୀମାନଙ୍କୁ ପଛକୁ ଠେଲି ଦେଉଥିବା ଆଦାନୀ ଗ୍ରୁପ୍‌କୁ ବିଦେଶରେ ବଦନାମ କରିବାଲାଗି ଯେଉଁ ଷଡ଼ଯନ୍ତ୍ର ସୃଷ୍ଟି ହୋଇଥିଲା ସେଥିରେ କିଙ୍ଗଡ଼ନ କମ୍ପାନୀର ଚୀନା ମୂଳର ମାଲିକାଣୀଙ୍କ ଭୂମିକା ଅଧିକ ରହିଥିଲା। ଏହି ମାମଲାରେ କିଛି ଜାଣିନଥିବା କଥା ମହିନ୍ଦ୍ରା ଗ୍ରୁପ୍ କହୁଥିଲେ ମଧ୍ୟ ସେବି ସେହି କଥାରେ ସନ୍ତୁଷ୍ଟ ହୋଇନାହିଁ। ହିଣ୍ଡନବର୍ଗ କମ୍ପାନୀ ଗତବର୍ଷ ଜାନୁଆରୀ ୨୦୨୩ରେ ଆଦାନୀ ଗ୍ରୁପ୍‌ରେ ଅନିୟମିତତା ସଂକ୍ରାନ୍ତରେ ଅଭିଯୋଗ କରିଥିଲା। ଏହି କମ୍ପାନୀର କାର୍ଯ୍ୟ ହେଉଛି କୌଣସି ଏକ କମ୍ପାନୀ ବିରୁଦ୍ଧରେ ଅଭିଯୋଗ ଆଣି ସେହି କମ୍ପାନୀର ସେୟାର ମୂଲ୍ୟ ବଜାରରେ ହ୍ରାସ କରିବା ଏବଂ ତା' ପରେ ପରେ ଶସ୍ତାରେ ସେହି ସେୟାରକୁ କିଣିନେଇ ପରେ ଲାଭବାନ ହେବା। ହିଣ୍ଡନବର୍ଗର ରିପୋର୍ଟ ପ୍ରକାଶ ପରେ ଆଦାନୀ ଗ୍ରୁପ୍‌ର ୧୫୦ ବିଲିଅନ୍ ଡଲାର ସେୟାରରେ କ୍ଷତି ହେବାପରେ ପୁନର୍ବାର ସେୟାର ପୂର୍ବାବସ୍ଥାକୁ ଫେରିବାକୁ ଉଦ୍ୟମ ଜାରିରଖିଛି। ଉଦାହରଣସ୍ୱରୂପ ଦେଖିଲେ ଡିସେମ୍ବର ୨୦୨୨ରେ ଆଦାନୀ ସେୟାର ମୂଲ୍ୟ ୪୧୮୯.୫୫ ଟଙ୍କା ରହିଥିଲା। ହିଣ୍ଡନବର୍ଗ ଘଟଣା ପରେ କମ୍ପାନୀର ସେୟାର ଟ.୧୦୧୭.୪୫ରେ ପହଞ୍ଚିଗଲା। ଆଦାନୀ ଗ୍ରୁପ୍‌ର ସେୟାର ଆଦାନୀ ଏଣ୍ଟରପ୍ରାଇଜେସ୍ କାରବାର କରିଥାଏ। କମ୍ପାନୀ ହିଣ୍ଡନବର୍ଗ ବିରୋଧରେ ମକଦ୍ଦମା କରି ମାମଲାକୁ ଦୀର୍ଘସ୍ଥାୟୀ କରି କ୍ଷତିର ସମ୍ମୁଖୀନ ହେବା ବଦଳରେ ପୁଞ୍ଜି ନିବେଶକାରୀଙ୍କ ବିଶ୍ୱାସ ଅର୍ଜନ ପାଇଁ ଉଦ୍ୟମ ଜାରିରଖି ସଫଳ ହେଲା। ତେବେ ଏହି ଷଡଯନ୍ତ୍ର ପଛରେ ମହିନ୍ଦ୍ରା ଗୋଷ୍ଠୀ କିପରି ଆସିଲା ତାହା ଏଠାରେ ଆଲୋଚନାର ବିଷୟ।

ମହିନ୍ଦ୍ରା ଗ୍ରୁପ୍‌ର ଅନେକ କମ୍ପାନୀ ମଧ୍ୟରେ କୋଟାକ ଇଣ୍ଡିଆ ଅପରଚ୍ୟୁନିଟିଜ ଫଣ୍ଡ୍ (କେଆଇ ଓ ଏଫ୍) ଟି ରହିଛି ଯାହା କୋଟାକ ମହିନ୍ଦ୍ରା ଇଣ୍ଟରନେସନାଲ ଅଧିନରେ ଅଛି। କେଆଇଓଏଫ୍‌ର କାର୍ଯ୍ୟ ବିଦେଶରେ ମରିସସ୍‌ର କିଙ୍ଗଡନ୍ କରିଥାଏ। ହିଣ୍ଡନବର୍ଗ କେବେ କୋଟାକ ଇଣ୍ଡିଆ ଅପରଚ୍ୟୁନିଟିଜ ଫଣ୍ଡର ଗ୍ରାହକ ନଥିବା ମହିନ୍ଦ୍ରା ପକ୍ଷରୁ କୁହାଯାଇଛି। କିନ୍ତୁ ରାଜ୍ୟସଭା ସାଂସଦ ତଥା ବରିଷ୍ଠ ଓକିଲ ମହେଶ ଜେଠମାଲାନୀଙ୍କ କହିବାନୁସାରେ ଭାରତର ଆର୍ଥିକ ବଜାରକୁ ନଷ୍ଟ କରିବାକୁ ଚୀନ ପକ୍ଷରୁ ଯେଉଁସବୁ ଷଡଯନ୍ତ୍ର କରାଯାଉଛି ଏହି ମାମଲାଟି ତା'ର ଅଂଶ ବିଶେଷ। କାରଣ ବିଗତ ଦିନରେ ଥାଇଲାଣ୍ଡ, ଲାଓସ୍ ଆଦି ଦେଶରେ ଚୀନା କମ୍ପାନୀମାନେ ଭାରତୀୟ ଲୋକଙ୍କୁ ନିଯୁକ୍ତି ଦେଇ ସାଇବର ଠକେଇ କାର୍ଯ୍ୟ କରୁଥିବା ବିଷୟ ଦୃଷ୍ଟିକୁ ଆସିଛି। ସେହିପରି ଚୀନା ଲୋକେ ଭାରତରେ ବାଣିଜ୍ୟ ପାଇଁ ଅଫିସ ଖୋଲି ଜାଲି ଋଣ ଆପ୍ ମାଧ୍ୟମରେ ଶହ ଶହ କୋଟି ଟଙ୍କା ଦେଶର ଭିନ୍ନ ଭିନ୍ନ ରାଜ୍ୟରୁ ଠକି ନେଇଛନ୍ତି। ଚୀନର ମୋବାଇଲ କମ୍ପାନୀଗୁଡ଼ିକ ଭାରତୀୟ ଗ୍ରାହକମାନଙ୍କର ତଥ୍ୟ ଚୀନା ବଜାରରେ ବିକ୍ରିକରି ଜାଲିଆତି ପାଇଁ ଦେଉଥିବାର ଅଭିଯୋଗ ପୂର୍ବରୁ ଆସିଛି।

ହିଣ୍ଡନବର୍ଗ ରିପୋର୍ଟ ପ୍ରକାଶ ପାଇବା ପୂର୍ବରୁ କୋଟାକ-ଇଣ୍ଡିଆ ଅପରଚ୍ୟୁନିଟିଜ ଫଣ୍ଡ, (ମରିସସ) ମାଧ୍ୟମରେ ଆଦାନୀ ଏଣ୍ଟରପ୍ରାଇଜେସ୍‌ର ସେୟାରର ସର୍ଟ ସେଲିଂ କରାଯାଇଥିଲା। ଏଥିପାଇଁ କିଙ୍ଗଡନ୍ ପକ୍ଷରୁ ୪୦ ମିଲିଅନ ଡଲାରର ମାଷ୍ଟର୍ସ ଫଣ୍ଡ୍ ଯୋଗାଇ ଦିଆଯାଇଥିଲା। ଏହାର ବଡ଼ ଅଂଶ କିଙ୍ଗଡନ୍ ପରିବାର ହାତରେ ରହିଛି। କିଙ୍ଗଡନ୍ ସହ କୋଟାକ ଇଣ୍ଡିଆ ଅପଚ୍ୟୁନିଟଜର ସଂପର୍କ ରହିଛି। ଅଭିଯୋଗ ହେଉଛି ଯେ ଆର୍ଫ୍ରିକୀୟ ବ୍ୟବସାୟୀ ମାର୍କ କିଙ୍ଗଡନ୍‌ଙ୍କୁ ଏହି ଷଡଯନ୍ତ୍ର କରିବାକୁ ହିଣ୍ଡନବର୍ଗ ଦାୟିତ୍ୱ ଦେଇଥିଲା। କିଙ୍ଗଡନ୍‌ଙ୍କ ସ୍ତ୍ରୀ ଅନ୍‌ଲା ଚେଙ୍ଗ ହେଉଛନ୍ତି ଚୀନା ମୂଳର ମହିଳା, ଯିଏ କି ଆମେରିକାରେ ଚୀନ ସରକାରଙ୍କ ସ୍ୱାର୍ଥରେ କାର୍ଯ୍ୟ କରିଥାନ୍ତି। ସେ ପୂର୍ବରୁ ସପ୍-ଚାଇନାର ସିଇଓ ରହିଥିଲେ, ଯାହା ଚୀନ ସରକାରଙ୍କୁ ସମର୍ଥନ କରୁଥିବା ମିଡ଼ିଆ କମ୍ପାନୀ। ପରେ ତାହା ଚୀନର ପ୍ରକଳ୍ପରେ ପରିଣତ ହୋଇଥିଲା। ଆମେରିକାର ଜଣେ ସୂଚନାକର୍ମୀ ଆମେରିକାର କଂଗ୍ରେସ ନିକଟରେ ଏହି କମ୍ପାନୀ ଚୀନର ସ୍ୱାର୍ଥରେ ସମ୍ବାଦ ପରିବେଷଣ କରୁଥିବା ଅଭିଯୋଗ ଆଣି ଯାଞ୍ଚ ପାଇଁ ଦାବୀ କଲାପରେ ଉକ୍ତ ପ୍ରକଳ୍ପଟି ବନ୍ଦ ହୋଇଥିଲା। ସେହି ପ୍ରକଳ୍ପ ସହ ଚୀନ କମ୍ୟୁନିଷ୍ଟ ପାର୍ଟିର ସଂପର୍କ ଥିଲା। ଚୀନ ସରକାରଙ୍କ ନିର୍ଦ୍ଦେଶରେ ହେରଫେର କରାଯାଇଥାଏ ବୋଲି ଅତୀତରେ ସେନାନ ୱାନ୍‌ସେଣ୍ଟ ନାମକ ଜଣେ ବ୍ୟକ୍ତି ଆମେରିକାର ଅଦାଲତରେ ସ୍ୱୀକାର କରିଥିଲେ।

ଅତୀତରେ ଆଦାନୀ ଗ୍ରୁପ୍ ଶ୍ରୀଲଙ୍କାର କୋଇଲା ପରିବହନ ପ୍ରକଳ୍ପ, ଅଷ୍ଟ୍ରେଲିଆର ଷ୍ଟୋନ ପ୍ରକଳ୍ପ, ଇସ୍ରାଏଲର ହାଇଫା ବନ୍ଦର ଚୀନା କମ୍ପାନୀ ହାତରୁ ଛଡାଇ ଆଣିବାକୁ ସମର୍ଥ ହୋଇଥିଲା। ଆଗାମୀ ଦିନରେ ନେପାଳର ପୋଖରା ଆନ୍ତର୍ଜାତିକ ବିମାନ ବନ୍ଦରର ପରିଚାଳନା ଭାର ଆଦାନୀ ଗ୍ରୁପ୍ ନେବାପାଇଁ ପ୍ରୟାସ ଚଳାଇଛି। ଚୀନର ଆର୍ଥିକ ସହାୟତା (ଋଣ)ରେ ନିର୍ମିତ ଏହି ବନ୍ଦର ଏବେ ନେପାଳ ସରକାରଙ୍କ ମୁଣ୍ଡ ବ୍ୟଥାର କାରଣ ହୋଇଛି। ଚୀନା କମ୍ପାନୀ ପରିଚାଳନାରେ ଥିବା ଏହି ବିମାନ ବନ୍ଦରକୁ ଭାରତ ସରକାର ବ୍ୟବହାର କରୁ ନଥିବା ହେତୁ ବିମାନ ବନ୍ଦରଟି କ୍ଷତି ସହିବାରେ ଲାଗିଛି। ନେପାଳ ସରକାର ଏହାକୁ ଆର୍ଥିକ ସହାୟତାରେ ନିର୍ମାଣ ହେବା କଥା କହୁଥିବା ସମୟରେ ଚୀନ ଏହାକୁ ବେଲ୍ଟ ଏଣ୍ଡ୍ ରୋଡ ପ୍ରକଳ୍ପ ବୋଲି କହିବାରେ ଲାଗିଛି। ପୃଥିବୀର ଅନେକ ଦେଶରେ ଚୀନା କମ୍ପାନୀ ସହ ଆଦାନୀ ପ୍ରତିଦ୍ୱନ୍ଦ୍ୱୀ ହୋଇଥିବା ହେତୁ ଚୀନ ସରକାର ରକ୍ତ ଚାଉଳ ଚୋବାଇବାରେ ଲାଗିଛନ୍ତି।

କୋଟାକ ଇଣ୍ଡିଆ ଅପରଚ୍ୟୁନିଟିଜ ଫଣ୍ଡ୍ ସେବି ଦ୍ୱାରା ପଞ୍ଜିକୃତ ବିଦେଶୀ ପୋର୍ଟଫୋଲିଓ ନିବେଶକ ୨୦୧୩ରେ କାମ ଆରମ୍ଭ କରିଥିଲା। ଏହା ମରିସସ୍‌ର ଫାଇନାନ୍‌ସିଆଲ କମିଶନ ଦ୍ୱାରା ପରିଚାଳିତ ହୋଇଥାଏ। କିଙ୍ଗଡନ୍ କୋଟାକ ଇଣ୍ଡିଆ ସହ ବାଣିଜ୍ୟ ସଂପର୍କରେ ରହିଛନ୍ତି। କିଙ୍ଗଡନ୍ ହିଣ୍ଡନବର୍ଗର ଅର୍ଥରେ କୋଟାକ-ଇଣ୍ଡିଆ ମାଧ୍ୟମରେ ଆଦାନୀ ଏଣ୍ଟରପ୍ରାଇଜେସ୍ ଉପରେ ମରିସସ୍‌ରୁ ଆକ୍ରମଣ କରିଥିବା ଅଭିଯୋଗ ଉଠିଛି। ଆଦାନୀଙ୍କ ସେୟାରର କିଣା ବିକାରେ ସଂପୃକ୍ତ ହେବାକୁ ଅଫ୍‌ସୋର ଫଣ୍ଡ ଖୋଲାଯାଇଥିବା ଏବଂ ଏହା ପଛରେ ହିଣ୍ଡନବର୍ଗ ରହିଥିବା କଥା କୁହାଯାଉଛି। ଭାରତର ପୁଞ୍ଜି ନିବେଶକ, କମ୍ପାନୀମାନଙ୍କ ଭବିଷ୍ୟତ ଏବଂ ଆର୍ଥିକ ବଜାରରେ ସୁରକ୍ଷାର ସ୍ଥିତିକୁ ସୁଦୃଢ଼ କରିବାକୁ ସେବି ପକ୍ଷରୁ କୋଟାକ ଇଣ୍ଡିଆ ଅପରଚ୍ୟୁନିଟିଜ ଫଣ୍ଡ୍ ବିଷୟରେ ଅଧିକ ଯାଞ୍ଚ କରାଯିବା ସହ ଏଥିରେ ସଂପୃକ୍ତ ଥିବା ପକ୍ଷଙ୍କ ବିଷୟରେ ସବିଶେଷ ତଥ୍ୟ ପ୍ରକାଶ କରାଯିବାକୁ ଦାବି ହେଉଛି। ଭାରତ ସରକାର, ଅର୍ଥ ମନ୍ତ୍ରଣାଳୟ, ବୈଦେଶିକ ବିଭାଗ ଏ ସଂକ୍ରାନ୍ତରେ ଅଧିକ ସତର୍କ ରହିବାଲାଗି ଏବେ ପରିସ୍ଥିତି ବାଧ୍ୟ କଲାଣି। ଆନ୍ତର୍ଜାତିକ ଆହ୍ୱାନକୁ ସମ୍ମୁଖୀନ ହେବାଲାଗି ଏବେଠୁ ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ପ୍ରୟାସ ହେବା ଦରକାର। ନଚେତ୍ ଆଗାମୀ କାଲି ଏହିପରି ଢଙ୍ଗରେ ଅନେକ କମ୍ପାନୀ ଉପରେ ମିଛ ଆକ୍ରମଣ କରାଯାଇ ଦେଶର କମ୍ପାନୀଗୁଡ଼ିକର କ୍ଷତି କରାଯାଇପାରିବ।


ଭାରତୀୟ ସମ୍ବାଦ ସେବା (ଭାସ୍)
ଭୁବନେଶ୍ୱର - ୭୫୧୦୦୩


## ଖୋଲ ପ୍ରତିହାରୀ ମନ୍ଦିର ଦୁଆର

### ଚୌଧୁରୀ ବରଦା ପ୍ରସନ୍ନ ଦାସ

(ପୂର୍ବ ପ୍ରକାଶିତ ଉତ୍ତାରୁ...)

ମାନସ ଚକ୍ଷୁରେ ଆମେ ଦେଖିଲୁ ମା ଲକ୍ଷ୍ମୀ ଯେପରି ତାଙ୍କ ପୁତ୍ରମାନଙ୍କୁ ଏଇ ଅଛବ ଦୁଆରକୁ ପଠାଇଛନ୍ତି । ଆଦରରେ ସ୍ନେହରେ ପ୍ରତିବାଦରେ ମା ସରସ୍ୱତୀ କହୁଛନ୍ତି ଆଜି ପୁଣି କେହି ବଳରାମ ଦାସ ଏଇ ଅପୂର୍ବ ପଂକ୍ତି ଭୋଜନକୁ ନେଇ ଆଉ ଗୋଟିଏ କାଳଜୟୀ ପୁରାଣ ଲେଖୁ ।

ଏଇ ଲେଖକ ତାର ବାପାଙ୍କ ମୁହଁରୁ ଶୁଣିଛି ରସାକେଳାଙ୍କ ଘରେ ଖାଇସାରି ଫେରିଲା ବେଳେ ଗୌରୀଭାଇ (ସେଇ ନାମରେ ବାପା ମୋତେ ତାଙ୍କର ପରିଚିତ ଦେଇଥିଲେ) ଙ୍କର ତୃପ୍ତୀଭରା ମୁଖକୁ । ବଖାଣିଥିଲେ ତାଙ୍କ ଉଦ୍ଦାମ ଚାଲିର ଦୃଶ୍ୟକୁ । ବାଗଲପୁର ହୁଲୁସ୍ଥୁଲ ହୋଇଗଲା । କରଣ ସାଆନ୍ତମାନେ ହତବମ୍ବ ହୋଇ କହିଲେ ଗୌରୀ ଏ କଣ କଲା ?

ମୋ କାନରେ ମନୀଷା କହିଲା ଗଉରୀ କାଳକାଳକୁ ନାଁ ରଖିଗଲା । ଧିରେ ଧିରେ ପଥର ପରି କଠୋର ସାମନ୍ତବାଦୀ ମାନେ ତରଳିବା ଆରମ୍ଭ କଲେ । ଗୌରୀଭାଇଙ୍କୁ ଆଦର୍ଶକରି ଅଖ୍ୟାତ ବାଗଲପୁର ଗାଁରେ ଘରେ ଘରେ ମୋହନ ବଂଶୀର ସ୍ୱର ଶୁଭିଲା । ଦେଶର ଅଳ୍ପ କିଛି ଅନନ୍ୟ ଗାଁ ପରି ୧୮ଜଣ ସଂଗ୍ରାମୀ ଏଇ ଗାଁରୁ ବାହାରି କାରାବରଣ କରିଥଲେ । କିନ୍ତୁ ସ୍ୱାଧୀନତା ଆନ୍ଦୋଳନର ସେତୁବନ୍ଧ ଗଢିବାରେ ଏ ଗାଁର ସମସ୍ତେ ଗୁଣ୍ଡୁଚିମୂଷା ପାଲଟିଥିଲେ ।

"ଖୋଲ ପ୍ରତିହାରୀ ମନ୍ଦିର ଦୁଆର
ଆମେ ଦରଶନ ଅଭିଳାଷୀ"

ମନୀଷାର ମଧୁର କଣ୍ଠ ଆମକୁ ମୁଗ୍ଧକଲା । ପୁଲକିତ ହେଲୁ ଆମେ ଜାତିଭେଦର ହିମାଳୟ ତରଳୁଛି । ସନ ୧୯୪୬ ମାସ ତାରିଖ ୨୦ବାର ଗୁରୁବାରରେ ବାଗଲପୁର ଗାଁର କରଣ ସାମନ୍ତଙ୍କ କୂଳ ଦେବତା ଦଧିବାବନ ଜୀଉ ମନ୍ଦିରର ଦୁଆର ଖୋଲୁଛି । ଦଳିତମାନେ ମନ୍ଦିରକୁ ଯିବେ । ଦିଅଁ ଦର୍ଶନ କରିବେ । ଅସମ୍ଭବକୁ ସମ୍ଭବ କରିଛନ୍ତି ଗଉରୀ ଭାଇ ଓ ତାଙ୍କର ସାଥୀମାନେ । ୧୯୩୪ରେ ଗାନ୍ଧିଜୀଙ୍କର ହରିଜନ ଆନ୍ଦୋଳନର ଆଗରୁ ଓଡିଶାର ଅଗମ୍ୟ ନଦୀ ପରିବେଷ୍ଟିତ ବାଗଲପୁର ଗାଁରେ ଅସ୍ପୃଶ୍ୟତା ବିରୋଧି ଆନ୍ଦୋଳନ ଆରମ୍ଭ ହୋଇ ସାରିଥିଲା । ଫଳସ୍ୱରୂପ ସମସ୍ତଙ୍କ ସହମତିରେ ଦଳିତ ହରିଜନଙ୍କ ପାଇଁ ମନ୍ଦିର ଦୁଆର ଖୋଲିଯାଇଥିଲା । "ସୁରୂପା ଅଂଶୁପା ଲୋକେ ଅଗୋଚର" ପରି ଆମର ବିଜୟର ଅନେକ ସ୍ତମ୍ଭ ରହିଯାଇଛି ଅନ୍ଧାରରେ । "ଆଜି ହରିଜନମାନଙ୍କୁ ମନ୍ଦିର ପ୍ରବେଶରେ ଜଣେ ସବର୍ଣ୍ଣ ଏଠାରେ ଆପତ୍ତି କରନ୍ତି ତାହେଲେ ମୁଁ ଫେରିଯିବି ।" ମଧୁର କିନ୍ତୁ ବଜ୍ରପରି ଦୃଢଏଇ ସ୍ୱର । ବର୍ଦ୍ଧିତ ଶ୍ମଶ୍ରୁଯୁକ୍ତ ଋଷିପ୍ରତିମ ମଣିଷଟିଏ । ପ୍ରଣାମ କଲା ମନୀଷା । ସେ ସତ୍ୟବାଦୀର ପଞ୍ଚସଖାର ଅନ୍ୟତମ ସାରଥୀ ଆଚାର୍ଯ୍ୟ ହରିହର । ହରିଜନ ଭାଇମାନଙ୍କୁ ମନ୍ଦିର ପ୍ରବେଶ କରାଇବାରେ ସେ ଆଜି ଅଗ୍ରନାୟକ । ସାଥୀରେ ପଣ୍ଡିତ ଲିଙ୍ଗରାଜ ମିଶ୍ର, ନବକୃଷ୍ଣ ଚୌଧୁରୀ, ପ୍ରାଣକୃଷ୍ଣ ପଡିହାରୀ, ଜାତୀୟ କବି ବୀରକିଶୋର, ସୁରେନ୍ଦ୍ରନାଥ ଦ୍ୱିବେଦୀ ଓ ବିନୋଦ କାନୁନଗୋ ଆଦି ପ୍ରଜ୍ଞାପୁରୁଷମାନେ । କିଛି ସମୟ ପାଇଁ ନିସ୍ତବ୍ଧତା ଖେଳିଗଲା । ଆପତ୍ତି ଉଠିଲାନି । ଉଠିଲା ସହମତିର ସ୍ୱର । ଘର ପିଣ୍ଡାରେ ଚାଳକୁ ଧରି ଛିଡା ହୋଇ ହର୍ଷୋତଫୁଲ୍ଲ ଭାବରେ ଗ୍ରାମ୍ୟ ମହିଳାମାନେ ଦେଖୁଥିଲେ ଏଇ ମହାମିଳନର ଦୃଶ୍ୟକୁ । ଜାତି, ବର୍ଣ୍ଣ, ନିର୍ବିଶେଷରେ ଆରମ୍ଭ ହେଲା ସଂକୀର୍ତ୍ତନ।

ତଥାପି ଉତ୍ସୁକ ଜନତା ଥିଲେ ଶଙ୍କାକୂଳ । ବହୁଦିନରୁ ପୁରାତନ ପନ୍ଥୀମାନେ ପ୍ରଚାର କରିଛନ୍ତି ଯେଉଁ ଅଛୁଆଁ ଲୋକ ପ୍ରଥମେ ପରମ୍ପରା ଭାଙ୍ଗି ମନ୍ଦିରରେ ପଶିବ ତାକୁ ସପ୍ତଫେଣୀ ନାଗ ଦଂଶନ କରିବ କିମ୍ବା ସିଏ ରକ୍ତବାନ୍ତି କରି ମରିବ । ସତରେ, ଅନ୍ଧବିଶ୍ୱାସକୁ ହରେଇବା ବଡ କଷ୍ଟ । କେବଳ କରଣ ସାଆନ୍ତମାନଙ୍କୁ ନୁହେଁ, ବହୁକଷ୍ଟ କରି ବଞ୍ଚିତ ଦଳିତମାନଙ୍କୁ ଅନେକ ଦିନ ହେଲା ବୁଝେଇଥିଲେ ଗୌରାଙ୍ଗ । କହିଥିଲେ ସମସ୍ତେ ଈଶ୍ୱରଙ୍କର ସନ୍ତାନ । ସୂର୍ଯ୍ୟ ସମସ୍ତଙ୍କୁ ଆଲୋକଦିଏ, ଜଳ,ମାଟି ମଧ ବାଛ ବିଚାର କରନ୍ତି ନାହିଁ । ଈଶ୍ୱର ସଦାମଙ୍ଗଳମୟ । ସେ କାହାର ଅନିଷ୍ଟ କେବେ ଚାହିଁବେ ନାହିଁ । ତଥାପି ବି କାହା କାହା ମନରେ ଭୟଥିଲା । ହେଲେ ସବୁ ଅନ୍ଧବିଶ୍ୱାସକୁ ସାମନା କରି ଶ୍ରୀ ଚିନ୍ତେଇ ସାମଲ ମନ୍ଦିରରେ ପଶିଲେ । ଖୋଳ କରତାଳ ଉଦ୍ଦଣ୍ଡ ସ୍ୱରରେ ବାଜି ଉଠିଲା । ସତେ ଯେମିତି ପ୍ରଭୁ ଦଧିବାମନ ହସ୍ତପ୍ରସାରଣ କରି ଚିନ୍ତେଇଙ୍କୁ କୋଳେଇ ନେଇଛନ୍ତି । ଅନୁଭବ ହେଲା ଜୁନ ମାସରେ ପୂଣ୍ୟତୋୟା ବିଲ୍ୱମାୟୀରେ ଖୁସିର ଜଳାଧାର ବୋହିଗଲା ।

ଚିର ଆଧାତ୍ମିକବାଦୀ ମା ସୀତୟା ସମ ସ୍ୱାମୀ ଅନୁଗାମିନୀ ବାଗଲପୁରର କାମିନୀ କୂଳ ନୂତନ ଭାବେ ଠାକୁର ଦଧିବାବନଙ୍କୁ ଆବିଷ୍କାର କରି କହିଲେ, ପ୍ରଭୁ ତୁମେ ଶବରୀ ଅଇଁଠା ଖାଇଥିଲ, ଦାସିଆ ହାତରୁ ନଡିଆ ନେଇଥିଲ, ମା ଲକ୍ଷ୍ମୀଙ୍କୁ ଶ୍ରୀୟାଚଣ୍ଡାଳୁଣୀ ଘରକୁ ପଠାଇଥିଲ ଆଉ ଆଜି ଚିନ୍ତେଇ ହାତରୁ ଭୋଗ ଖାଇ ତୁମର ଜଗତର ନାଥ ନାମକୁ ପୁଣି ସାର୍ଥକ କଲ ।

ସଂକୀର୍ତ୍ତନ ପରେ ସମସ୍ତେ ଏକାଠି ପଂକ୍ତି ଭୋଜନରେ ବସିଲେ । ଲୋକଙ୍କ ଆଖିରେ ଦିବ୍ୟାଙ୍ଗ ଗୌରାଙ୍ଗ ପାଲଟିଗଲେ ସୁନାର ଗୌରାଙ୍ଗ । ମନ୍ଦିରରେ ସମସ୍ତଙ୍କ ସହମତିରେ ଦଳିତମାନଙ୍କର ମନ୍ଦିର ପ୍ରବେଶ ଓଡିଶାରେ ଥିଲା ପ୍ରଥମ । ମନୀଷା ସୂଚେଇ ଦେଲା ସମସ୍ତଙ୍କ ସହମତିରେ ଦଳିତମାନଙ୍କର ମନ୍ଦିର ପ୍ରବେଶ ମଧ ଦେଶରେ ଅନନ୍ୟ । ମନେ ପକେଇଦେଲା ଜଣେ ହେଲେବି ବିରୋଧ କଲେ ଫେରିଯିବି ବୋଲି ଆଚାର୍ଯ୍ୟ ମହାଶୟ କହିଥିବା କଥା । ବାଗଲପୁର ଗାଁକୁ ଗାନ୍ଧିଜୀଙ୍କର ସ୍ୱପ୍ନର ଗାଁରେ ପରିଣତ କରିଦେଲେ କ୍ଷୁର୍ଣ୍ଣହସ୍ତ ଗୌରାଙ୍ଗ । କ୍ଷୁର୍ଣ୍ଣବାହୁ ଭଗବତ୍ ଆଶୀଷରେ ମହାବାହୁରେ ପରିଣତ ହେଲା । ମାନବୀୟ ଆଲିଙ୍ଗନରେ ବାନ୍ଧି ରଖିଲା ସବୁ ମଣିଷମାନଙ୍କୁ । ଏ ସଂବାଦ ପାଇ ବାଗଲପୁରବାସୀଙ୍କୁ ବଧେଇ ଜଣେଇ ଏଠିକି ଥରେ ଆସିବେ ବୋଲି ମାଳତୀ ଦେବୀଙ୍କ ହାତରେ ବାର୍ତ୍ତା ଦେଇଥିଲେ ମହାତ୍ମା । କିନ୍ତୁ ଆସିପାରିନଥିଲେ । ହେଲେ ଗାନ୍ଧିଜୀଙ୍କର ନାତୁଣୀ ତାରା ଗାନ୍ଧୀ ୨୦୧୮ ମସିହା ଫେବୃଆରୀ ୨୮ତାରିଖ ପୂର୍ବାହ୍ନରେ ଏଇ ଗାଁରେ ପହଁଚି ଥିଲେ । ଗାନ୍ଧିଜୀଙ୍କର କନିଷ୍ଠପୁତ୍ର ଦେବଦାସଙ୍କର ସେ ପୁତ୍ରୀ । ଦେବଦାସଙ୍କର ସ୍ତ୍ରୀ ଲକ୍ଷ୍ମୀ, ଚକ୍ରବର୍ତ୍ତୀ ରାଜଗୋପାଳଚାରୀଙ୍କର କନ୍ୟା । ପ୍ରବଳ ଜନ ସମାଗମ ମଧ୍ୟରେ ସୁକନ୍ୟା ତାରା ଉଦ୍‌ଘାଟନ କରିଥିଲେ ଗାନ୍ଧୀ ଉଦ୍ୟାନ ଓ ସଂଗ୍ରାମୀଙ୍କର ପ୍ରତିମୂର୍ତ୍ତିମାନ । ଭାବବିହ୍ୱଳ ହୋଇ କିଛି ସମୟ କଟାଇଥିଲେ ଗୌରାଙ୍ଗଙ୍କର ଘରର ପରିବେଶରେ ।

କଥାରେ ନୁହେଁ ନିଜର ଆଚରଣରେ ଗୌରାଙ୍ଗ ଦେଖାଇଥିଲେ ମାନବପ୍ରୀତି। ଆଦ୍ୟ ଜୀବନରେ ସେ ସବୁ ମଣିଷକୁ ସମାନ ଦୃଷ୍ଟିରେ ଦେଖିଥିଲେ । ଜାତି, ବର୍ଣ୍ଣ, ଧର୍ମର ପ୍ରାଚୀର ତାଙ୍କ ପାଇଁ ଥିଲା ଅଲୋଡା । ଜୀବନସାରା ସେ ବଞ୍ଚିତ, ଦଳିତମାନଙ୍କ ପାଇଁ ଲୁହ ଗଡାଉଥିଲେ ଓ ତାଙ୍କର ଅଧିକାର ଓ ସମ୍ମାନ ରକ୍ଷା ପାଇଁ କାର୍ଯ୍ୟ କରିଥିଲେ । ମଣିଷ ଆଖିର ଲୁହ ତାଙ୍କୁ ସଦା ବ୍ୟଥିତ କରିଥିଲା । ଦଳିତ ହରିଜନର ହେଉ କିମ୍ବା ସ୍ୱ ଅଧିକାରରୁ ବଞ୍ଚିତ କୃଷକର ହେଉ ଅବା ଗଡଜାତର ନିଷ୍ପେସିତ ଗଡଜାତ ପ୍ରଜା ହେଉ ।"ମୃତ୍ୟୁପରେ ମୋର ମୃତ ଦେହକୁ ବାଗଲପୁର ନେଇଯିବ ଓ ହରିଜନ ଭାଇମାନେ ମୋତେ ଶ୍ମଶାନକୁ ବୋହିନେବେ ।" ଏଥିଲା ଦଳିତମାନଙ୍କର ଆଜୀବନ ସେବକ ଗୌରାଙ୍ଗଙ୍କର ଶେଷଇଚ୍ଛା । ଜନ୍ମଭୂଇଁ ଓ ସେ ମାଟିର ସର୍ବହରାଙ୍କ ପ୍ରତି ଥିବା ଅସୀମ ମମତାର ଗଙ୍ଗୋତ୍ରୀ । ଜୀବନଯାତ୍ରା ଆରମ୍ଭ ହୋଇଥିଲା, ସେହି ନିଃସ୍ୱଦଳିତ ମାନଙ୍କ ସାଥୀରେ, ଶ୍ମଶାନକୁ ଯାତ୍ରାହେଲା ସେମାନଙ୍କ କାନ୍ଧରେ । ବାଗଲପୁର ମାଟିକି ପ୍ରଣାମ କରି ମନୀଷା କହିଲା, ହୃଦୟର ଭାଷାକୁ ଅନୁଭବ କରିହୁଏ, ମୁହଁରେ କୁହାଯାଇ ପାରେନା କି କଲମରେ ଲେଖାଯାଇପାରେନା । ବାରବାର ଆମ କାନକୁ ଶୁଭୁଥିଲା, ଖୋଲ ପ୍ରତିହାରୀ ମନ୍ଦିର ଦୁଆର । (ସମାପ୍ତ)


ବାରଙ୍ଗ, କୋଟିଆଁ
ଜଗତସିଂହପୁର
ମୋ-୯୯୩୭୦୯୨୨୫୯





## ନିରବ ନିସ୍ତବ୍ଧ ମୋ ପରିବେଶ

### ବୃନ୍ଦାବନ ପ୍ରଧାନ

କାନ୍ଦୁଛି ବନ କାନ୍ଦୁଛି ପାହାଡ
କାନ୍ଦୁଛି ଝରଣା କାନ୍ଦୁଛି ଆକାଶ
ନିରବ ନିସ୍ତବ୍ଧ ଆଜି
ମୋ ପରିବେଶ ମୋ ପରିବେଶ ।

ଦୁଃଖର ସାଗରେ ଭାସୁଛି ନଈ
ଫେରିବ କି ପୁଲକିତ ଜ୍ୟୋସ୍ନା ଛୁଇଁ
ଗାଧୁଆ ତୁଠର ଅଛି ଅବଶେଷ ଆଜି
ନାୟିକାର ସ୍ନାନ ଯାଇଛି ହଜି ।

କୃଷକର ଗୀତ ଶୁଭୁନି ଆଉ
କଳଯନ୍ତ୍ରରେ ହେଉଛି ଚାଷ
ଅଣ୍ଟୁନି ଆଉ ସେ ବାରମାସ
ନିରବ ନିସ୍ତବ୍ଧ ମୋ ପରିବେଶ।

ଆଈ ମାଁ କାହାଣୀ ଯାଇଛି ହଜି
ମୋବାଇଲର ଆଜି ବଢ଼ିଛି ଯଶ
ନିଦ ଆସୁନି ସେ କାହାଣୀ ଶୁଣି
ନିରବ ନିସ୍ତବ୍ଧ ମୋ ପରିବେଶ।

## ଶ୍ରାବଣୀ

### ଡ.ଶୁଭେନ୍ଦୁ ମେହେର

ଶ୍ରାବଣୀ........!
ତୁମେ ଉଚ୍ଛୁଳା ନଈର ପାଣି ।

ମୁକ୍ତ ଆକାଶର କାଉଁରୀ କନ୍ୟା ଗୋ
ଅପରୂପ ତୁମ ପୀୟୂଷର ଧାରା
ଅମୃତର ସଞ୍ଜୀବନି ।
ଶ୍ରାବଣୀ........!
ତୁମେ ଉଚ୍ଛୁଳା ନଈର ପାଣି ।

ଆଦ୍ୟ ବରଷାର କୁଆଁରୀ କନ୍ୟା ଗୋ
ମେଦୁର ଆକାଶେ ମହନୀୟା ତୁମେ
ନିଦାଘ ତାପ ନାଶିନୀ ।
ଶ୍ରାବଣୀ........!
ତୁମେ ଉଚ୍ଛୁଳା ନଈର ପାଣି ।

କଳା ବଉଦରେ କୁଆଁରୀ ଛନ୍ଦେ
କାଗଜ ଡଙ୍ଗାରେ ମହ୍ଲାର ତୁମେ
ଶ୍ରାବଣର ପାଟରାଣୀ ।
ଶ୍ରାବଣୀ........!
ତୁମେ ଉଚ୍ଛୁଳା ନଈର ପାଣି ।

ମ୍ଳାନ ମୌସୁମୀର ମହନୀୟତା ଗୋ
ସାଧବ ବୋହୂର କୁଆଁରୀ ମଥାରେ
ସତେ କି' ନାଲି ଓଢଣୀ ।
ଶ୍ରାବଣୀ........!
ତୁମେ ଉଚ୍ଛୁଳା ନଈର ପାଣି ।

ନିଃଶବ୍ଦ ରାତିର ଶବ୍ଦର ଝଙ୍କାରେ
ରୂପ ସୁଷମାର ଲାବଣ୍ୟବତୀ ଗୋ
ଆସ ଜଗତ କଲ୍ୟାଣୀ ।
ଶ୍ରାବଣୀ........!
ତୁମେ ଉଚ୍ଛୁଳା ନଈର ପାଣି ।

ତୁମ ଆଗମନେ ତୃପ୍ତ ଲଭୁ ଧରା
ଶିହରଣ ଖେଳୁ ବିଶ୍ୱ ବୁକୁରେ ଗୋ
ରୌଦ୍ର ହୁଏ ଅସହଣୀ ।
ଶ୍ରାବଣୀ........!
ତୁମେ ଉଚ୍ଛୁଳା ନଈର ପାଣି ।

ଶୁଖିଲା ନଈରେ ଯଉବନ ଆଜି
ପୂର୍ଣ୍ଣଗର୍ଭା ହେଉ ସବୁଜ ଖେତ ଗୋ
ନଈ ନାଳ ନିର୍ଝରିଣୀ ।
ଶ୍ରାବଣୀ........!
ତୁମେ ଉଚ୍ଛୁଳା ନଈର ପାଣି ।

ମେଘ ମହ୍ଲାରରେ ଛମ୍ ଛମ୍ ହୋଇ
ଭିଜା ମାଟି ଗନ୍ଧେ ମୟୁର ନାଚେ ଗୋ
ବଜାଇ ମେଘ ରୋଷଣୀ ।
ଶ୍ରାବଣୀ........!
ତୁମେ ଉଚ୍ଛୁଳା ନଈର ପାଣି ।

ଶାଶ୍ୱତ ପ୍ରେମର ପୁଣ୍ୟ ମହନୀୟା
ଶୂନ୍ୟ ଆକାଶର ବକ୍ଷ ଚିରି ତୁମେ
ଢାଳିଦିଅ ସ୍ରୋତସ୍ୱିନୀ ।
ଶ୍ରାବଣୀ........!
ତୁମେ ଉଚ୍ଛୁଳା ନଈର ପାଣି ।

ତୋ' ପାଇଁ ଲେଖିଛି ପ୍ରୀତିର କବିତା
ଆସ ପ୍ରିୟତମା ନ' ରଖି ଦୂରତା
ତୁମେ ପ୍ରେମ ପ୍ରଣୟିନୀ ।
ଶ୍ରାବଣୀ........!
ତୁମେ ଉଚ୍ଛୁଳା ନଈର ପାଣି ।

ଗାଁ' ବିଲ ବଣେ କାଦୁଅ ରାସ୍ତାରେ
ଅଧାଲେଖା ମୋ' କବିତାରେ ତୁମେ
ସବୁଜିମା ଦିଅ ବୁଣି ।।
ଶ୍ରାବଣୀ..........!
ତୁମେ ଯୌବନ ନଈ ଉଜାଣି ।


+ଯାଲୋଏ, ସୁବର୍ଣ୍ଣପୁର
ପିନ-୭୬୭୦୧୮
ମୋ-୯୯୩୮୪୩୩୬୬୪

# ବାର୍ଦ୍ଧକ୍ୟରେ ଆଂଟି ଅକ୍ସିଡାଂଟର ଆବଶ୍ୟକତା

*ବାର୍ଦ୍ଧକ୍ୟାବସ୍ଥା ରୋଗ ନୁହେଁ, ଏହା ଜୀବବିଜ୍ଞାନ ପ୍ରକ୍ରିୟା। ଏହାକୁ କେହି ପରିହାର କରିପାରିବେନି। ଏହା ମନୁଷ୍ୟ ପାଇଁ ଅପରିହାର୍ଯ୍ୟ। ବୈଜ୍ଞାନିକ ଦୃଷ୍ଟିକୋଣରୁ ବାର୍ଦ୍ଧକ୍ୟ ହେଉଛି ଏକ ଜଟିଳ ପ୍ରକ୍ରିୟା। ଏହି ଅବସ୍ଥାରେ ଶରୀରରେ ଜୀବନକୋଷ କ୍ଷୟକ୍ଷତି ଘଟିବା ସହ ଶରୀରରେ ଶକ୍ତିର ଅଭାବ ଘଟେ। କାରଣ ଏହି ସମୟରେ ଶରୀରରେ ବିଚନ ପ୍ରକ୍ରିୟା ବାଧାପ୍ରାପ୍ତ ହୋଇଥାଏ। ଦୃଢ଼ ପ୍ରତିରୋଧକ ଶକ୍ତିର ହ୍ରାସ ଘଟିଥାଏ। ବୃଦ୍ଧାବସ୍ଥାରେ ବହୁବିଧ ରୋଗର ଶିକାର ହେବାକୁ ପଡ଼େ। ଏଥିରୁ ଉପଶମ ପାଇବା ପାଇଁ ପୋଷଣ ଆଂଟିଅକ୍ସିଡାଣ୍ଟ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି।*



ଆଧୁନିକ ଗବେଷଣାରୁ ଜଣାପଡ଼ିଛି ଯେ, ପରିଣତ ବୟସରେ ଯଦି ମନୁଷ୍ୟ ଆଣ୍ଟିଅକ୍ସିଡାଣ୍ଟର ନିର୍ଦ୍ଧାରିତ ଚିକିତ୍ସାରେ ରହେ, ତାହେଲେ ସେ ଉତ୍ତମ ସ୍ୱାସ୍ଥ୍ୟ ଲାଭ କରିପାରିବ। ପୋଷଣ ଆଣ୍ଟିଅକ୍ସିଡାଣ୍ଟ ଚିକିତ୍ସାର ଅନ୍ୟ ଏକ ମହତଗୁଣ ହେଉଛି, ପ୍ରତ୍ୟେକ ବ୍ୟକ୍ତିକୁ ତା'ର ଅଧିକ ଔଷଧ ଖର୍ଚ୍ଚରୁ ବଞ୍ଚାଇବା ଓ ଡାକ୍ତରଖାନାର ରହଣି ସମୟକୁ କମାଇବା। ପୋଷଣ ବିଜ୍ଞାନର ଅନ୍ୟଏକ ଭୂମିକା ହେଉଛି ମନୁଷ୍ୟ ସମାଜକୁ ପୋଷଣ ଚିକିତ୍ସାର ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ଉପରେ ସଚେତନ କରାଇବା। କାର୍ଯ୍ୟଦକ୍ଷ ଆଣ୍ଟି ଅକ୍ସିଡାଣ୍ଟ ଡିଫେନ୍ସ ସିଷ୍ଟମର ମଣିଷ ଉପରେ ଆଣ୍ଟି ଏଜିଂ ପ୍ରଭାବ ଅଛି।



**ବାର୍ଦ୍ଧକ୍ୟ ଅବସ୍ଥାର କାରଣ:** ଏହାର ମୁଖ୍ୟ କାରଣ ଗୁଡ଼ିକ ହେଲା:୧- ଶରୀରର କାରଣ ଚାପ, ୨- ଜିନୀୟ ଦାନର ହ୍ରାସ, ୩- ଜୀବକୋଷ ବିଭେଦୀକରଣର କ୍ଷତି, ୪- ଅପରିବର୍ତ୍ତନୀୟ ଅଣୁବିଶିଷ୍ଟର ହାନି, ୫- ଶରୀର କ୍ରିୟାର କ୍ଷୟ ସାଧନ, ୬- ଶରୀରର ଉପଯୋଗୀକରଣ ଓ ସମସ୍ଥିତ ପ୍ରକ୍ରିୟାର ଅବନତି, ୭- ଶରୀରରେ ରୋଗ ପ୍ରତିରୋଧକ ଶକ୍ତିର ହ୍ରାସ, ୮- ପରିବେଶ ପ୍ରଦୂଷଣ, ୯- ଫ୍ରିରାଡ଼ିକାଲର ଜୀବକୋଷ ଓ ଡି.ଏନ.ଏ. ଉପରେ ଆକ୍ରମଣ।

**ଫ୍ରିରାଡ଼ିକାଲସ ଓ ବାର୍ଦ୍ଧକ୍ୟାବସ୍ଥା:** ଫ୍ରିରାଡ଼ିକାଲ ହେଉଛି ଗୋଟିଏ ରାସାୟନିକ ଅବସ୍ଥା, ଯାହା ଜୀବକୋଷର ଦିଗ୍‌ବଳୟରେ ସ୍ୱାଧୀନ ଭାବେ ଅବସ୍ଥାନ କରିଥାନ୍ତି। ସେମାନଙ୍କ ଶରୀରରେ ଏକ କିମ୍ବା ଅଧିକ ଅନପେୟାର ଇଲେକ୍ଟ୍ରୋନ ଥାନ୍ତି। ସେହି ଅନପେୟାର ଇଲେକ୍ଟ୍ରୋନ ଗୁଡ଼ିକ ଶକ୍ତିଶାଳୀ ରସାୟନିକ ବନ୍ଧନ ଗଠନ କରି ଶରୀରର ଜୀବକୋଷର କ୍ଷତି ଘଟାଇଥାନ୍ତି। ଶରୀର ଭିତରେ ଥିବା ଏହି ମାରାତ୍ମକ ଫ୍ରିରାଡ଼ଫିକାଲ ଗୁଡ଼ିକ ଶରୀରରେ ଅନେକ କ୍ଷତି ଘଟାଇବା ସହିତ ମନୁଷ୍ୟକୁ ଶୀଘ୍ର ବାର୍ଦ୍ଧକ୍ୟ ଅବସ୍ଥାକୁ ଟାଣି ନେଇଥାନ୍ତି।। ଏହି ଉଗ୍ର ଓ ପ୍ରତିକ୍ରିୟାଶୀଳ ଫ୍ରିରାଡିକାଲ ସ୍ପେସିଜ୍ ସବୁ ଜୀବକୋଷର ଅନେକ କ୍ଷତି ଘଟଶଇ ମଣିଷର ଶରୀରରେ ଏକାଧିକ ରୋଗ ଉତ୍ପତ୍ତି କରିଥାନ୍ତି। ଏହି ପ୍ରତିକ୍ରିୟାଶୀଳ ରାସୋୟନିକ ସ୍ପେସିଜ ସମୂହ ମଧ୍ୟ ବାର୍ଦ୍ଧକ୍ୟବସ୍ଥା ପାଇଁ ମୁଖ୍ୟତଃ ଦାୟୀ। ଦେହ ଭିତରେ ଏହି ସ୍ପେସିଜ୍ ଗୁଡ଼ିକର ଉତ୍ପତ୍ତି କମିବା ଓ ଏହାର ପରିମାଣ ହ୍ରାସ ହେଲେ ବାର୍ଦ୍ଧକ୍ୟବସ୍ଥାର ବିଳମ୍ବ ଘଟିଥାଏ।

**ବାର୍ଦ୍ଧକ୍ୟଅବସ୍ଥାର ଲକ୍ଷଣ:**

୧- ଦୃଷ୍ଟି ଓ ଶ୍ରବଣ ।କ୍ତିର ହ୍ରାସ, ୨- ଶରୀରରେ ମାଂସପେଶୀର ବଳ କମିବା, ୩- ଗଣ୍ଠି ପୀଡ଼ା ରୋଗ ଦେଖାଯିବା, ୪- ଶରୀରର ଅଙ୍ଗ ସଚଳତା କମିବା, ୫- ଶରୀରର ଚେତନା ଶକ୍ତି ହ୍ରାସ ହେବା।

**ଶରୀରରେ ଆଣ୍ଟି ଅକ୍ସିଡାଣ୍ଟର ଆବଶ୍ୟକତା:** ଆଣ୍ଟିଅକ୍ସିଡାଣ୍ଟ ହେଉଛି ଗୋଟିଏ ରାସାୟନିକ ମଲ୍ଲିକୁଲ। ଏହା ଶରୀରର ଜୀବକୋଷର ଦିଗ୍‌ବଳୟରେ ବେଶ୍ ସ୍ଥିର ଭାବରେ ଥାଏ। ଏହି ଆଣ୍ଟିଅକ୍ସିଡାଣ୍ଟ ଗୁଡ଼ିକ ଶରୀର ଭିତରେ ଦକ୍ଷ ପ୍ରତିରକ୍ଷା ସିଷ୍ଟମ ଭାବେ କାର୍ଯ୍ୟ କରିଥାନ୍ତି। ଆଣ୍ଟି ଅକ୍ସିଡାଣ୍ଟ ମଲିକ୍ୟୁଲ ମାରାତ୍ମକ ଫ୍ରିରାଡ଼ିକାଲକୁ ଇଲେକ୍ଟ୍ରୋନ ଦାନକରି ସେ ସବୁକୁ ଅକାମୀ କରିଥାନ୍ତି। ଆଣ୍ଟିଅକ୍ସିଡାଣ୍ଟ ମଲିକ୍ୟୁଲ ନିରାପଦରେ ଫ୍ରିରାଡ଼ିକାଲ ସହ ଅନ୍ତକ୍ରିୟା ବା ପାରସ୍ପରିକ କ୍ରିୟା କରିଥାନ୍ତି। ସେହି ଆଣ୍ଟିଅକ୍ସିଡାଣ୍ଟ ଗୁଡ଼ିକ ସାଧାରଣ ବିଚନ ପ୍ରକ୍ରିୟା ସମୟରେ ଶରୀର ଭିତରେ ଉତ୍ପତ୍ତି ହୋଇଥାନ୍ତି। ସେମାନଙ୍କ ମଧ୍ୟରୁ କିଛି ଆଣ୍ଟିଅକ୍ସିଡାଣ୍ଟ ହେଉଛନ୍ତି, ଗ୍ଲୁଟାଥାୟନ, ଇୟୁବିକ୍ୟୁନେଲ ଏବଂ ଇୟୁରିକ ଅମ୍ଳ। ଅନ୍ୟ ଆଣ୍ଟିଅକ୍ସିଡାଣ୍ଟ ଗୁଡ଼ିକ ଖାଦ୍ୟରୁ ମିଳିଥଶନ୍ତି। ଶରୀର ଭିତରେ କେତେ ଗୁଡ଼ିଏ ଏନଜାଇମ ସିଷ୍ଟମ ଓ ନନଏନଜାଇମ ସିଷ୍ଟମ ଫ୍ରିରାଡ଼ିକାଲକୁ ସ୍କାଭେଜିଂ



କରିବାରେ ପ୍ରଧାନ ଭୂମିକା ନେଇଥାନ୍ତି। କିଛି ନନ୍ ଏନଜାଇମ ଆଣ୍ଟି ଅକ୍ସିଡାଣ୍ଟ ଗୁଡ଼ିକ ହେଲା- ଭିଟାମିନ-ଏ, ଭିଟାମିନ-ସି, ଏବଂ ବିଟା-କାରୋଟିନ। ଶରୀର ଭିତରେ ଏସବୁ ପଦାର୍ଥ ଗୁଡ଼ିକ ତିଆରି ହୋଇପାରନ୍ତି ନାହିଁ। ଏସବୁ ପୁଷ୍ଟିକର ଆଣ୍ଟିଅକ୍ସିଡାଣ୍ଟ ଗୁଡ଼ିକ ହେଲା ଭିଟାମିନ-ଏ,. ଭିଟାମିନସି, ଏବଂ ବିଟା-କାରୋଟିନ। ଶରୀରର ଭିତରେ ଏସବୁ ପଦାର୍ଥଗୁଡ଼ିକ ତିଆରି ହୋଇପାରନ୍ତି ନାହିଁ। ଏସବୁ ପୁଷ୍ଟିକର ଆଣ୍ଟିଅକ୍ସିଡାଣ୍ଟ ଗୁଡ଼ିକ ଖାଦ୍ୟରେ ସାମିଲ ହେବା ଉଚିତ୍।

**ଶରୀରରେ ଆଣ୍ଟିଅକ୍ସିଡାଣ୍ଟ ପଦ୍ଧତିର ଆବଶ୍ୟକତା:**

ଆଣ୍ଟିଅକ୍ସିଡାଣ୍ଟ ଡିଫେନ୍ସ ସିଷ୍ଟମର ମୁଖ୍ୟ କାର୍ଯ୍ୟ ଗଉଡ଼ିକ ହେଲା୧- ଶରରର କ୍ରିୟାତ୍ମକ ଜୀବକୋଷକୁ କାରଣ କ୍ଷତିରୁ ରକ୍ଷା କରିବା, ୨- ମସ୍ତିଷ୍କ ରକ୍ତକୋଷର ଇଣ୍ଟିଗ୍ରିଟିକୁ ନିରାପଦରେ ରଖିବା, ୩- ମସ୍ତିଷ୍କ ନିୟୁରନ କୋଷକୁ ପୃଷ୍ଟପୋଷକତା ଦେବା, ୪- ଜିନ୍‌ର ଇଣ୍ଟିଗ୍ରିଟି ଓ ସ୍ଥିରତାକୁ ସଂରକ୍ଷଣ କରିବା ୫- ମନୁଷ୍ୟ ଶରୀରର ସିମେନର ବିଶେଷତ୍ୱରେ ଉନ୍ନତି ଆଣିବା ୬- ଡି.ଏନ.ଏ. ମରାମତିରେ ସହାୟକ ହେବା ଓ ଡି.ଏନ.ଏ.କୁ କ୍ଷତିରୁ ରକ୍ଷା କରିବା, ୭- ଶରୀରର ରୋଗ ପ୍ରତିରୋଧକ ସିଷ୍ଟମର ଉନ୍ନତି କରିବା ଓ ଶରୀରକୁ ନାନାବିଧ ରୋଗ ଦାଉରୁ ରକ୍ଷା କରିବା, ୮ - ଶରୀରର କ୍ରୋନିକ ରୋଗକୁ ନିୟନ୍ତ୍ରଣ କରିବା, ୯- ଶରୀରରେ ଜିନର ପ୍ରକାଶ କାରଣକୁ ନିୟନ୍ତ୍ରଣ କରିବାରେ ସହାୟକ ହେବା। ପୋଷଣ ଆଣ୍ଟିଅକ୍ସିଡାଣ୍ଟ ଗୁଡ଼ିକର ଶରୀର ଉପରେ ଇନକ୍ରେଡିବିଲ ପ୍ରଭାବ ରହିଛି।

୧. ଭିଟାମିନ-ଏ, ଭିଟାମିନ-ଇ ଓ ଭିଟାମିନ-ସି ଯୌଗିକ ବସ୍ତୁ ଗୁଡ଼ିକ ପଥ୍ୟ ଆଣ୍ଟିଅକ୍ସିଡାଣ୍ଟ। ଏଗଉଡ଼ିକ ସବୁଜ, ହଳଦିଆ ଓ କମଳା ରଙ୍ଗ ପନିପରିବା ଓ ଫଳରେ ଅଧିକ ଥାନ୍ତି। ତେଣୁ ଏହି ଖାଦ୍ୟ ନିୟମିତ ଖାଇବା ଉପକାରୀ।

୨. ଲେମ୍ବୁ, କମଳା, ଅଙ୍ଗୁର ସମେତ ସବୁଜ ପତ୍ର ବହୁଳ ପନିପରିବା, ବନ୍ଧାକୋବି, ସବୁଜ ଲଙ୍କା, ପିଜୁଳି ଓ ଅଙ୍କୁରିତ ଡାଲିଜାତୀୟ ଶସ୍ୟ ଯଥା-ମୁଗ, ବିରି, ଶିମ୍ବ ଓ ମଟର ଆଦିରେ ପ୍ରଚୁର ପରିମାଣରେ ଭିଟାମିନ ସି ଥାଏ। ସେସବୁ ଖାଦ୍ୟ ବିଧିବଦ୍ଧ ଖାଇବା ଆବଶ୍ୟକ।

# କ୍ଷଣିକରେ ମହାଭାରତର ଯୁଦ୍ଧ ଶେଷ କରିଥାନ୍ତେ ଏହି ଯୋଦ୍ଧା, ଏହି କାରଣରୁ ଲଢ଼ିଲେନି ଯୁଦ୍ଧ...

ଧର୍ମ ଓ ଅଧର୍ମ ମଧ୍ୟରେ ହୋଇଥିଲା ମହାଭାରତ ଯୁଦ୍ଧ । ଏହି ଯୁଦ୍ଧ ୧୮ ଦିନ ଧରି ଚାଲିଥିଲା ଏବଂ ଏଥିରେ ପ୍ରାୟ ଲକ୍ଷ ଲକ୍ଷ ସୈନ୍ୟ ପ୍ରାଣ ହରାଇଥିଲେ । ମହାଭାରତ ଯୁଦ୍ଧରେ ଜଣେ ଏପରି ଯୋଦ୍ଧା ଥିଲେ ଯିଏକି କେବଳ ୩ଟି ବାଣରେ କୁରୁକ୍ଷେତ୍ରରେ ଯୁଦ୍ଧ ଶେଷ କରିପାରିଥାନ୍ତେ । କିନ୍ତୁ ସେ ଯୁଦ୍ଧ କରିନଥିଲେ । ଏହି ଯୋଦ୍ଧା ଆଉ କେହି ନୁହଁନ୍ତି ସେ ହେଉଛନ୍ତି ଭୀମଙ୍କ ନାତି ତଥା ଘଟୋତ୍କଚୋଙ୍କ ପୁଅ ବର୍ବରିକ୍ । ସେ ଦିବ୍ୟଶକ୍ତି ହାସଲ କରିଥିଲେ । ପୌରାଣିକ କଥା ଅନୁଯାୟୀ, ବର୍ବରିକଙ୍କ ପାଖରେ ୩ଟି ଏପରି ବାଣ ଥିଲା ଯେଉଁଥିରେ ପୁରା ସେନା ମାତ୍ର ଗୋଟିଏ କ୍ଷଣରେ ଶେଷ ହୋଇଯାଇଥାନ୍ତା । ବର୍ବରିକ୍ ଏହି ୩ଟି ବାଣରେ ୩ଲୋକକୁ ଜିତିପାରିଥାନ୍ତେ । ତାଙ୍କ ପାଖରେ ୩ଟି ଅମୋଘ ବାଣ ମଧ ଥିଲା । ବର୍ବରିକ ଯୁଦ୍ଧ କରିବାକୁ ଚାହୁଁଥିଲେ କିନ୍ତୁ ଶ୍ରୀକୃଷ୍ଣଙ୍କୁ ଜଣାଥିଲା ଯେ ଯଦି



ବର୍ବରିକ ଏହି ଯୁଦ୍ଧରେ ସାମିଲ୍ ହୁଅନ୍ତି ତେବେ ଯୁଦ୍ଧର ପରିଣାମ ଓଲଟା ହୋଇଯିବ । ଏଥିପାଇଁ ଶ୍ରୀକୃଷ୍ଣ ବ୍ରାହ୍ମଣ ବେଶରେ ବର୍ବରିକଙ୍କ ପାଖରେ ପହଞ୍ଚି ଭିକ୍ଷା ମାଗିଥିଲେ । ଯେତେବେଳେ ବର୍ବରିକ ଭିକ୍ଷାରେ କଣ ଦରକାର ବୋଲି ବ୍ରାହ୍ମଣଙ୍କୁ ପଚାରିଥିଲେ । ସେତେବେଳେ ଶ୍ରୀକୃଷ୍ଣ ତାଙ୍କୁ ତାଙ୍କର ମୁଣ୍ଡ ମାଗିଥିଲେ । ଆଉ ବର୍ବରିକ୍ ଆଶ୍ଚର୍ଯ୍ୟ ହୋଇ ବ୍ରାହ୍ମଣଙ୍କୁ ତାଙ୍କର ପରିଚୟ ପଚାରିଥିଲେ । ଏହାପରେ ଶ୍ରୀକୃଷ୍ଣ ନିଜ ବାସ୍ତବ ରୂପକୁ ଫେରିଥିଲେ ଏବଂ ବର୍ବରିକ୍ କୃଷ୍ଣଙ୍କର ସାକ୍ଷାତ ପାଇ ନିଜ ମୁଣ୍ଡକୁ ସମର୍ପଣ କରିଦେଇଥିଲେ । କିନ୍ତୁ ବର୍ବରିକ୍‌ଙ୍କ କଟାମୁଣ୍ଡ ଶ୍ରୀକୃଷ୍ଣଙ୍କ ବରଦାନରୁ ମହାଭାରତର ପୁରା ଯୁଦ୍ଧ ଦେଖିଥିଲେ । କଳିଯୁଗରେ ବର୍ବରିକ୍‌ଙ୍କର ପୂଜା କରାଯିବା ନେଇ ଶ୍ରୀକୃଷ୍ଣ ବରଦାନ ଦେଇଥିଲେ । ଆଉ ବର୍ବରିଙ୍କର ବର୍ତ୍ତମାନ ଖଟୁଶ୍ୟାମ ଭାବେ ପୂଜା ପାଉଛନ୍ତି ।

# ଘରେ ପ୍ରସ୍ତୁତ କରନ୍ତୁ ସୁଜିର ଏହି ରେସିପି: ବର୍ଷା ପାଗ ଖୁବ୍ ଜମିବ



ବର୍ଷା ଦିନେ ଗରମାଗରମ ପକୁଡ଼ି ଖାଇବାର ମଜା ଅଲଗା। ଲୋକେ ଭିନ୍ନ ଭିନ୍ନ ପ୍ରକାରର ପକୁଡ଼ି ଖାଇ ବର୍ଷା ପାଗର ମଜା ଉଠାଇଥାନ୍ତି। ହେଲେ କେବେ ସୁଜି ଓ ଆଳୁର ସୁଆଦିଆ ପକୁଡ଼ି ଖାଇଛନ୍ତି। ଏହା ପାଟିକ ଯେତେ ଚଟପଟା ଖାଇବାକୁ ଯେତେ ସୁଆଦିଆ । ଆସନ୍ତୁ ଜାଣିବା ଏହାର ପ୍ରସ୍ତୁତି ପ୍ରଣାଳୀ । ପ୍ରଥମେ ଆଳୁକୁ ଚୋପା ଛଡ଼ାଇ ଏକ ଗ୍ରେଟ୍‌ରରେ ଘଷି ଦିଅନ୍ତୁ। ତାହାକୁ ଭଲ ଭାବେ ଧୋଇ ଦିଅନ୍ତୁ। ଏହାପରେ ଏକ ପ୍ୟାନ୍‌ରେ ତେଲ ପକାଇ ଜିରା ପକାନ୍ତୁ। ଜିରା ଫୁଟିଲେ କଞ୍ଚା ଲଙ୍କା, ଅଦା, ଭେସ୍ତଙ୍ଗା ପତ୍ର, କଞ୍ଚା ଆଳୁ ପକାଇ ହାଲକା ଭାଜି ଦିଅନ୍ତୁ। ଏବେ ସେଥିରେ ପାଣି ଦିଅନ୍ତୁ। ମନେ ରଖନ୍ତୁ ଏହି ପକୁଡ଼ି ପାଇଁ ଯେତିକି ସୁଜି ବ୍ୟବହାର କରିବେ, ତାର ଦୁଇ ଗୁଣା ପାଣି ପକାଇବେ। ପାଣି ଫୁଟିଗଲେ ଲୁଣ, ହଳଦି, ଲଙ୍କା ଗୁଣ୍ଡ, ଚାଟ ମସଲାକୁ ପକାନ୍ତୁ। ଏହାପରେ ଗ୍ୟାସ୍‌କୁ ସିମ୍ କରି ଦିଅନ୍ତୁ। ସେଥିରେ ଅଳ୍ପ ଅଳ୍ପ କରି ସୁଜି ପକାଇ ତାହାକୁ ଭଲ ଭାବେ ଜନ୍ତଣୀ ଦିଅନ୍ତୁ। ଏହାକୁ ୫ ମିନିଟ୍ ପର୍ଯ୍ୟନ୍ତ ଘୋଡ଼ାଇ ଦିଅନ୍ତୁ। ପରେ ତାହାକୁ ହାତରେ ଛୋଟା ଛୋଟା ଗୁଳା କରି ତେଲରେ ଛାଣି ଦିଅନ୍ତୁ। ଏବେ ପ୍ରସ୍ତୁତ ହୋଇଗଲା ଗରମାଗରମ ସୁଜି ପକୁଡ଼ି। ବର୍ଷା ପାଗରେ ଏହାର ମଜା ନିଅନ୍ତୁ।

# ରକ୍ତହୀନତା ଓ ମହିଳା

ସାଧାରଣତଃ ସହରାଂଚଳ ଅପେକ୍ଷା ଗ୍ରାମାଂଚଳରେ ମହିଳାମାନେ ଅଧିକ ସଂଖ୍ୟାରେ ରକ୍ତହୀନତାର ଶିକାର ହୋଇଥାନ୍ତି । ତେବେ ଏହି ରକ୍ତହୀନତା ରୋଗର ପ୍ରଥମରୁ ଚିକିତ୍ସା କରାଯାଇ ନପାରିଲେ ମଣିଷ ମୃତ୍ୟୁ ମୁଖକୁ ଟାଣି ହୋଇଯିବାର ସମ୍ଭାବନା ରହିଛି। ଏଥିପାଇଁ ବେଳହୁଁ ସତର୍କତା ଅବଲମ୍ବନ କରିବାର ଯଥାର୍ଥତା ରହିଛି। ତେବେ ରକ୍ତହୀନତା କ'ଣ ଏବଂ ଏହି ରୋଗର ଉପଚାର ସମ୍ପର୍କରେ ଆସନ୍ତୁ ଜାଣିବା।



ଇଂରାଜୀରେ ଗୋଟିଏ ପ୍ରବାଦ ରହିଛି ପ୍ରିଭେନଶନ ଇଜ୍ ବେଟର ଦ୍ୟାନ କିଓର। ତା'ଣ ଭାବାର୍ଥ ହେଲା ଚିକିତ୍ସା ଦ୍ୱାରା ରୋଗ ମୁକ୍ତ ହେବା ଅପେକ୍ଷା ରୋଗ ନିବାରଣ କରିବା ଭଲ। ଶିକ୍ଷିତା ନାରୀ ସ୍ୱାସ୍ଥ୍ୟ ପ୍ରତି ସଚେତନ ହୋଇ ବିଭିନ୍ନ ସ୍ୱାସ୍ଥ୍ୟଧର୍ମୀ ପତ୍ରିକା ପଢ଼ି ତଦନୁସାରେ ନିଜ ସ୍ୱାସ୍ଥ୍ୟର ଯତ୍ନ ନେବା ବେଶ୍ ଜାଣିପାରୁଛି। ଗ୍ରାମାଞ୍ଚଳରେ ଅଶିକ୍ଷିତ ତଥା ନିରକ୍ଷର ମହିଳାମାନେ ଅଜ୍ଞାତରେ ବଶବର୍ତ୍ତୀ ହୋଇ ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦେଉନାହାନ୍ତି। ପୁଷ୍ଟିକର ଖାଦ୍ୟ ଅଭାବରେ ଅନେକ ଗ୍ରାମ୍ୟ ମହିଳା ରକ୍ତହୀନତାର ଶିକାର ହୋଇ ଅକାଳରେ ପ୍ରାଣ ହରାଉଛନ୍ତି। ଓଡ଼ିଶାରେ ରକ୍ତହୀନତାର ମୃତ୍ୟୁ ହାର ସର୍ବାଧିକ ବୋଲି ଅନୁସନ୍ଧାନରୁ ଜଣାପଡ଼ିଛି। ଏଣୁ ଏହା ଏକ ଉଦ୍‌ବେଗର ବିଷୟ ଭାବେ ଦେଖା ଦେଇଛି।

**ଲକ୍ଷଣ:** ଶରୀରରେ ରକ୍ତର ପରିମାଣ କମ୍ ହେଲେ ନିମ୍ନଲିଖିତ ଲକ୍ଷଣମାନ ପ୍ରକାଶ ପାଇଥାଏ। ଏଥିପ୍ରତି ଯତ୍ନବାନ ହେବାର ଆବଶ୍ୟକତାରହିଛି।

- ରକ୍ତହୀନତାର ବ୍ୟକ୍ତି ଅଧିକ ଦୁର୍ବଳ ଅନୁଭବ କରେ। ସାମାନ୍ୟ ପରିଶ୍ରମ କଲେ ତାକୁ ଥକ୍କା ଲାଗେ। ଆଳସ୍ୟ ଏବଂ ନିରୁତ୍ସାହିତ ସର୍ବଦା ଲାଗିରହେ। କୌଣସି କାମରେ ମନ ଲାଗେନି।
- ରୋଗୀ ସବୁବେଳେ ବିଛଣାରେ ପଡ଼ିରହିବାକୁ ପସନ୍ଦ କରେ। ଭୋଗ ଲାଗେ ନାହିଁ କିମ୍ବା ଭୋକହୁଏ। ଖାଦ୍ୟ ଭଲଭାବେ ଜୀର୍ଣ୍ଣ ହୁଏନାହିଁ।
- ପେଟ ସବୁବେଳେ ଓଜନିଆ ଲାଗେ। କୋଷ୍ଠକାଠିନ୍ୟ ଲାଗିରାହେ।
- ରକ୍ତହୀନତା ହେତୁ ବ୍ୟକ୍ତିକୁ ଚିଡ଼ିଚିଡ଼ା ଲାଗେ। ତା'ର ସ୍ମରଣ ଶକ୍ତି ମଧ୍ୟ କମିଯାଏ।
- ଶରୀର ହଳଦିଆ ଦେଖାଯାଏ। ମୁଣ୍ଡ ବୁଲାଏ, ଆଖି ଆଗରେ ଝାପସା ଝାପସା ଦେଖାଯାଏ।
- ରକ୍ତଚାପ କମ ହୋଇଯିବାର ଲକ୍ଷଣ ମଧ୍ୟ ପରିଲକ୍ଷିତ ହୁଏ।
- ରୋଗ ବୃଦ୍ଧି ପାଇବା ଅବସ୍ଥାରେ ଓଠ,



ଜିଭ, ନଖ ଆଦି ଧଳା ଦେଖାଯାଏ।
- ଶରୀରରେ ତଥା ଗୋଡ଼ ହାତରେ ଯନ୍ତ୍ରଣା ଲାଗିରହେ।
- ଏହାଦ୍ୱାରା ମାସିକ ଋତୁସ୍ରାବ ମଧ୍ୟ କମିଯାଏ। ଏମିତି ପରିସ୍ଥିତିରେ ଗର୍ଭଧାରଣ କଲେ ଶିଶୁ ଦୁର୍ବଳ ହୋଇପଡ଼େ।

**ଶରୀରରେ ରକ୍ତ କମିଯିବାର କାରଣ ରକ୍ତସ୍ରାବ:**

ଖଣ୍ଡିଆ ହେଲେ, କଟିଗଲେ, ଅପରେସନ କିମ୍ବା ଅନ୍ୟ କୌଣସି କାରଣରୁ ଶରୀରରୁ ଯେବେ ଅଧିକ ରକ୍ତ ନିର୍ଗତ ହୁଏ, ତେବେ ଶରୀରରେ ରକ୍ତହୀନତା ଦେଖାଦିଏ।

**ଅନ୍ତଃକୃମିର କାରଣ:** ଗ୍ରାମ୍ୟ ମହିଳାମାନେ ଖାଲି ପାଦରେ ସବୁବେଳେ ଆତଯାତ ହୁଅନ୍ତି। ପାଦରେ କୃମି ପେଟକୁ ଯାଇ ରକ୍ତ ଶୋଷଣ କଲେ ରକ୍ତହୀନତା ଦେଖାଦିଏ ସେହିପରି ଏମିତି କେତୋଟି ରୋଗ ଅଛି ଯାହା ଦ୍ୱାରା ଶରୀରୁ ରକ୍ତ ବାହାରିଯାଏ। ମଳକଣ୍ଟକ, ଆମାଶୟ, ବ୍ରଣ ଆଦି।

**କୁପୋଷଣ:** ପୂର୍ଣ୍ଣ ଭାବେ ପୌଷ୍ଟିକ ଖାଦ୍ୟ ନମିଳିବା, ଖାଦ୍ୟରେ ସବୁଜ ପନିପରିବାର ଅଭାବ, ଫଳ ଓ କ୍ଷୀରର ଆବଶ୍ୟକତାକୁ ପୂରଣ କରି ନପାରିଲେ ରକ୍ତାଳ୍ପତା ହୁଏ। ଏହାବ୍ୟତୀତ ଆଂଟିବାୟୋଟିକ ଔଷଧ ସେବନର ଅଧିକ ହେତୁଲାଲ ରକ୍ତକଣିକା ତିଆରି ପାଇଁ ଅସୁବିଧା ଉପୁଜେ। ଭୋଜ୍ୟ ପଦାର୍ଥ ଭିତରୁ ଲୌହ ଭିଟାମିନ୍ସ ଆଦିର ଅଭାବରେ ମଧ୍ୟ ରକ୍ତହୀନତା ଦେଖାଦିଏ। ପୂର୍ଣ୍ଣ ଭାବେ ବିକଶିତ ହୋଇ ନଥିବା



ଶରୀରକୁ ଗର୍ଭଧାରଣର ବୋଝ, ମାସିକ ଋତୁସ୍ରାବରେ ଅତ୍ୟଧିକ ରକ୍ତକ୍ଷରଣ, ବାରମ୍ବାର ଗର୍ଭଧାରଣ ମଧ୍ୟ ଅନ୍ୟସବୁ କାରଣ ବୋଲି ଜଣାପଡ଼ିଛି।

**ରକ୍ତହୀନତା ଜନିତ ରୋଗ:** ଯଦି ସମୟ ଆଗରୁ ରକ୍ତହୀନତା ପ୍ରତି ଧ୍ୟାନ ଦିଆ ନଯାଏ ଅଥବା ଠିକ ସମୟରେ ଚିକିତ୍ସା ନକଲେ ଅନେକ ପ୍ରକାର ରୋଗ ବଢ଼ିଚାଲେ । ଶରୀର ହଳଦିଆ ହୋଇପଡ଼େ ଏବଂ ରୋଗୀ ଶକ୍ତିହୀନ ହୋଇ ବିଛଣାରେପଡ଼ିରହେ। କାମଳ ଓ ଜଳୋଦର ରୋଗ ମଧ୍ୟ ଗ୍ରାସ କରେ। ଏହା ବେଳେ ବେଳେ ଏମିତି ବିକଟାଳ ରୂପ ଧାଣର କରେ ଯେ ରୋଗୀ ମୃତ୍ୟୁମୁଖରେ ପଡ଼େ। ଗର୍ଭାବସ୍ଥାରେ ରକ୍ତହୀନତା ମା' ଓ ଶିଶୁ ଦୁହିଁଙ୍କ ସ୍ୱାସ୍ଥ୍ୟ ଉଦବେଗଜନକ ହୋଇପଡ଼େ ଏଣୁ ରକ୍ତହୀନତାକୁ ସାମାନ୍ୟ ରୋଗ ନଭାବି ତୁରନ୍ତ ଏହାର ଚିକିତ୍ସା କରାଇନେବା ଉଚିତ।

**ରକ୍ତହୀନତାର ଚିକିତ୍ସା:** ଏହା ଦୂର କରିବା ପାଇଁ ଡାକ୍ତରଙ୍କ ପରାମର୍ଶରେ ଲୌହ ଏବଂ ଭିଟାମିନଯୁକ୍ତ ଖାଦ୍ୟ ପରିପୂର୍ଣ୍ଣ ଭାବରେ ଗ୍ରହଣ କରିବା ଉଚିତ। ଖାଦ୍ୟରେ ସବୁଜ ପନିପରିବା,ବିଭିନ୍ନ ପ୍ରକାରର ଶାଗ, ଯଥା- ପାଳଙ୍ଗ, ଖଡ଼ାଶାଗ, ଧନିଆପତ୍ର, ଫଳ ଭିତରେ କଦଳୀ, ସେଓ, ଅଙ୍ଗୁର, ଅଁଳା, ଗାଜର, ଟମାଟୋ, ଅମୃତଭଣ୍ଡା ଓ କ୍ଷୀର ମଧ୍ୟ ପ୍ରଚୁର ମାତ୍ରାରେ ଗ୍ରହଣ କରିବା ଜରୁରୀ। ଚୋକଡ଼ ମିଶ୍ରିତ ରୁଟି,ବଗଡ଼ା ଭାତ ଖାଇବା ବିଧେୟ। ସକାଳେ ସନ୍ଧ୍ୟାରେ ଖୋଲାପବନ ସେବନ କରିବା ଭଲ। ଡାକ୍ତରଙ୍କ ପରାମର୍ଶରେ ଔଷଧ ସେବନ କଲେ ଆଗକୁ ଭୟ ରହିବ ନାହିଁ। ଶରୀର ସାମାନ୍ୟ କ୍ଳାନ୍ତି ଅନୁଭବ କଲେ, ତୁରନ୍ତ ଡାକ୍ତରଙ୍କ ପରାମର୍ଶ କରିବା ଆବଶ୍ୟକ। କାରଣ ରକ୍ତହୀନତା ଯୋଗୁଁ ଶରୀର ଶକ୍ତି ନପାଇ ଅବଶ ହୋଇପଡ଼େ।

# ନାବାଳିକାକୁ ଦୁଷ୍କର୍ମ ମାମଲା : ଦୋଷୀକୁ ଆଜୀବନ କାରାଦଣ୍ଡ ସହ ୨୦ ହଜାର ଟଙ୍କା ଆର୍ଥିକ ଜୋରିମାନା

ଜୟପୁର, ୨୩/୦୭ (ନି.ପ୍ର): କୋରାପୁଟ ଜିଲା କାକରିଗୁମ୍ମା ଥାନା ଅଂଚଳରେ ଘଟିଥିବା ୪ ବର୍ଷ ନାବାଳିକା ଦୁଷ୍କର୍ମ ମାମଲାର ବିଚାର କରି ୨୨ଟି ସାକ୍ଷ୍ୟ ପ୍ରମାଣ ଓ ୨୭ଟି ଦସ୍ତାବିଜକୁ ଭିତି କରି କାକିରିଗୁମ୍ମା ପରଜା ସାହିର ରାଜା ରାମ ମୁଦୁଲି (୨୪) କୁ ବିଭିନ୍ନ ଦଫାରେ ଆଜି ଜୟପୁର ସ୍ଥିତ ସ୍ୱତନ୍ତ୍ର ପୋକ୍ସୋ କୋର୍ଟ ଦୋଷିକୁ ଆଜୀବନ କାରାଦଣ୍ଡ ସହ ୨୦ ହଜାର ଟଙ୍କା ଆର୍ଥିକ ଜୋରିମାନାରେ ଦଣ୍ଡିତ କରିଛନ୍ତି । ଜୋରିମାନା ଅନାଦୟ ହେଲେ ଦୋଷୀକୁ ଅଧିକ କାରାଦଣ୍ଡ ଭୋଗିବାକୁ ପଡିବ ବୋଲି ରାୟରେ ଦର୍ଶାଇଛନ୍ତି ଅଦାଲତ । ସରକାରଙ୍କ ତରଫରୁ ପିଡିତାକୁ ଆଇନସେବା ପ୍ରାଧିକରଣ ମାଧମରେ ୧୦ ଲକ୍ଷ ୫୦ ହଜାର ଟଙ୍କା ପ୍ରଦାନ କରିବା ନିମନ୍ତେ ନିର୍ଦ୍ଦେଶ ଦେଇଛନ୍ତି ଅଦାଲତ । ମାମଲା ରୁଜୁ ସମୟରେ ପିଡିତାଙ୍କୁ ୩ ଲକ୍ଷ ୫୦ ହଜାର ଟଙ୍କା ଦିଆଯାଇଛି । ପିଡିତା ୭ ଲକ୍ଷ ଟଙ୍କା ପାଇବେ । ମାମଲାର ବିବରଣିରୁ ପ୍ରକାଶ ଯେ, ନାବାଳିକା ୧୯.୫.୨୦୨୦ ଦିନ ୧୨ଟା ବେଳେ ଘର ବାରଣ୍ଡାରେ ଅନ୍ୟ ପିଲାଙ୍କ ସହ ଖେଳୁଥିବା ବେଳେ ଦୋଷୀ ରାଜା ରାମ ମୁଦୁଲି ଚକଲେଟ ଦେବା ବାହାନାରେ ଜଙ୍ଗଲକୁ ନେଇ ଦୁଷ୍କର୍ମ କରିଥିଲା । ଅଚେତ ଅବସ୍ଥାରେ ଛାଡି ଚାଲିଯାଇଥିଲ । ପରିବାର ଲୋକେ ନାବାଳିକା ନିଖୋଜ ଥିବା ଜାଣି ଖୋଜା ଖୋଜି କରିବା ସମୟରେ ପାଖରେ ଥିବା ନିଳଗିରି ଜଙ୍ଗଲରୁ ରକ୍ତ ଜୁଡୁବୁଡୁ ଅଚେତ ଅବସ୍ଥାରେ ଉଦ୍ଧାର କରିଥିଲେ । ପ୍ରଥମେ କାକରିଗୁମ୍ମା ମେଡିକାଲ ଓ କୋରାପୁଟ ଶହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜକୁ ସ୍ଥାନାନ୍ତର କରିଥିଲେ । କାକରିଗୁମ୍ମା ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ତଦନ୍ତରେ ଜାଣି ପୋଲିସ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ସରକାରଙ୍କ ତରଫରୁ ସ୍ୱତନ୍ତ୍ର ସରକାରୀ ଓକିଲ ଡ. ଗାୟତ୍ରୀ ଦେବି ମାମଲା ପରିଚାଳନା କରିଥିଲେ ।

# ଶିକ୍ଷାନୁଷ୍ଠାନରେ ଶିଶୁ ସୁରକ୍ଷା ସମ୍ପର୍କରେ ଜିଲ୍ଲାସ୍ତରୀୟ କର୍ମଶାଳା ଅନୁଷ୍ଠିତ

ପୁରୀ, ୨୩/୦୭ (ନି.ପ୍ର): ପ୍ରତିଟି ପିଲା ଯତ୍ନ ଓ ସୁରକ୍ଷା ଆବଶ୍ୟକ କରେ । ପରିବାର ସହ ବା ପରିବାର ଠାରୁ ବିଭିନ୍ନ କାରଣରୁ ବିଚ୍ଛିନ୍ନ ସମସ୍ତ ପିଲା ମାନଙ୍କୁ ସୁରକ୍ଷା ଦେବା ଆମ ସମସ୍ତଙ୍କ ଦାୟିତ୍ୱ ବୋଲି କହିଛନ୍ତି ଶିଶୁ ଅଧିକାର ସୁରକ୍ଷା ର ଜାତୀୟ କମିଶନର ପ୍ରତିନିଧି ଇଲା ଗୌରବ ସିହ୍ନା । ଆଜି ପୂର୍ବାହ୍ନରେ ସଂସ୍କୃତି ଭବନ ଠାରେ ଶିଶୁ ଅଧିକାର ସୁରକ୍ଷାର ଜାତୀୟ କମିଶନର, ରାଜ୍ୟ କମିଶନର ଓ ଜିଲ୍ଲା ଶିକ୍ଷା ବିଭାଗର ମିଳିତ ସହଯୋଗରେ ଶିଶୁ ସୁରକ୍ଷା ସମ୍ପର୍କରେ ଏକ ଦିବସୀୟ କର୍ମଶାଳା ଅନୁଷ୍ଠିତ ହୋଇଥିଲା । ଏଥିରେ ଯୋଗଦେଇ ଶ୍ରୀମତୀ ସିହ୍ନା ଶିଶୁ କୋମଳ ଓ ନରମ ସ୍ୱଭାବର ହୋଇଥିବାରୁ ଅନେକ ସମୟରେ ଗୃହରେ ଗୃହ ବାହାରେ ତା ପ୍ରତି ଘଟୁଥିବା ନିର୍ଯ୍ୟାତନାକୁ ପ୍ରକାଶ କରିପାରେ ନାହିଁ । ଶିକ୍ଷାନୁଷ୍ଠାନ ମାନଙ୍କରେ ସେହି ପିଲା ମାନଙ୍କ ସହ ସ୍ନେହ ଓ ବିଶ୍ୱାସର ବାତାବରଣ ସୃଷ୍ଟି କରିପାରିଲେ ସେମାନଙ୍କ ସମସ୍ୟାର କାରଣ ବୁଝି ତାହାର ନିରାକରଣ କରିପାରିବା ବୋଲି ସେ କହିଥିଲେ । ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ସରତ ଚନ୍ଦ୍ର ବେହେରା ଶିକ୍ଷାନୁଷ୍ଠାନର ବାତାବରଣ ସଠିକ ରଖିବା, ପିଲା ମାନଙ୍କ ମନୋଭାବକୁ ଅନୁଧ୍ୟାନ କରି ଉପଯୁକ୍ତ ମାର୍ଗଦର୍ଶନ କରାଇବା, ବର୍ତମାନ ସମୟରେ ଯେପରି ସାଇବର ଅପରାଧ ମାନ ଘଟୁଛି ଉପଯୁକ୍ତ ପରାମର୍ଶ ମାଧ୍ୟମରେ ପିଲା ମାନଙ୍କୁ ସେଥିରୁ ଦୂରେଇ ରଖିବାକୁ ଉଦ୍ୟମ କରିବାକୁ ସେ ପରାମର୍ଶ ଦେଇଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଶିଶୁ ଅଧିକାର ଓ ସୁରକ୍ଷା କମିଶନର ରାଜ୍ୟ ସଦସ୍ୟ ଅନିତା ବେହେରା, ରୁବି ବିଶ୍ୱାଳ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ, ଡିଆଇଇଟିର ଅଧକ୍ଷ ସନ୍ତୋଷ କୁମାର ପରିଡା ପ୍ରମୁଖ ଶିକ୍ଷାନୁଷ୍ଠାନରେ ପିଲା ମାନଙ୍କ ଶୈକ୍ଷିକ ବାତାବରଣ, ଭିତିଭୂମିର ବିକାଶ, ପିଲା ମାନଙ୍କ ମନସ୍ତାତିକ ସ୍ଥିତିର ଅନୁଶୀଳନ ଓ ଆଚାର ବ୍ୟବହାରରେ ପରିବର୍ତନକୁ ନିୟମିତ ଅନୁଧ୍ୟାନ କରି ପଦକ୍ଷେପ ନେବା ସମ୍ପର୍କରେ ଆଲୋଚନା କରିଥିଲେ ।ପ୍ରାରମ୍ଭରେ ଜିଲ୍ଲା ଶିକ୍ଷା ଅଧିକାରୀ ଦୀପକ କୁମାର ପାଢୀ ସମସ୍ତଙ୍କୁ ସ୍ୱାଗତ କରିବା ସହ ଏହି ଭଳି କର୍ମଶାଳା ଦ୍ୱାରା ପିଲା ମାନେ ବିଶେଷ ଭାବରେ ଉପକୃତ ହେବା ସହ ଶିକ୍ଷାନୁଷ୍ଠାନ ର ଅଧିକାରୀ ଓ କର୍ମଚାରୀ ମାନଙ୍କ ସହ ଭାବର ଆଦାନ ପ୍ରଦାନ ସହଜ ହୋଇ ପାରିବ ବୋଲି କହିଥିଲେ । ଶିକ୍ଷୟିତ୍ରୀ ଅଳକାନନ୍ଦା କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ହିମାଂଶୁ ଶେଖର ସମର୍ଥ। ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମରେ ଏଲିମେଂଟାରୀ ଓ ସେକେଣ୍ଡାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ, ବିଆରସିସି, ସିଆରସିସି ,ଓଏଭିର ଅଧକ୍ଷ, ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟ ପ୍ରମୁଖ ଯୋଗ ଦେଇଥିଲେ ।

# ପଦ୍ମଶ୍ରୀ କମଳା ପୁଜାରୀଙ୍କୁ କଂଗ୍ରେସ ତରଫରୁ ଶ୍ରଦ୍ଧାଂଜଳି

ଜୟପୁର, ୨୩/୦୭ (ନି.ପ୍ର): ପଦ୍ମଶ୍ରୀ ସ୍ୱର୍ଗତ କମଳା ପୁଜାରୀଙ୍କୁ ଆଜି କଂଗ୍ରେସ ତରଫରୁ ଶ୍ରଦ୍ଧାଞ୍ଜଳି ଦିଆଯାଇଛି । ଜୟପୁର ସ୍ଥିତ ଜିଲା କଂଗ୍ରେସ ଭବନ ଠାରେ ଏକ ଶୋକ ସଭା ଅନୁଷ୍ଠିତ ହୋଇଛି । ଏଠାରେ ପୁବତନ ମହିଳା କଂଗ୍ରେସ ସଭାନେତ୍ରୀ ମିନାକ୍ଷୀ ବାହିନିପତି, ପୌର ଅଧକ୍ଷ ନରେନ୍ଦ୍ର କୁମାର ମହାନ୍ତି, ବରିଷ୍ଠ କଂଗ୍ରେସ ନେତା ବିନୋଦ ମହାପାତ୍ର ଉପସ୍ଥିତ ରହିଥିଲେ । ସ୍ୱର୍ଗତ କମଳାଙ୍କ ଫୋଟ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଦେଇ ଅମର ଆତ୍ମାର ଶଦଗତି କାମନା କରିଥିଲେ । ଦୀର୍ଘ ୧୫ ବର୍ଷ ହେବ ଲୋପ ପାଇଯାଇଥିବା ଏକ ଶହ ରୁ ଅଧିକ ଦେଶୀ ଧାନ କୁ ନିଜ କ୍ଷେତରେ ଚାଷ କରି ଭବିଷ୍ୟତ ପିଢି ପାଇଁ ସଂଗ୍ରହ କରିଥିଲେ । କାରଣ ବର୍ତମାନ ହାଇବ୍ରିଡ୍ ଧାନ ପ୍ରତି ଲୋକଙ୍କ ଆଗ୍ରହ ବଢୁଥିବାରୁ ଧିରେ ଧିରେ ଦେଶୀ ଧାନ ଲୋପପାଉଛି । ପାରମ୍ପରିକ ରିତିରେ ବିନା ସରକାରୀ ଔଷଧ ସାହାଯ୍ୟରେ କେବଳ ଗୋବର ଖତ ଦ୍ୱାରା କଳାଜିରା, ହଳଦିଗଣ୍ଠି, ଝିଲ୍ଲୀ, ଲଦିଆରି, ଉମୁରିଆଚୁଡ଼ି, ଲଲାଟ, ଘଂଟିଆ ଧାନ, ବରପକ ଆଦି ଧାନ ସଂରକ୍ଷଣ କରିଛନ୍ତି । ଏହି ବିହନ ୧୦ ବର୍ଷରୁ ଉର୍ଦ୍ଧ ସମୟ ପର୍ଯ୍ୟନ୍ତ ସୁରକ୍ଷିତ ହୋଇ ରହିପାରିବ । ଏହି କାର୍ଯ୍ୟରେ ପ୍ରଥମେ ସହଯୋଗ କରିବା ସହ ସହାୟତାରେ ହାତ ବଢାଇଥିଲେ ଜୟପୁର ସ୍ଥିତ ଏମ.ଏସ ସ୍ୱାମୀନାଥନ ରିସର୍ଚ୍ଚ ଫାଉଣ୍ଡେସନ । ବୈଜ୍ଞାନିକ ଏମ ଏସ ସ୍ୱାମୀନାଥନ ନିଜ ସହିତ ଆଫ୍ରିକା ନେଇ ସେଠାରେ ବିଭିନ୍ନ କୃଷି କ୍ଷେତ୍ର ବୁଲାଇ ଥିଲେ । ଏହା ସହ ଦେଶୀ ଧାନ ସଂରକ୍ଷଣ କ୍ଷେତ୍ର ରେ ବିଭିନ୍ନ ମାର୍ଗ ଦର୍ଶନ କରିବା ସହ ସ୍ଥାନୀୟ ଅନୁଷ୍ଠାନ ତରଫରୁ ବିହନ ଓ ତାଲିମ ମଧ୍ୟ ଦେଇଥିଲେ । ସ୍ୱର୍ଗତ କମଳା ପ୍ରକୃତିକୁ ଭଲ ପାଉଥିଲେ । ତାଙ୍କ ବିୟୋଗରେ ଅପୁରଣିୟ କ୍ଷତି ବୋଲି ମାନାକ୍ଷି ବାହିନିପତି କହିଥିଲେ ।

# ରାଜ ବୈଦ୍ୟ ଚିନ୍ତାମଣି ବେହେରା ସ୍ମୃତି ପରିଷଦର ନୂଆଁଖାଇ କାର୍ଯ୍ୟକ୍ରମ ପ୍ରସ୍ତୁତି ବୈଠକ

ବଲାଙ୍ଗିର, ୨୩/୦୭ (ନି.ପ୍ର): ରାଜ ବୈଦ୍ୟ ଚିନ୍ତାମଣି ବେହେରା ସ୍ମୃତି ପରିଷଦ, ଆଦର୍ଶ ପଡା, ବଲାଙ୍ଗିରର କର୍ମକର୍ତା। ବୈଠକ ପୁଇନ୍ତଲା ବ୍ଲକ୍, ବନ୍ଧପଡା ଠାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ପୂର୍ବ କାର୍ଯ୍ୟକ୍ରମର ପୁଙ୍ଖାନୁପୁଙ୍ଖ ଆଲୋଚନା ପରେ ରକ୍ତଦାତା ତଥା ସମାଜସେବୀ ସଞ୍ଜୟ ମହାକୁଡଙ୍କୁ ଉପଢୌକନ, ମାନପତ୍ର ଓ ଅଙ୍ଗବସ୍ତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ଆଗାମୀ ସେପଟ୍ମେର ମାସ ୧୪ ତାରିଖ ରବିବାର ଦିନ ଅନୁଷ୍ଠାନର ୩ୟ ବାର୍ଷିକ ଉତ୍ସବ ପାଇଁ ବିଭିନ୍ନ ଉପ କମିଟୀ ଗଠନ କରି ଦାୟିତ୍ୱ ବଣ୍ଟନ କରାଯାଇଥିଲା । ରାଜ୍ୟ ସ୍ତରୀୟ ଏହି କାର୍ଯ୍ୟକ୍ରମରେ ଓଡିଶା ସରକାରଙ୍କ ବିଭିନ୍ନ ଅଧିକାରୀ ଓ ବିଶିଷ୍ଟ ବ୍ୟକ୍ତିମାନଙ୍କ ଗହଣରେ ପ୍ରତିଭା ଚୟନ କରି ସମ୍ମାନୀତ କରାଯିବ । ଓଡ଼ିଆ, ଇଂରାଜୀ, ହିନ୍ଦୀ ଓ ସଂସ୍କୃତ ଭାଷାର ଗବେଷଣାତ୍ମକ ପୁସ୍ତକକୁ ପୁରସ୍କୃତ କରିବା ପାଇଁ ନିଷ୍ପତି ନିଆଗଲା । ଡ଼ା.ଚିତରଞ୍ଜନ ମିଶ୍ରଙ୍କ ଅଧକ୍ଷତାରେ ମୁଖ୍ୟ ଅତିଥି ଅମ୍ବରୀଶ କୁମାର ଦାଶ, ମୁଖ୍ୟ ବକ୍ତା ବ୍ରଜ କୃଷ୍ଣ ମିଶ୍ର, ସମ୍ପାଦକ କବିଶ୍ରୀ ନବକିଶୋର ବେହେରା ମଂଚାସୀନ ଥିବାବେଳେ ଉପସଭାପତି ବୈଦ୍ୟ ଶିରୋମଣି ଝସକେତନ ଗୁରୁ ପରିଚୟ ତଥା ସଂଯୋଜନା କରିଥିଲେ । ଅଧ୍ୟାପକ ଦୁର୍ବାଦଳ ଘିବେଲା ଧନ୍ୟବାଦ ଅର୍ପଣ କରି ଥିଲେ । ପ୍ରାଧ୍ୟାପକ ରଞ୍ଜନ କୁମାର ପାଣିଗ୍ରାହୀ, ଶାନ୍ତନୁ କୁମାର ପୂଜାହାରୀ, ବୀରେନ୍ଦ୍ର କୁମାର ଗଡୁଆ, ମଧୁସୂଦନ ଦାଶ,ପ୍ରଭାତ କୁମାର ମିଶ୍ର, ସଂମାରୁ ସେଲମା, ସତ୍ୟ ବସ୍ତିଆ, ସଞ୍ଜୀବ ସେଠ୍, ସତ୍ୟ ନାଏକ, ହିମାଂଶୁ ବଗର୍ତୀ ଓ ମୋହନ ପଧାନ ସହଯୋଗ କରିଥିଲେ । ପରିଶେଷରେ ଅଶ୍ୱତଥ ଓ ଔଷଧୀୟ ବୃକ୍ଷ ରୋପଣ କରି କାର୍ଯ୍ୟକ୍ରମ ସମାପନ କରାଯାଇଥିଲା ।

# ବୀରମହାରାଜପୁରଠାରେ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

ସୁବର୍ଣ୍ଣପୁର, ୨୩/୦୭ (ନି.ପ୍ର): ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି ଓ ଉପଶମ ଶିବିର ବ୍ଲକ ସମ୍ମିଳନୀ କକ୍ଷ ଠାରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଶ୍ରୀମତୀ ଅନନ୍ୟା ଦାସ ଓ ଆରକ୍ଷୀ ଅଧିକ୍ଷକ ୟସପ୍ରତାପ ଶ୍ରୀମଲ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଯୋଗଦାନ କରି ଜନସାଧାରଣଙ୍କ ବିଭିନ୍ନ ଆପତି ଓ ସମସ୍ୟା ନିହିତ ୩୭ ଗୋଟି ପଞ୍ଜିକୃତ ଅଭିଯୋଗ ଦରଖାସ୍ତ ଗ୍ରହଣ କରିଥିଲେ । ତନ୍ମଧରେ ବ୍ୟକ୍ତିଗତ ଦରଖାସ୍ତ ୨୮ ଗୋଟି ଗ୍ରହଣ କରାଯାଇଥିବାବେଳେ ୦୯ ଗୋଟି ସାମୁହିକ ଦରଖାସ୍ତ ଗ୍ରହଣ କରାଯାଇଛି । ଦରଖାସ୍ତଗୁଡ଼ିକୁ ନିର୍ଦ୍ଧିଷ୍ଟ ସମୟ ମଧ୍ୟରେ ସମାଧାନ କରିବା ପାଇଁ ସମ୍ପୃକ୍ତ ବିଭିନ୍ନ ବିଭାଗର ବିଭାଗୀୟ ଅଧିକାରୀଙ୍କୁ ପ୍ରଦାନ କରାଯାଇଛି । ବିଡିଓ, ବୀରମହାରାଜପୁର ପ୍ରିୟଦର୍ଶିନୀ ମିର୍ଦ୍ଧାଙ୍କ ତତ୍ୱାବଧାନରେ ଅନୁଷ୍ଠିତ ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ବୀରମହାରାଜପୁର ପଂଚାୟତ ସମିତି ଅଧକ୍ଷା ଶାନ୍ତି ଲୁହା, ଉପାଧକ୍ଷ ନାରାୟଣ ଲୁହା ସମେତ ଜିଲ୍ଲାସ୍ତରରୁ ଅତିରିକ୍ତ ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲା ପରିଷଦ ପଲ୍ଲବୀ ରାଣୀ ରାଜ, ଉପଜିଲ୍ଲାପାଳ ବୀରମହାରାଜପୁର ଲଲାଟେନ୍ଦୁ ସି , ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ସୁରେଶ ପାଣିଗ୍ରାହୀ, ଅବକାରୀ ଆରକ୍ଷୀ ଅଧିକ୍ଷକ ପ୍ରବୀର ସାମଲ, ଜିଲ୍ଲା ପଂଚାୟତ ଅଧିକାରୀ ଅର୍ଜୁନ ଚରଣ ମାଝୀ, ଜିଲ୍ଲା ମଙ୍ଗଳ ଅଧିକାରୀ ଅଚ୍ୟୁତାନନ୍ଦ ସିଂ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଗୋବିନ୍ଦ ବଲ୍ଲଭ ଷଡ଼ଙ୍ଗୀ, ଜିଲ୍ଲା ଶିକ୍ଷା ଅଧିକାରୀ ଲକ୍ଷ୍ମଣ ଭୋଇ, ଜିଲ୍ଲା କ୍ରୀଡ଼ା ଅଧିକାରୀ ଚିତରଞ୍ଜନ ମିଶ୍ର , ଉପଖଣ୍ଡ କୃଷି ଅଧିକାରୀ ଧୀରେନ୍ଦ୍ର ସିଂ ବରିହା, ତହସିଲଦାର ବୀରମହାରାଜପୁର ପୁନମ ମହାପାତ୍ର, ବିଭିନ୍ନ ଜିଲ୍ଲାସ୍ତରୀୟ ଅଧିକାରୀ, ତହସିଲ ଓ ବ୍ଲକସ୍ତରୀୟ ଅଧିକାରୀ, ସାମ୍ବାଦିକ ପ୍ରମୁଖ ଯୋଗଦାନ କରିଥିଲେ ।

# ସମ୍ବଲପୁରୀ ଦିନ ଅବସରରେ କବି ସତ୍ୟ ନାରାୟଣ ବହିଦାରଙ୍କ ପ୍ରତିମୂର୍ତ୍ତୀ ସ୍ଥାପନ କରାଯିବ

ସମ୍ବଲପୁର, ୨୩/୦୭ (ନି.ପ୍ର): ସମ୍ବଲପୁରୀ ଭାଷା ସାହିତ୍ୟ ସଂସ୍କୃତି ଗବେଷକ ତଥା କବି ସତ୍ୟ ନାରାୟଣ ବହିଦାରଙ୍କ ଜନ୍ମଦିନ ଅଗଷ୍ଟ ୧ ରେ ସମ୍ବଲପୁରୀ ଦିନ ପାଳନ କରାଯିବ । ଦେଶ ବିଦେଶରେ ସମ୍ବଲପୁରୀଆ ଓ ସମ୍ବଲପୁରୀ ପ୍ରେମୀ ମାନେ ବହୁତ ଧୂମଧାମରେ ପାଳନ କରୁଛନ୍ତି ଏହି ସମ୍ବଲପୁରୀ ଅସ୍ମିତାର ଦିନଟିକୁ । ସମ୍ବଲପୁରୀ ଦିନ ର ଉଦ୍ୟୋକ୍ତା ପଶ୍ଚିମାଚଂଳ ଏକତା ମଂଚ ପକ୍ଷରୁ ସମ୍ବଲପୁରୀ ଭାଷା ସାହିତ୍ୟ ପ୍ରତି ନିଜର ଜୀବନକୁ ଉତ୍ସର୍ଗୀକୃତ କରିଥିବା ସତ୍ୟ ନାରାୟଣ ବହିଦାରଙ୍କ ପ୍ରତିମୂର୍ତି ସ୍ଥାପନ କରାଯିବ । ଏହାଦ୍ୱାରା ତାଙ୍କ ସ୍ମୃତିର ସୁରକ୍ଷା ପାଇଁ ସମ୍ବଲପୁରରେ କୌଣସି ସ୍ଥାୟୀ ବ୍ୟବସ୍ଥାର ଆଶା ଚରିତାର୍ଥ ହୋଇପାରିବ । ଜେଲ ନିକଟରେ ରହିଥିବା ଗୁରୁ ସତ୍ୟ ନାରାୟଣ ସମ୍ବଲପୁରୀ ଉଦ୍ୟାନରେ ଗୁରୁଶ୍ରୀ ସତ୍ୟ ନାରାୟଣ ବହିଦାରଙ୍କ ପ୍ରତିମୂର୍ତୀ ସ୍ଥାପନ କରିବା ପାଇଁ ମଂଚ ପକ୍ଷରୁ ନିଷ୍ପତି ନିଆଯାଇଥିଲା । ସେଇ ସମୟରୁ ମଂଚ ତରଫରୁ ବିଭିନ୍ନ ଲୋକଙ୍କୁ ଭେଟି ପ୍ରତିମୂର୍ତୀ ପାଇଁ ସହଯୋଗ ଭିକ୍ଷା କରାଯାଇଥିଲା । ନବ ନିର୍ମିତ ନାରାୟଣ ବହିଦାରଙ୍କ ପୂର୍ଣ୍ଣବୟବ ପ୍ରତିମୂର୍ତୀ ଆସି ପହଂଚିଛି । ପଶ୍ଚିମାଚଂଳ ଏକତା ମଂଚ ପକ୍ଷରୁ ପୂର୍ବରୁ ନିର୍ମାଣ କରାଯାଇଥିବା ଷ୍ଟ୍ରକ୍ଚରରେ ଇତିମଧ୍ୟରେ ମୂର୍ତୀକୁ ସ୍ଥାପିତ କରାଯାଇଛି । ଚଳିତ ବର୍ଷ ସମ୍ବଲପୁରୀ ଦିନ ଅବସରରେ ଏହି ପ୍ରତିମୂର୍ତୀ ଉନ୍ମୋଚନ କରାଯିବାର ଲକ୍ଷ୍ୟ ରଖାଯାଇଛି ବୋଲି ମଂଚର ଉପଦେଷ୍ଟା ତଥା ବରିଷ୍ଠ ଆଇନଜୀବୀ ଡ଼. ପ୍ରମୋଦ ରଥ କହିଛନ୍ତି ।

# ପାହାଡ଼ ଉପରୁ ଶହେ ଫୁଟ ତଳକୁ ପଡି ଯୁବକଙ୍କ ମୃତ୍ୟୁ

କନ୍ଧମାଳ, ୨୩/୦୭ (ନି.ପ୍ର): କନ୍ଧମାଳ ଜିଲ୍ଲା ରାଇକିଆ ଥାନା ମଣ୍ଡକ୍ଷସର ଠାରୁ ପାଂଚ କି.ମି. ଦୂର ମଣ୍ଡକୁଟି ପାହାଡ ଉପରୁ ଶହେ ଫୁଟ ତଳକୁ ଖସି ପଡ଼ି ଜଣେ ଯୁବକର ମୃତ୍ୟୁ ଘଟିଛି । ଯୁବକ ଜଣକ ହେଲେ ରାଇକିଆ ବଡାପଟା ସାହିର ବନ୍ଦନ ପ୍ରଧାନ । ସାଙ୍ଗ ମାନଙ୍କ ସହ ବୁଲିବା ପାଇଁ ମଣ୍ଡକୁଟି ପାହାଡ ଉପରକୁ ଯାଇଥିଲେ । ସେଠାରେ ଥିବା ଏକ ବିରାଟ କାୟ ପଥର ଉପରକୁ ଚଢ଼ିଥିବା ବେଳେ ଅସାବଧାନତାବଶତଃ ଶହେ ଫୁଟ ତଳକୁ ଖସି ପଡ଼ିଥିଲେ । ଫଳରେ ତାଙ୍କ ମୁଣ୍ଡରେ ଗୁରୁତର ଆଘାତ ଲାଗିବା ସହ ଶରୀରର ବିଭିନ୍ନ ଅଙ୍ଗରେ ଗୁରୁତର ଆଘାତ ଲାଗି ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା । ତାଙ୍କୁ ବନ୍ଧୁ ମାନେ ଓ ପାଖରେ ଥିବା ଲୋକେ, ପାହାଡ଼ ତଳେ ଘଂଚ ଜଙ୍ଗଲ ମଧ୍ୟରେ କିଛି ସମୟ ଖୋଜିବା ପରେ ତାଙ୍କର କୌଣସି ସନ୍ଧାନ ନ ମିଳିବାରୁ ଦମକଳ ବାହିନୀର ସହାୟତାରେ ମୃତଦେହ ଉଦ୍ଧାର କରାଯାଇଥିଲା । ଏ ନେଇ ରାଇକିଆ ଥାନାରେ ପରିବାର ଲୋକଙ୍କ ତରଫରୁ ଲିଖିତ ଭାବେ ଅଭିଯୋଗ କରାଯାଇଛି । ପୋଲିସ ଶବକୁ ଜବତ କରି ବ୍ୟବଚ୍ଛେଦ ପରେ ମୃତଦେହକୁ ତାଙ୍କ ପରିବାରକୁ ହସ୍ତାନ୍ତର କରିବା ସହ ଘଟଣାର ତଦନ୍ତ ଜାରି ରଖିଥିବା ପୋଲିସ ସୂତ୍ରରୁ ଜଣାପଡିଛି ।

# ଜ୍ୱର ସଚେତନତା ଓ ସ୍ୱାସ୍ଥ୍ୟ ଶିବିର

ଗଂଜାମ, ୨୩/୦୭ (ନି.ପ୍ର): ବ୍ରହ୍ମପୁରହରିହରନଗର ସ୍ଥିତ ଭରଦ୍ୱାଜ ପ୍ରତିଷ୍ଠାନ ଠାରେ ବର୍ଷା ଦିନିଆ ଥଣ୍ଡା ଜ୍ୱର, କାଶ ସଚେତନତା ଓ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି । ପ୍ରତିଷ୍ଠାନର ଅଧକ୍ଷ ଡ଼ଃ. ନକୁଳ ସାହୁ କହିଲେ ବର୍ଷାରେ ଭିଜିବା, ଥଣ୍ଡା ଦୂଷିତ ଜଳପାନ ଦ୍ୱାରା ଜ୍ୱର କାଶ ହୁଏ । ୧୦୨ ଏଫ ତାପମାତ୍ରାରୁ ଅଧିକ ରହିଲେ ଚିକିତ୍ସକଙ୍କ ପରାମର୍ଶ କରନ୍ତୁ । ଏହା ଡ଼େଙ୍ଗୁ ବା ମ୍ୟାଲେରିଆ ହୋଇପାରେ । ଉପରୋକ୍ତ ଅପଥ୍ୟ ପରିହାର କରି ଫୁଟା ପାଣି ଛାଣି ପିଅନ୍ତୁ । ଗରମ ଖାଦ୍ୟ ଖାଆନ୍ତୁ । ଗରମ ବସ୍ତ୍ର, ଟୋପି, ଛତା ବ୍ୟବହାର କରନ୍ତୁ । ତୁଳସୀ ରସ ବାରମ୍ବାର ପିଅନ୍ତୁ । ଗୋଲ ମରିଚ, ଶୁଣ୍ଠି, ଡାଳଚିନି, ତେଜପତ୍ର କ୍ୱାଥ କରି ଗରମ ଗରମ ପିଅନ୍ତୁ । ତରକାରୀରେ ଅଦା, ରସୁଣ ଅଧିକ ପକାନ୍ତୁ । ଦୁଇ ଚାରି ଦିନରେ ଆରୋଗ୍ୟ ପାଇବେ ।

# କଳିଙ୍ଗ ସାହିତ୍ୟ ସମାଜର ଶ୍ରାବଣୀ ଆସର

ଗଞ୍ଜାମ, ୨୩/୦୭ (ନି.ପ୍ର): ବ୍ରହ୍ମପୁର ତଥା ଦକ୍ଷିଣାଚଂଳର ସର୍ବ ପୁରାତନ ସାହିତ୍ୟାନୁଷ୍ଠାନ କଳିଙ୍ଗ ସାହିତ୍ୟ ସମାଜର ଜୁଲାଇ ମାସ ଶ୍ରାବଣୀ ସାହିତ୍ୟ ଆସର ଉତ୍କଳ ଆଶ୍ରମ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି । ପ୍ରାରମ୍ଭରେ ବୈଦିକ ମନ୍ତ୍ରୋଚ୍ଚାରଣ ମଧ୍ୟରେ ଦାରୁ ଦେବତା ଶ୍ରୀଜଗନ୍ନାଥଙ୍କ ବିଗ୍ରହ ସମ୍ମୁଖରେ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଆସରର ଶୁଭାରମ୍ଭ କରାଯାଇଥିଲା । ସାହିତ୍ୟ ସମାଜର ଉପ-ସଭାପତି ଡ. ବନମାଳୀ ପାଣିଗ୍ରାହୀ ଏହି ଆସରରେ ପୌରୋହିତ୍ୟ କରିଥିଲେ । କବି ଓ ସମାଲୋଚକ ଡ. କୁଳମଣି ଓଝା ପ୍ରାଚୀନ ସାହିତ୍ୟ ପରିଚର୍ଚ୍ଚା କ୍ରମରେ ନାରାୟଣାନନ୍ଦ ଅବଧୂତ ସ୍ୱାମୀଙ୍କ କାଳଜୟୀ କୃତି ପଦ୍ୟମୟ ଗଦ୍ୟଗ୍ରନ୍ଥ 'ରୁଦ୍ର ସୁଧାନିଧି'ର ଅତୁଳ୍ୟ ଭାବ ସଂପଦ ଓ ଶୈଳ୍ପିକ ସୌକର୍ଯ୍ୟ ସଂପର୍କରେ ସବିଶେଷ ଆଲୋଚନା କରିଥିଲେ । ଡ. ଓଝା ଉକ୍ତ ଆସରରେ ପଠିତ ଗଳ୍ପ-କବିତାଗୁଡ଼ିକର ସମୀକ୍ଷା କରିଥିଲେ । ସଂଗଠନ ସଂପାଦକ ଦିନବନ୍ଧୁ ଶ୍ରୀପଲ୍ଲ ଅତିଥି ଆମନ୍ତ୍ରଣ ଓ ସ୍ୱାଗତ ସୂଚନା ପ୍ରଦାନ କରିଥିଲେ । ବିଶିଷ୍ଟ ସାହିତ୍ୟିକା ଡ. ସୂଚନା ପାଢ଼ୀଙ୍କ ସଂଯୋଜନାରେ ସଂଚାଳିତ ଏହି ସାହିତ୍ୟ ଆସରରେ ଅନୁପ କୁମାର ମିଶ୍ର, ଡ. ହୃଷୀକେଶ ପଣ୍ଡା, ନୀଳକଣ୍ଠ ସାହୁ, ଲିଙ୍ଗରାଜ ଜେନା, ଶରତ କୁମାର ଦାସ, ହୃଷୀକେଶ ଦାଶ, ଡ. ସଞ୍ଜୟ କୁମାର ପଣ୍ଡା, ସ୍ୱର୍ଣ୍ଣମୟୀ ପାଢ଼ୀ, ଡ. ସୂଚନା ପାଢ଼ୀ, ଡ. ବନମାଳୀ ପାଣିଗ୍ରାହୀ, ଡ. କୁଳମଣି ଓଝା, ଦିନବନ୍ଧୁ ଶ୍ରୀପଲ୍ଲ, ଡ. ସୂଚନା ପାଢ଼ୀ, ଇଂ ପ୍ରଫୁଲ୍ଲ କୁମାର ତ୍ରିପାଠୀ, ବଂଶୀଧର ସେଠୀ ପ୍ରମୁଖ ସ୍ୱରଚିତ କବିତା ଆବୃତି କରିଥିବା ବେଳେ ସୁଚେତା ପାଣିଗ୍ରାହୀ ସ୍ୱରଚିତ ଗଳ୍ପ ପାଠ କରିଥିଲେ । ଶେଷରେ ସାହିତ୍ୟ ସମାଜର ସଂଗଠନ ସଂପାଦକ ଦିନବନ୍ଧୁ ଶ୍ରୀପଲ୍ଲ ଧନ୍ୟବାଦ ଅର୍ପଣ କରିଥିଲେ ।

# ଚିକିତ୍ସା ଅବହେଳାରୁ ନବଜାତ ଶିଶୁକନ୍ୟାର ମୃତ୍ୟୁ ଅଭିଯୋଗ

ଧର୍ମଶାଳା, ୨୩/୦୭ (ନି.ପ୍ର): ଯାଜପୁର ଜିଲା ଧର୍ମଶାଳା ବ୍ଲକ ଜାରକାସ୍ଥିତ ଭୂମିକା ହସ୍ପିଟାଲରେ ଚିକିତ୍ସା ଅବହେଳାରୁ ନବଜାତ ଶିଶୁକନ୍ୟାର ମୃତ୍ୟୁ ହୋଇଥିବା ନେଇ ଅଭିଯୋଗ ହୋଇଛି । ହସ୍ପିଟାଲ କର୍ତୃପକ୍ଷକୁ ଦାୟୀ କରି ପରିବାର ଓ ସମ୍ପର୍କୀୟ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି । ଅଭିଯୋଗ ମୁତାବକ,ଚଣ୍ଡିଖୋଲ ନିକଟସ୍ଥ ନିଶିମଳା ଗ୍ରାମର ବିଶ୍ୱ ରଞ୍ଜନ ସାହୁଙ୍କ ପତ୍ନୀ ଶୁଭଶ୍ରୀ ଗତ କାଲି ରାତିରେ ପ୍ରସବ ଜନିତ ବେଦନା ଅନୁଭବ କରିବାରୁ ପରିବାର ଲୋକେ ତାଙ୍କୁ ଜାରକାସ୍ଥିତ ଭୂମିକା ହସ୍ପିଟାଲକୁ ଆଣିଥିଲେ । ତେବେ ହସ୍ପିଟାଲର ଡାକ୍ତର ଶୁଭଶ୍ରୀଙ୍କ ପ୍ରସବ ସ୍ଥିତିକୁ ଅନୁଧ୍ୟାନ କରି ଅସ୍ତ୍ରୋପଚାର କରିବା ପାଇଁ ପରାମର୍ଶ ଦେଇଥିଲେ । ଏଥି ପାଇଁ ରକ୍ତର ଆବଶ୍ୟକତା ପାଇଁ ପରିବାର ଲୋକଙ୍କୁ କହିଥିଲେ । ପରିବାର ଲୋକେ ରକ୍ତର ବ୍ୟବସ୍ଥା କରିବା ପରେ ମହିଳାଙ୍କ ଅସ୍ତ୍ରୋପଚାର କରାଯାଇଥିଲା । ପରେ ଏକ ଶିଶୁ କନ୍ୟା ଜନ୍ମ ଲାଭ କରିଥିଲା । ଜନ୍ମ ସମୟରେ ନବଜାତ ଶିଶୁଟିର ସ୍ୱାସ୍ଥ୍ୟ ଅବସ୍ଥା ଭଲ ରହିଥିବାରୁ ଶିଶୁକୁ ମାଆ ଖାଦ୍ୟ ଖୁଆଇବା ପାଇଁ ଡାକ୍ତର ପରାମର୍ଶ ଦେଇଥିଲେ । ତେବେ କିଛି ସମୟ ପରେ ଶିଶୁଟିର ମୃତ୍ୟୁ ଘଟିଥିଲା । ମୃତ୍ୟୁ ପରେ ପରିବାର ଲୋକେ ଚିକିତ୍ସା କରୁଥିବା ଡାକ୍ତର ଓ ହସ୍ପିଟାଲ କର୍ତୃପକ୍ଷଙ୍କ ଅବହେଳା ଯୋଗୁ ଏଭଳି ଅଘଟଣ ଘଟିଥିବା ଅଭିଯୋଗ ଆଣିଛନ୍ତି । ଏପଟେ ହସ୍ପିଟାଲ କର୍ତୃପକ୍ଷ ଅବହେଳାକୁ ଅସ୍ୱୀକାର କରିବା ସହ ଶିଶୁଟିକୁ ଖାଦ୍ୟ ଖୁଆଇବା ସମୟରେ ଶ୍ୱାସ ନଳୀରେ ସମସ୍ୟା ହେବାରୁ ଏଭଳି ଘଟଣା ଘଟି ଥାଇପାରେ ବୋଲି ସଫେଇ ଦେଇଛନ୍ତି । ଏହାକୁ ନେଇ ହସ୍ପିଟାଲ ପରିସରରେ ଚାପା ଉତେଜନା ଲାଗି ରହିଥିବା ଦେଖିବାକୁ ମିଳିଛି । ଏହି ହସ୍ପିଟାଲରେ ବାରମ୍ବାର ଏଭଳି ଅଘଟଣ ଘଟୁଥିବା ନେଇ ସାଧାରଣରେ ଆଲୋଚନା ହେଉଛି । ଏହି ଘଟଣାକୁ ନେଇ ଧର୍ମଶାଳା ଥାନାରେ ହସ୍ପିଟାଲ କର୍ତୃପକ୍ଷ ଅବହେଳା କାରଣରୁ ଶିଶୁର ମୃତ୍ୟୁ ଘଟିବା ନେଇ ପରିବାର ଲୋକେ ଅଭିଯୋଗ କରିଛନ୍ତି । ଅଭିଯୋଗ ପାଇ ପୋଲିସ ମେଡିକାଲରେ ପଂହଚି ତଦନ୍ତ କରିବା ସହିତ ଶବ ବ୍ୟବଚ୍ଛେଦ ପାଇଁ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇ ଦେଇଥିବା ଜଣାପଡିଛି ।

# ବନ ସୁରକ୍ଷା ସମିତି ତରଫରୁ ପାଳଛତୁ ତାଲିମ୍ ଶିବିର ଅନୁଷ୍ଠିତ

ଭବାନୀପାଟଣା, ୨୩/୦୭ (ନି.ପ୍ର): ସୋମବାର ବନ ବିଭାଗ କେସିଙ୍ଗା ବନାଚଂଳ ଅନ୍ତର୍ଗତ ରୁପ୍ରା ରୋଡ ସେକ୍ସନ ଅଧିନସ୍ଥ ଖେତୁ ପଡା ବନ ସୁରକ୍ଷା ସମିତି ଠାରେ ଦିନିକିଆ ପାଳ ଛତୁ ଚାଷ ତାଲିମ ଶିବିର ଅନୁଷ୍ଠତ ହୋଇଯାଇଛି । ଏହି ତାଲିମ ଶିବିରରେ ସମିତିର ଆଗ୍ରହ ସ୍ୱୟଂ ସହାୟିକା ଗୋଷ୍ଠୀ ର ୧୫ ଜଣ ମହିଳା ଅଂଶ ଗ୍ରହଣ କରିଥିଲେ । ଅଗ୍ରହୀ ତାଲିମ ଦାତ୍ରୀ ଭାବରେ ସୁଶ୍ରୀ ଲିଲିମା ବାଗ ଏମ ବି କେ ମିଶନ ଶକ୍ତି ,ପଲମ ତାଲିମ ପ୍ରଦାନ କରିଥିଲେ । ଏହି ଶିବିରଟିକୁ ସ୍ଥାନୀୟ ଡ଼ମପଦର ବିଟ ଫରେଷ୍ଟର ସୁଶ୍ରୀ ପାରିଜାତ ବାଗ ଉଦ୍ଘାଟନ କରିଥିଲେ । ଆମ ଜଙ୍ଗଲ ଯୋଜନା ଦଳପତି ଶ୍ରୀଯୁକ୍ତ ହେମନ୍ତ କୁମାର ସାହୁ ତାଲିମ ପରିଚାଳନା କରିଥିବା ବେଳେ ଉନ୍ନୟନ ଅଧିକାରୀ ଶ୍ରୀଯୁକ୍ତ ଧିରୋଜ କୁମାର ଦାଶ ବୈଷେଇକ ସହାୟତା ପ୍ରଦାନ କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ । ଉକ୍ତ ତାଲିମ୍ ଟି ଅଂଚଳର ଆବଶ୍ୟକତା କୁ ଭିତି କରି ବନ ବିଭାଗ କେସିଙ୍ଗା ବାନଚଂଳ ଆୟୋଜନ କରିଥିଲେ । ଏହା ଲୋକମାନଙ୍କର ଜୀବନ ଜୀବିକା ପ୍ରତି ସହାୟକ ହେବ ବୋଲି ଅଂଚଳବାସୀ ହୃଦବୋଧ କରିଥିଲେ ଓ ଶେଷରେ ଭାରପ୍ରାପ୍ତ ବନପାଳ ସୁଶ୍ରୀ ପାରିଜାତ ବାଗ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଆମ ପୋଲିସ ସମିତି ବୈଠକ

ଜୟପୁର , ୨୩/୦୭ (ନି.ପ୍ର): ଜୟପୁରରେ ଆମ ପୋଲିସ୍ ସମିତି ବୈଠକ ଆଜି ଅନୁଷ୍ଠିତ ହୋଇଛି । ପ୍ରତି ମୁହୂର୍ତରେ ଭୟ ଛାଡି ପୋଲିସ୍ ଯୋଗାଯୋଗରେ ରୁହନ୍ତୁ ଏବଂ ବିଶ୍ୱାସର ସହ ଆମକୁ କ୍ରାଇମ୍ ଏବଂ କ୍ରିମିନାଲ୍ ସଂପର୍କରେ ସବୁ ସୂଚନା ଦିଅନ୍ତୁ, ଦେଖିବେ ଏ ଅଂଚଳରେ ସଂପୂର୍ଣ୍ଣ ଶାନ୍ତି ଦେଖାଦେବ । ଏଭଳି ଭାଷାରେ ଆଜି ଜୟପୁରବାସୀଙ୍କୁ ଆମ ପୋଲିସ୍ ସମିତି ବୈଠକ ଜରିଆରେ ବୁଝାଇଛନ୍ତି କୋରାପୁଟ ଆରକ୍ଷୀ ଅଧିକ୍ଷକ ଅବିନାଭ ସୋନ୍‌କର । ସେ କହିଛନ୍ତି ଯେ, ପୋଲିସ୍ ସଦା ସର୍ବଦା ଆପଣଙ୍କ ସୁରକ୍ଷା ପାଇଁ ଚିନ୍ତିତ । ଏହି ଚିନ୍ତା ଏବଂ ଚେଷ୍ଟା ମଧ୍ୟରେ ଆପଣମାନେ ନିଜକୁ ସାମିଲ୍ କରାଇଲେ ପୋଲିସ୍‌ର ଶକ୍ତି ଶତଗୁଣ ବଢ଼ିବ । ଯାହା ଦ୍ୱାରା କେବଳ ଆପଣ ନୁହଁନ୍ତି ଆମ ସମାଜର ଏଥିରେ ଉନ୍ନତି ହେବ । ତେଣୁ କହାର ଭୟରେ ନ ରହି ପୋଲିସ୍‌କୁ ବିଶ୍ୱାସକୁ ନେବାକୁ ଏସ୍‌ପି ଆଜି କହିଛନ୍ତି । ତତ୍‌ସହ ନୂଆଁ ଆଇନ ସଂପର୍କରେ କହିଛନ୍ତି ଯେ, ଭାରତୀୟ ସଂସଦ ନୂଆଁ ଆଇନ ଜରିଆରେ ପୋଲିସ୍‌କୁ ବହୁ କ୍ଷମତା ଦେଇଛନ୍ତି ଲୋକଙ୍କ ସୁରକ୍ଷା ପାଇଁ, ଏହାର ଲାଭ ଲୋକେ ନେବା ଉଚିତ, ତତ୍‌ସହ ସାଇବର୍ କ୍ରାଇମ୍ ଉପରେ ସଚେତନ ରହିବାକୁ ମଧ୍ୟ ବୁଝାଇଛନ୍ତି । ଲୋକ ଏବଂ ଅଜ୍ଞତା କାରଣରୁ ବହୁ ଲୋକ ସାଇବର୍ ଠକ ମାନଙ୍କ ଦ୍ୱାରା ଠକି ହୋଇ ଚାଲିଛନ୍ତି । ତେଣୁ କୌଣସି କ୍ଷେତ୍ରରେ ସନ୍ଦେହ ଆସିଲେ ପୋଲିସ୍‌କୁ ଜଣାଇବାକୁ ସେ କହିଛନ୍ତି । ଜୟପୁର ଟାଉନ୍ ଥାନା, ସଦର ଥାନା ଅଧିକାରୀଙ୍କ ସହ ଏସ୍ ?ଡିପିଓ ଏବଂ ଏସ୍‌ପି ଆପଣଙ୍କ ପାଇଁ ଦିନର ୨୪ ଘଂଟା କାର୍ଯ୍ୟ କରିବାକୁ ପ୍ରସ୍ତୁତ ବୋଲି ସେ ଆଜି ବୁଝାଇଛନ୍ତି । ଏହି ବୈଠକରେ ଜୟପୁର ଏସ୍‌ଡିପିଓ ଅଙ୍କିତ ବର୍ମା ଯୋଗ ଦେଇ କହିଥିଲେ ଯେ, ଆମ ବାହିନୀ ଭୟ ବିହିନ ସମାଜ ନେଇ ଅହରହ କାମ କରୁଛି । ତେଣୁ ଏଥିରେ ଆପଣ ସାମିଲ୍ ହୋଇ ପୋଲିସ୍‌କୁ ସହଯୋଗ କରିବା ସହ ନିଜ ନିଜ ଘର କିମ୍ବା ବ୍ୟବସାୟିକ ଅନୁଷ୍ଠାନ ମାନଙ୍କରେ ରାସ୍ତାକୁ ସଂଯୋଗ କଲାଭଳି ସିସି କ୍ୟାମେରା ଲଗାଇବା ଉଚିତ । ଏଥିରେ ଆପଣଙ୍କ ସହ ପୋଲିସ୍‌କୁ ମଧ୍ୟ ସହାୟତା ମିଳିବ । ଜୟପୁର ସଦର ଥାନା ଅଧିକାରୀ ଇଶ୍ୱର ଚନ୍ଦ୍ର ତାଣ୍ଡି କହିଥିଲେ ଯେ, ଆମ ପୋଲିସ୍ ସବୁବେଳେ ସମସ୍ତଙ୍କୁ ସମ୍ମାନ ଦିଏ ଏଥିରେ କୌଣସି ତୃଟି ହେଲେ ଉପରିସ୍ଥ ଅଧିକାରୀଙ୍କୁ ତୁରନ୍ତ ଆପଣ ଜଣାଇପାରିବେ । ସେହିଭଳି ଜୟପୁର ଟାଉନଥାନା ଅଧିକାରୀ ରମଣି ରଂଜନ ଦଳେଇ ଧନ୍ୟବାଦ ଅର୍ପଣ ସହ କହିଥିଲେ ଯେ, ଗତ କିଛି ଦିନର ପୋଲିସ୍ କାର୍ଯ୍ୟାନୁଷ୍ଠାନରୁ ଲୋକଙ୍କ ନିକଟତର ହୋଇ ପାରିଛୁ ଏବଂ ଆଶା ଏହି ବିଶ୍ୱାସ ଆଗକୁ ଆହୁରି ବଢ଼ିବ । ଆଜିର ବୈଠକରେ ଜୟପୁର କାଜୁ ମାଲିକ ସଂଘ, ରାଇସ୍ ମିଲେର୍ସ ଆସୋସିଏସନ୍, ଗାର୍ମେଂଟସ ଏବଂ କ୍ଲଥ୍ ମାର୍ଚ୍ଚେଂଟ୍ ଆସୋସିଏସନ୍, ସୁନା ବ୍ୟବସାୟୀ ସଂଘ, ପାନ୍ ମସଲା ଏବଂ ଗ୍ରୋସେରେ ଆସୋସିଏସନ୍, ଦୈନିକ ବଜାର ବ୍ୟବସାୟୀ ସଂଘ ସହ ଜୟପୁର ଚାମ୍ବର ଅଫ୍ କମର୍ସର କର୍ମକର୍ତା ମାନେ ଉପସ୍ଥିତ ଥିଲେ ।

# କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳସଚିବ ପ୍ରଫେସର ଏନ୍ ସି ପଣ୍ଡାଙ୍କୁ ସଂସ୍କୃତ ମହାମହୋପାଧ୍ୟାୟ ପୁରସ୍କାରରେ ସମ୍ମାନିତ

ଜୟପୁର, ୨୩/୦୭ (ନି.ପ୍ର): ହିନ୍ଦୀ ସାହିତ୍ୟ ସମ୍ମିଳନୀର ପୂର୍ବତନ ପ୍ରଧାନମନ୍ତ୍ରୀ ଡ. ପ୍ରଭାତ ଶାସ୍ତ୍ରୀଙ୍କ ୧୦୬ତମ ଜୟନ୍ତୀ ଅବସରରେ ପ୍ରୟାଗସ୍ଥିତ ହିନ୍ଦୀ ସାହିତ୍ୟ ସମ୍ମିଳନୀ ପକ୍ଷରୁ ବିଶିଷ୍ଟ ସଂସ୍କୃତ ପଣ୍ଡିତ ପ୍ରଫେସର ଏନ୍ ସି ପଣ୍ଡାଙ୍କୁ ସଂସ୍କୃତର ସର୍ବୋଚ୍ଚ ସମ୍ମାନ ସଂସ୍କୃତ ମହାମହୋପାଧ୍ୟାୟ ପୁରସ୍କାରରେ ସମ୍ମାନିତ କରାଯାଇଛି । ସଂସ୍କୃତ ଭାଷାର ପ୍ରଚାର ଓ ସଂରକ୍ଷଣ ରେ ଉଲ୍ଲେଖନୀୟ ପ୍ରୟାସ ପାଇଁ ପ୍ରଫେସର ପଣ୍ଡା ମୁଖ୍ୟ ଅତିଥି ପ୍ରଫେସର ବେଦପ୍ରକାଶ ଉପାଧ୍ୟାୟଙ୍କଠାରୁ ମାନପତ୍ର ଓ ଉତରିଆ ପୁରସ୍କାର ଗ୍ରହଣ କରିଥିଲେ । ବର୍ତମାନ କୋରାପୁଟ ସ୍ଥିତ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱ ବିଦ୍ୟାଳୟରେ ଭାଷା ବିଦ୍ୟାଳୟର ଡିନ୍ ଓ କାର୍ଯ୍ୟକାରୀ ରେଜିଷ୍ଟ୍ରାର ଭାବେ କାର୍ଯ୍ୟରତ ପ୍ରଫେସର ପଣ୍ଡାଙ୍କ ସହ ଅନ୍ୟ ଦୁଇ ଜଣ ବିଶିଷ୍ଟ ପ୍ରଫେସର ଏହି ସମ୍ମାନରେ ସମ୍ମାନିତ ହୋଇଛନ୍ତି । ଏହି କାର୍ଯ୍ୟକ୍ରମରେ ଅଧକ୍ଷ ଶ୍ରୀ ବିଭୂତି ମିଶ୍ର, ପ୍ରଧାନମନ୍ତ୍ରୀ ଶ୍ରୀ କୁନ୍ତକ ମିଶ୍ର, ଉପମନ୍ତ୍ରୀ ଶ୍ରୀ ରାମକୃଷ୍ଣ ପାଣ୍ଡେ, ଶ୍ରୀ ଶେଷମଣି ପାଣ୍ଡି, ଶ୍ରୀ ପବିତ୍ର ତିୱାରୀ, ଶ୍ରୀ ଭାସ୍କର ମିଶ୍ର, ଡ. ଅନ୍ନପୂର୍ଣ୍ଣା ମାଳବ୍ୟ ଏବଂ ଶ୍ରୀ ମନୀଷ ପାଣ୍ଡେ ଯୋଗ ଦେଇ ସଂସ୍କୃତ ପ୍ରତି ପଣ୍ଡିତଙ୍କ ସଫଳତା ଏବଂ ସମର୍ପଣର ଏକ ଗୁରୁତ୍ୱପୂର୍ଣ୍ଣ ଉତ୍ସବ ପାଳନ କରିଥିଲେ ।

# ଚାନ୍ଦିପୁରଠାରେ କ୍ଷେପଣାସ୍ତ୍ର ପରୀକ୍ଷାକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନର ଚୂଡାନ୍ତ ପ୍ରସ୍ତୁତି ବୈଠକ

## ୪ଗୋଟି ଅସ୍ଥାୟୀ ଆଶ୍ରୟସ୍ଥଳୀରେ ୧୦ ଗାଁର ମୋଟ ୧୦,୫୮୧ ଜଣଙ୍କୁ ସ୍ଥାନାନ୍ତର ପାଇଁ ସୁବନ୍ଦୋବସ୍ତ

ବାଲେଶ୍ୱର, ୨୩/୭ (ନି.ପ୍ର): ଆସନ୍ତା ତା ୨୪ ତାରିଖ ବୁଧବାର ଦିନ ଚାନ୍ଦିପୁର ଆଇଟିଆର ଖଉ-ଓଓଓ କ୍ଷେପଣାସ୍ତ୍ର ଘାଟିରୁ ହେବାକୁ ଥିବା କ୍ଷେପଣାସ୍ତ୍ର ପରୀକ୍ଷାର ସୂଚାରୁ ପରିଚାଳନା ଦିଗରେ ଆଜି ଅପରାହ୍ନ ଘ. ୨.୦୦ମି ସମୟରେ ଜିଲ୍ଲାପାଳ ଶ୍ରୀ ଆଶୀଷ ଠାକରେ ଓ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଶ୍ରୀମତୀ ସାଗରିକା ନାଥଙ୍କ ତତ୍ତ୍ୱାବଧାନରେ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଏକ ମିଳିତ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି ଓ ଏହି ବୈଠକରେ ଚାନ୍ଦିପୁର ଆଇଟିଆର ଖଉ-ଓଓଓ କ୍ଷେପଣାସ୍ତ୍ର ଘାଟିରୁ କ୍ଷେପଣାସ୍ତ୍ର ପରୀକ୍ଷା କରାଯିବା ପାଇଁ ନିର୍ଦ୍ଧାରିତ ହୋଇଥିବା ସାଢ଼େ ତିନ କିଲୋମିଟର ପରିଧି ଅଞ୍ଚଳର ଜନସାଧାରଣଙ୍କ ସ୍ଥାନାନ୍ତର ଓ ସୁରକ୍ଷା ନିମନ୍ତେ ଜିଲ୍ଲା ଓ ପୋଲିସ ପ୍ରଶାସନ ପକ୍ଷରୁ ନିଆଯାଇଥିବା ସମସ୍ତ ପଦକ୍ଷେପ ବିଷୟରେ ଆଲୋଚନା କରାଯାଇଥିଲା। ପ୍ରାପ୍ତ ସୂଚନା ଅନୁଯାୟୀ ଜୟଦେବକସବା (୨୭୨୫), ଭୀମପୁର (୧୮୨୩), ସାହାଜାନଗର (୪୭୭), କୁସୁମୁଳୀ (୧୩୦୭), ଖଡୁପାହି (୮୦୩), ତୁଣ୍ଡରା (୪୦୮), ଛଟିନା (୪୭୯), ଦୋମୁହାଁ ପାଟଣା (୪୧), କର୍ଣ୍ଣର୍ଦା (୩୯୧) ଓ ବର୍ଦ୍ଧନପୁର (୨୧୨୭) ଅଞ୍ଚଳର ମୋଟ ୧୦,୫୮୧ ଲୋକଙ୍କ ପୁନର୍ବାସ ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ସୁବନ୍ଦୋବସ୍ତ କରାଯାଇଅଛି ଓ ବର୍ଦ୍ଧନପୁର, ଜୟଦେବକସବା ଓ ସାହାଜାନନଗର ଜନସାଧାରଣଙ୍କ ନିମନ୍ତେ ଅସ୍ଥାୟୀ ଶିବିର ବର୍ଦ୍ଧନପୁର ବହୁମୁଖୀ ବାତ୍ୟା ଆଶ୍ରୟ ସ୍ଥଳୀଠାରେ ନିର୍ମାଣ କରାଯାଇଛି ଓ ଭୀମପୁର, ଛଚିନା ଓ ଦୋମୁହାଁ ପାଟଣାର ଜନସାଧାରଣଙ୍କ ନିମନ୍ତେ ଅସ୍ଥାୟୀ ଶିବିର ଭୀମପୁର ବହୁମୁଖୀ ବାତ୍ୟା ଆଶ୍ରୟ ସ୍ଥଳୀଠାରେ ନିର୍ମାଣ କରାଯାଇଛି ଓ କର୍ଣ୍ଣର୍ଦା, ଖଡୁପାହି, ତୁଣ୍ଡରା ଓ କୁସୁମୁଳୀର ଜନସାଧାରଣଙ୍କ ନିମନ୍ତେ ଅସ୍ଥାୟୀ ଶିବିର କଳାମାଟିଆ ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀଠାରେ ନିର୍ମାଣ କରାଯାଇଛି ଓ ଜୟଦେବକସବା ପାହିର ଜନସାଧାରଣଙ୍କ ନିମନ୍ତେ ଅସ୍ଥାୟୀ ଶିବିର ନିଧିପଡା ସେବାଶ୍ରମଠାରେ ନିର୍ମାଣ କରାଯାଇଛି ଓ ଏହି ସମସ୍ତ ଅସ୍ଥାୟୀ ଆଶ୍ରୟସ୍ଥଳୀଗୁଡିକରେ ସ୍ଥାନାନ୍ତରିତ ଲୋକଙ୍କ ସହଜତା ପାଇଁ ୧୦ରୁ ଉର୍ଦ୍ଧ୍ୱ ସରକାରୀ ଅଧିକାରୀ ଓ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି ଓ ସେହିଭଳି ପୋଲିସ ପ୍ରଶାସନ ପକ୍ଷରୁ ୨୨ ଗୋଟି ପୋଲିସ ଫୋର୍ସ ସେକ୍ସନ ମୁତୟନ କରାଯାଇଛି । ଉକ୍ତ ଅଞ୍ଚଳଗୁଡିକରେ ଆଜି ଦିନସାରା ଡ଼ାକବାଜି ଯନ୍ତ୍ରଦ୍ୱାରା ଜନସାଧାରଣଙ୍କୁ ଆସନ୍ତା କାଲି ସକାଳ ଘ. ୦୪ ଠାରୁ ସ୍ଥାନାନ୍ତର ଓ କ୍ଷେପଣାସ୍ତ୍ର ପରୀକ୍ଷା ଶେଷ ହେବା ପର୍ଯ୍ୟନ୍ତ ଅସ୍ଥାୟୀ ଶିବିରରେ ରହିବାକୁ ସୂଚନା ଦିଆଯାଇଛି ଓ ଏହି ଶିବିରରେ ନାମ ପଞ୍ଜିକୃତ ହେବା ପରେ ପ୍ରାପ୍ୟ ଟଙ୍କା ସେହିଦିନ ଜନସାଧାରଣଙ୍କ ବ୍ୟାଙ୍କ ଆକାଉଣ୍ଟ ମାଧ୍ୟମରେ ପ୍ରଦାନ କରାଯିବ ଓ ବୈଠକରେ ହୋଇଥିବା ଆଲୋଚନା ଅନୁଯାୟୀ ଉକ୍ତ ଦିନ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଏକ କଣ୍ଟ୍ରୋଲ ରୁମ କାର୍ଯ୍ୟକ୍ଷମ କରିବା ପାଇଁ ନିଷ୍ପତି ମଧ୍ୟ ନିଆଯାଇଛି ଓ ଉକ୍ତ କାର୍ଯ୍ୟକ୍ରମରେ ସହଯୋଗ କରିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଜନସାଧାରଣଙ୍କୁ ଅନୁରୋଧ କରାଯାଇଛି । ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଶ୍ରୀ ସୁଧାକର ନାୟକ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶ୍ରୀ ନିରଞ୍ଜନ ବେହେରା, ବାଲେଶ୍ୱର ଉପଜିଲ୍ଲାପାଳ ଶ୍ରୀ ପ୍ରଥମେଶ ଅରବିନ୍ଦ ରାଜେସିର୍କେ, ସଦର ଏସଡ଼ିପିଓ ଡ଼. ସଶାଙ୍କ ଶେଖର ବେଉରା ଓ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ ।

# ସରସ୍ୱତୀ ଶିଶୁ ମନ୍ଦିରରେ ଗୁରୁ ପୂଜନ କାର୍ଯ୍ୟକ୍ରମ




ବାଲେଶ୍ୱର , ୨୩/୭ (ନି.ପ୍ର): ରସାଳପୁର ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଗତକାଲି ଶ୍ରୀଗୁରୁ ପୂର୍ଣ୍ଣିମା ଅବସରରେ ଗୁରୁ ପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଅଛି। ଅବସରପ୍ରାପ୍ତ ସହ-ଗୋଷ୍ଠି ଶିକ୍ଷାଧିକାରୀ ବିକର୍ତ୍ତନ ନାୟକ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମ ଉଦଘାଟନ କରି ନିଜ ବକ୍ତବ୍ୟରେ ଭାରତୀୟ ସଂସ୍କୃତି ଓ ପରମ୍ପରାର ଭୂୟିୟସି ପ୍ରଶଂସା କରିଥିଲେ। ମୁଖ୍ୟ ଅତିଥିଭାବେ ଭାରତୀୟ ଶିକ୍ଷା ବିକାଶ ସଂସ୍ଥାନର ଜିଲ୍ଲା ପ୍ରମୁଖ ଦୀପ୍ତି କାନ୍ତ ପାଢ଼ୀ ଗୁରୁ-ଶିଷ୍ୟ ସଂପର୍କକୁ ନେଇ ବହୁ ଉପାଦେୟ ମାର୍ଗଦର୍ଶନ କରିଥିଲେ। ସମ୍ମାନୀତ ଅତିଥିଭାବେ ସମାଜସେବୀ ଶିବାଜୀ ଗଳ୍ପ ମାଧ୍ୟମରେ ଭଲ ମଣିଷ ହେବାକୁ ପିଲାମାନଙ୍କୁ ଆହ୍ୱାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା କମିଟିର ଗୟାଧର କର ଓ ସଂପାଦକ ଶମ୍ଭୁନାଥ ଯାଦବ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରଧାନ ଆଚାର୍ଯ୍ୟା ଦେବସ୍ମିତା ରାଉତଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରାଗଭାଷ ଓ ଅତିଥି ପରିଚୟ ରଖିଥିଲେ ସସ୍ମିତା ଗୁରୁମା'। ଜୟସ୍ମିତା ଗୁରୁମା' ପଞ୍ଚାଙ୍ଗ ରଖିଥିବା ବେଳେ ଶୁଭସ୍ମିତା ଗୁରୁମା' ଅମୃତ ବଚନ ପାଠ କରିଥିଲେ। ମନୀଷା ଗୁରୁମା' ବ୍ୟକ୍ତିଗତ ଗୀତ ପରିବେଷଣ କରିଥିବା ବେଳେ ବିନୀତା ଗୁରୁମା' ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଶିଶୁ ଭାଇ-ଭଉଣୀ ଙ୍କ ଦ୍ୱାରା ସ୍ୱାଗତ ସଂଗୀତ ପରିବେଷଣ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ମିତା ଗୁରୁମା', ଶ୍ରଦ୍ଧାଞ୍ଜଳି ଗୁରୁମା', ଆକାଶ ଗୁରୁଜୀ, ମମତା ଗୁରୁମା', ଝୁନୀ ଗୁରୁମା',ପ୍ରତିମା ଗୁରୁମା' ଓ ସେବୀକା ରଞ୍ଜୁଲତା ଆଚାର୍ଯ୍ୟ ପ୍ରମୁଖ ପୂଜନ କାର୍ଯ୍ୟକ୍ରମ ପରିଚାଳନାରେ ବିଶେଷ ସହଯୋଗ କରିଥିଲେ।ସଭା ଶେଷରେ ଶିଶୁ ଭାଇ-ଭଉଣୀ ମାନେ ସମସ୍ତ ଗୁରୁଜୀ-ଗୁରୁମା' ଙ୍କୁ ପୂଜାର୍ଚ୍ଚନା କରି ଆଶୀର୍ବାଦ ଗ୍ରହଣ କରିଥିଲେ।

# ଅନାସ୍ଥା ପ୍ରସ୍ତାବରେ ଫୁଲବାଣୀ ପୌରାଧ୍ୟକ୍ଷା ପଦ ହରାଇଲେ ସ୍ମିତାରାଣୀ ମହାନ୍ତି

କନ୍ଧମାଳ, ୨୩/୭ (ନି.ପ୍ର): ଦୀର୍ଘ ଚାରି ମାସ ଧରି ଫୁଲବାଣୀ ପୌର ପରିଷଦ ଅଧ୍ୟକ୍ଷାଙ୍କ ବିରୋଧରେ ଆସିଥିବା ଅନାସ୍ଥା ପ୍ରସ୍ତାବକୁ ନେଇ ଚାଲିଥିବା ନାଟକର ଅନ୍ତ ଘଟିଛି। ଆଜି ପ୍ରସ୍ତାବ ଉପରେ ଅନୁଷ୍ଠିତ ମତଦାନରେ ପରାଜିତ ହୋଇଛନ୍ତି ଅଧ୍ୟକ୍ଷା ସ୍ମିତାରାଣୀ ମହାନ୍ତି। ୧୩ ଜଣ କାଉନସିଲରଙ୍କ ମଧ୍ୟରୁ ୧୧ ଜଣ ମତଦାନରେ ଅଂଶଗ୍ରହଣ କରିଥିଲେ। ୧୦ ଜଣ ଅନାସ୍ଥା ସପକ୍ଷରେ ଭୋଟ ଦେଇ ଥିବା ବେଳେ ଗୋଟିଏ ଭୋଟ ନାକଚ ହୋଇଥିଲା। ବିଜେପିର ଦୁଇ କାଉନସିଲର ଆଜିର ବୈଠକରେ ଅନୁପସ୍ଥିତ ରହିଥିଲେ। ସୂଚନାଯୋଗ୍ୟ, ସ୍ମିତାରାଣୀ ବିଜେପି ପ୍ରାର୍ଥୀ ଭାବେ ନିର୍ବାଚନ ଜିତି ପୌରାଧ୍ୟକ୍ଷା ହୋଇଥିଲେ। ବର୍ତ୍ତମାନ ଫୁଲବାଣୀ ପୌର ପରିଷଦରେ ବିଜେଡିର ୭ ଜଣ କାଉନସିଲର ଥିବା ବେଳେ ବିଜେପିର ୪ ଜଣ ଅଛନ୍ତି। ଦୁଇ ସ୍ୱାଧୀନ କାଉନସିଲର ବିଜେଡିକୁ ସମର୍ଥନ ଦେଉଛନ୍ତି। ଗତ ଏପ୍ରିଲ ୧୦ ତାରିଖରେ ବିଜେଡିର ୭, ବିଜେପିର ଦୁଇ ଓ ଦୁଇ ସ୍ୱାଧୀନ କାଉନସିଲରଙ୍କୁ ମିଶାଇ ସମୁଦାୟ ୧୧ ଜଣ ପୌରାଧ୍ୟକ୍ଷାଙ୍କ ବିରୋଧରେ ଅନାସ୍ଥା ଆଣିଥିଲେ। ଏନେଇ ବୈଠକ ପୂର୍ବରୁ ଦୁଇ ଥର ବିଭିନ୍ନ କାରଣରୁ ବାତିଲ ହୋଇ ଶେଷରେ ଆଜି ଅନାସ୍ଥା ଉପରେ ଆଲୋଚନା ସହ ମତଦାନ ଅନୁଷ୍ଠିତ ହୋଇଥିଲା। ନିର୍ବାଚନ ଅଧିକାରୀ ଭାବେ ଫୁଲବାଣୀ ଉପଜିଲ୍ଲାପାଳ ଚିତ ରଞ୍ଜନ ମହାନ୍ତ ବୈଠକ ପରିଚାଳନା କରିଥିବା ବେଳେ ଫୁଲବାଣୀ ଆଡିସନାଲ ତହସିଲଦାର ଭୀମଦେବ ପ୍ରଧାନ ଓ ଫୁଲବାଣୀ ପୌର ପରିଷଦ ନିର୍ବାହୀ ଅଧିକାରୀ ସୂଜିତ କୁମାର ଚୌଧୁରୀ ଉପସ୍ଥିତ ଥିଲେ ।

# ଜଉକଣ୍ଢେଇ ବାହାଘର ଆସନ୍ତା ଅଗଷ୍ଟ ୨ରୁ ୬ତାରିଖ ମିଶନ ପଡ଼ିଆରେ



ବାଲେଶ୍ୱର, ୨୩/୭ (ନି.ପ୍ର): ବାଲେଶ୍ୱରୀ ଜଉ କଣ୍ଢେଇ ବାହାଘର ଲୋକ ମହୋତ୍ସବ କେବଳ ବାଲେଶ୍ୱର ନୁହେଁ ସାରା ଓଡ଼ିଶାରେ ଏକ ମହାନ ଲୋକ ମହୋତ୍ସବ ଭାବରେ ସୁଖ୍ୟାତ । ବାଲେଶ୍ୱରୀ ଜଉ କଣ୍ଢେଇ ଆଜି ଭାରତ ବାହାରେ ରହୁଥିବା ଓଡ଼ିଆମାନଙ୍କ ଘରେ ପହଞ୍ଚି ସାରିଛି। ଚଳିତ ବର୍ଷ ଜଉ କଣ୍ଢେଇ ବାହାଘର ମହୋତ୍ସବର ଲଗ୍ନଧରା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏ ବର୍ଷ ଗାଳ୍ପିକ କାଳିକିଙ୍କର ଦାସ ଓ ତାଙ୍କର ସହଧର୍ମିଣୀ ସୌଭାଗିନୀ ମିଶ୍ର ବର କର୍ତ୍ତାକର୍ତ୍ତି ହୋଇଥିବା ବେଳେ ଅଧାପକ ଡ଼ଃ ପଙ୍କଜ କୁମାର ଜେନା ଓ ସୁଚିତ୍ରା ଜେନା କନ୍ୟାକର୍ତ୍ତାକର୍ତ୍ତି ହୋଇଛନ୍ତି । ଏ ବର୍ଷ ଓଡ଼ିଆ କଥା ସାହିତ୍ୟର ଜନକ ବ୍ୟାସ କବି ଫକୀର ମୋହନ ସେନାପତିଙ୍କ ପ୍ରସିଦ୍ଧ ଗଳ୍ପ ପେଟେଣ୍ଟ ମେଡିସିନର ଚରିତ୍ରର ନାମ ଅନୁଯାଇ ବର କନ୍ୟାଙ୍କର ନାମ ଚନ୍ଦ୍ରମଣି ଓ ସୁଲୋଚନା ରଖାଯାଇଛି । ଚଳିତ ବର୍ଷ ଆସନ୍ତା ଅଗଷ୍ଟ ୨ତାରିଖରୁ ଏହି ଉତ୍ସୋବ ଆରାମ୍ଭ ହୋଇ ୬ତରିଖରେ ଶେଷ ହେବାକୁ ନିସ୍ୱତି ନିଆଯାଇଛି । ଏହା ଚଳିତ ବର୍ଷ ଖ୍ରୀଷ୍ଟିୟାନ ହାଇସ୍କୁଲ ପଡ଼ିଆରେ ହେବାକୁ ସ୍ଥିର ହୋଇଛି । ପ୍ରତି ବର୍ଷଭଳି ଚଳିତ ବର୍ଷ ମଧ ସେଠାରେ ମିନାବଜାର, ମେଳା, ବଡ଼ଦୋକି ,ସ୍ୱୟଂସହାୟକ ଗୋଷ୍ଠିଙ୍କର ଷ୍ଟଲ,ବିଭିନ୍ନ ପ୍ରକାର ଖାଇବାଷ୍ଟଲ ବସିବାକୁ ନିସ୍ୱତି ହୋଇଛି । ସେହିଭଳି ପ୍ରତ୍ୟକ ଦିନ ସନ୍ଧ୍ୟାରେ ମଗୋଲ ତାମସା, ପେଟେଣ୍ଟ ମେଡ଼ିସିନ ଗୀତି ନାଟ୍ୟ, ଛଉନାଚ, ଓଡ଼ିଶୀ ନୃତ୍ୟ, ସମ୍ବଲପୁରୀ ନୃତ୍ୟ ଓ ବିଭିନ୍ନ ପ୍ରକାର ଲୋକ ନୃତ୍ୟଦଳ ସେମାନଙ୍କର କାର୍ଯ୍ୟକ୍ରମ ପରିବେଷଣ କରିବାକୁ ସହମତି ପଦାନ କରିଅଛନ୍ତି । ଅତିଥିଭାବରେ ସମସ୍ତ ବିଧାୟକ, ସାଂସଦ, ପ୍ରଶାସନିକ ଅଧିକାରୀ, ବିଶିଷ୍ଟ କଳାକାର ସମେତ ପଣ୍ଡିତ ବିରେନ୍ଦ୍ର ପଣ୍ଡା(ସର୍ବେ ଭବନ୍ତୁ ସୁଖିନ) କାର୍ଯ୍ୟକ୍ରମର ପ୍ରବକ୍ତା ଯୋଗଦେବାକୁ ସମ୍ମତି ପ୍ରଦାନ କରିଅଛନ୍ତି । ୨ତାରିଖରେ ଉଦ୍ଘାଟନୀ କାର୍ଯ୍ୟ ଥିବାବେଳେ ୩ତାରିଖରେ ବିବାହ କାର୍ଯ୍ୟ ସଂପର୍ଣ୍ଣ ହେବ । ୬ ତାରିଖରେ ଏହା ଶେଷ ହେବବୋଲି ଆଜି ଅନୁଷ୍ଠିତ ବୌଠକରେ ସିଦ୍ଧାନ୍ତ ନିଆଯାଇଛି । ଏହି ବୌଠକ ଉତ୍ସବ କମିଟିର କାର୍ଯ୍ୟକାରୀ ସଭାପତି ଡ଼. ଉପେନ୍ଦ୍ର ପାତ୍ରଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଥିଲା । ଏଥିରେ ସଂପାଦକ ଡ଼ା.କୁମାର ଗୋପାଲ, ସଦସ୍ୟ କେଶୁ ଦାସ, ଗୌରାଙ୍ଗ ପାଣିଗ୍ରାହୀ, ଲକ୍ଷ୍ମୀନାରାୟଣ ଘୋଷ,ରଘୁନାଥ ଲେଙ୍କା, ବ୍ୟୋମନାଥ ରଥ, ଆଲୋକ ସାହୁ, ରଚନା ସେନ, ରାଧାନାଥ ରଥ,ରାଜେଶ ଗିରି ,ପରେଶ ଦାସ, ବ୍ରହ୍ମନାଥ ରଥ ପ୍ରମୁଖ ଉପସ୍ଥିତ ଥିଲେ ।

# ମୋ ସ୍ୱପ୍ନର ବିଦ୍ୟାଳୟ ବିଷୟବସ୍ତୁ ଉପରେ ଚିତ୍ରାଙ୍କନ ପ୍ରତିଯୋଗିତା



ଉଦଳା , ୨୩/୭ (ନି.ପ୍ର): ସ୍ୱେଚ୍ଛାସେବି ସଂଗଠନ 'ଜନଜାଗୃତି ମଂଚ' ତରଫରୁ ଚଳିତ ଜୁଲାଇ ୨୨ ତାରିଖ ସୋମବାର ଦିନ ଉଦଳା ବ୍ଲକ ଅନ୍ତର୍ଗତ ଘୁଂଟିବଣି ଗ୍ରାମସ୍ଥିତ ସରକାରୀ ପ୍ରାଥମିକ ବିଦ୍ୟାଳୟ ଛାତ୍ର ଛାତ୍ରୀଙ୍କ ମଧ୍ୟରେ "ମୋ ସ୍ୱପ୍ନର ବିଦ୍ୟାଳୟ" ଶିର୍ଷକ ବିଷୟବସ୍ତୁ ଉପରେ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇ ଯାଇଛି । ସ୍କୁଲ ଫେରି ଅଭିଯାନକୁ ସଫଳ କରିବା ପାଇଁ ଏହିଭଳି କାର୍ଯ୍ୟକ୍ରମ ବିଭିନ୍ନ ବିଦ୍ୟାଳୟ ମାନଙ୍କରେ ମଂଚ ତରଫରୁ ଆୟୋଜିତ ହେଉଥିବାର ଜଣାଯାଇଛି । ଚିତ୍ରାଙ୍କନ ପ୍ରତିଯୋଗିତାରେ ସୁନାରାମ ମାର୍ଣ୍ଡି ପ୍ରଥମ ସ୍ଥାନ, ସାବିତ୍ରୀ ସିଂ ଦ୍ୱିତୀୟ ଓ ଅନିଲ ନାଏକ ତୃତିୟ ସ୍ଥାନ ଅଧିକାର କରିଛନ୍ତି । ପୁରସ୍କାର ବିତରଣ ଉତ୍ସବରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଜୀବନ କୁମାର ବେହେରା ଅଧ୍ୟକ୍ଷତା କରି ଚିତ୍ର ହିଁ ପ୍ରଥମ ଲିପି ଅଟେ । ଅକ୍ଷର ଉଦ୍ଭାବନ ହେବା ପୂର୍ବରୁ ଲୋକେ ଚିତ୍ର ମାଧ୍ୟମରେ ଭାବର ଆଦାନ ପ୍ରଦାନ କରୁଥିଲେ । ତେଣୁ ଚିତ୍ର ହିଁ ପ୍ରଥମ ଲିପି ଭାବରେ ସମଗ୍ର ବିଶ୍ୱରେ ପରିଗଣିତ ହୋଇଥାଏ ବୋଲି ବ୍ୟକ୍ତ କରିଥିଲେ । ଆଲୋଚନାରେ ଅନ୍ୟ ମାନଙ୍କ ମଧ୍ୟରେ ଶିକ୍ଷକ ଖୁଦିରାମ, ମଂଚର ସଦସ୍ୟ ସୁବ୍ରତ, ରୁପାଏ, ରାମଚନ୍ଦ୍ର, ମଂଜୁଲତା ପ୍ରମୁଖ ଅଂଶ ଗ୍ରହଣ କରି ଅଭିଯାନକୁ ସଫଳ କରିବା ପାଇଁ ସମସ୍ତଙ୍କର ସହଯୋଗ କାମନା କରିଥିଲେ ।

## ପ୍ରଥମପୃଷ୍ଠାର ଅବଶିଷ୍ଟାଂଶ....

### ୧୦ ପ୍ରମୁଖ କ୍ଷେତ୍ରରେ...

ପ୍ରତିରକ୍ଷା: ଏହି କ୍ଷେତ୍ର ପାଇଁ ସରକାର ମୋଟ ବଜେଟର ୩୦% ଅର୍ଥ ବ୍ୟୟବରାଦ କରିଛନ୍ତି। ପ୍ରତିରକ୍ଷା କ୍ଷେତ୍ରକୁ ୪.୫୪ ଲକ୍ଷ କୋଟି ଟଙ୍କା ମିଳିଛି। ଅନ୍ତରୀଣ ବଜେଟ ତୁଳନାରେ ଏହା କମ। କାରଣ ଅନ୍ତରୀଣ ବଜେଟରେ ପ୍ରତିରକ୍ଷା କ୍ଷେତ୍ର ପାଇଁ ୬.୨୧ ଲକ୍ଷ କୋଟି ଟଙ୍କାର ବ୍ୟବସ୍ଥା କରିଥିଲେ।

ଗ୍ରାମୀଣ ବିକାଶ: ଗତ ବର୍ଷ ତୁଳନାରେ ଗ୍ରାମୀଣ ବିକାଶ ପାଇଁ ବଜେଟ ପରିମାଣକୁ ସରକାର ହ୍ରାସ କରିଛନ୍ତି। ୨୦୨୪-୨୫ ଆର୍ଥିକ ବର୍ଷରେ ଏହି କ୍ଷେତ୍ର ପାଇଁ ୨.୬୬ ଲକ୍ଷ କୋଟି ଟଙ୍କା ମିଳିଛି। ଗତବର୍ଷ ଏହାର ପରିମାଣ ୫.୯୪ ଲକ୍ଷ କୋଟି ରହିଥିଲା। ଏହା ମଧ୍ୟରେ ଲୋକପ୍ରିୟ ମନରେଗା ଯୋଜନାର ଖର୍ଚ୍ଚ ରହିଛି। ୨୦୨୪ରେ ମନେରଗା ପାଇଁ ୬୦ ହଜାର କୋଟି ଟଙ୍କାର ବ୍ୟୟବରାଦ ହୋଇଥିବା ବେଳେ ଏଥର ଏହାକୁ ୮୬ ହଜାର କୋଟି ଟଙ୍କାକୁ ବୃଦ୍ଧି ପାଇଛି।

କୃଷି ଓ କୃଷିଭିତ୍ତିକ କାର୍ଯ୍ୟ: ଏହି କ୍ଷେତ୍ରକୁ ୧.୫୨ ଲକ୍ଷ କୋଟି ଟଙ୍କା ମିଳିବ ବୋଲି ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଘୋଷଣା କରିଛନ୍ତି। ବଜେଟ ଭାଷଣରେ ଅର୍ଥମନ୍ତ୍ରୀ ନିରନ୍ତର ଅଭ୍ୟାସ ପାଇଁ ନିଆଯାଇଥିବା ପଦକ୍ଷେପ ଗୁଡ଼ିକ ସମ୍ପର୍କରେ କହିଛନ୍ତି। ଏହାମଧ୍ୟ ୧ କୋଟି ଚାଷୀଙ୍କୁ ଜୈବିକ ଚାଷ, ଡିଜିଟାଲ ଭିତ୍ତିଭୂମି ଓ ଉତ୍ପାଦନ ବୃଦ୍ଧି ପାଇଁ ପ୍ରୋତ୍ସାହନ ଦିଆଯାଉଥିବା ସେ କହିଛନ୍ତି।

ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ: ଏହି ମନ୍ତ୍ରଣାଳୟ ପାଇଁ ବଜେଟରେ ୧.୫୧ ଲକ୍ଷ କୋଟି ଟଙ୍କାର ବ୍ୟବସ୍ଥା ହୋଇଛି। ଏହା ମଧ୍ୟରୁ ଅଧିକାଂଶ ଅର୍ଥ କେନ୍ଦ୍ରୀୟ ପୁଲିସ୍ ? ଫୋର୍ସ ଯଥା- ସିଆରପିଏଫ, ବିଏସ୍ଏଫ ଓ ସିଆଇଏସଏଫ ପାଇଁ ଖର୍ଚ୍ଚ ହେବ। ଏଥିସହ ୪୨,୨୭୭ କୋଟି ଟଙ୍କା ଜମ୍ମୁ-କଶ୍ମୀର ପାଇଁ ଦିଆଯାଇଛି। ଏହାବାଦ ଆଣ୍ଡାମାନ ନିକୋବର ପାଇଁ ୫,୯୮୫ କୋଟି, ଚଣ୍ଡିଗଡ଼ ପାଇଁ ୫,୮୬୨ କୋଟି ଓ ଲଦାଖ ପାଇଁ ୫,୯୫୮ କୋଟି ଟଙ୍କାର ବ୍ୟୟ ବରାଦ ହୋଇଛି।

ଶିକ୍ଷା: କେନ୍ଦ୍ର ସରକାର ଶିକ୍ଷା ମନ୍ତ୍ରଣାଳୟକୁ ୧.୨୬ ଲକ୍ଷ କୋଟି ଟଙ୍କା ଦେବେ। ଏହାପରେ ଶିକ୍ଷାର୍ଥୀମାନଙ୍କୁ ଉଚ୍ଚ ଶିକ୍ଷା ପାଇଁ ୧୦ ଲକ୍ଷ ଟଙ୍କା ଯାଏ ଋଣ ଯୋଜନା ରହିଛି। ଅତିରିକ୍ତ ଭାବେ ସରକାର ସ୍କୁଲିଂ, ନିଯୁକ୍ତି ଓ କୌଶଳ ବିକାଶ ପାଇଁ ୧.୪୮ ଲକ୍ଷ କୋଟି ଟଙ୍କାର ବ୍ୟବସ୍ଥା କରିଛନ୍ତି।

ଆଇଟି ଓ ଟେଲିକମ: ଏହି ମନ୍ତ୍ରଣାଳୟ ପାଇଁ ବଜେଟରେ ୧.୧୬ ଲକ୍ଷ କୋଟି ଟଙ୍କାର ବ୍ୟବସ୍ଥା ହୋଇଛି। ୨୦୨୩-୨୪ ବଜେଟ ତୁଳନାରେ ଏହା ୨୪% ଅଧିକ। ସେହିପରି ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ମନ୍ତ୍ରଣାଳୟ ୨୨ ହଜାର କୋଟି ଟଙ୍କା ପାଇବ।

ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ: ଦେଶର ସ୍ୱାସ୍ଥ୍ୟ କ୍ଷେତ୍ର ପାଇଁ ସରକାର ୮୯,୨୮୭ କୋଟି ଟଙ୍କାର ବ୍ୟବସ୍ଥା ବଜେଟରେ ବ୍ୟବସ୍ଥା କରିଛି। ଏହା ଆର୍ଥିକ ବର୍ଷ ୨୦୨୪ ତୁଳନାରେ ସାମାନ୍ୟ ଅଧିକ। ୨୦୨୪ ଆର୍ଥିକ ବର୍ଷରେ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପାଇଁ ୮୮,୯୫୬ କୋଟି ଟଙ୍କାର ବ୍ୟବସ୍ଥା ହୋଇଥିଲା। ଚଳିତ ବର୍ଷ ସରକାର ଫାର୍ମାସିଟ୍ୟୁକାଲ ଶିଳ୍ପ ପାଇଁ ମଧ୍ୟ ୨,୧୪୩ କୋଟି ଟଙ୍କାର ବ୍ୟୟବରାଦ କରିଛନ୍ତି।

ଶକ୍ତି ମନ୍ତ୍ରଣାଳୟ: ବଜେଟରେ ଶକ୍ତି ମନ୍ତ୍ରଣାଳୟ ପାଇଁ ୬୮,୬୭୯ କୋଟି ଟଙ୍କାର ବ୍ୟୟବରାଦ ହୋଇଛି। ଏହା ମଧ୍ୟରେ ନୂଆ ଓ ପୁନଃ ବ୍ୟବହାର ଯୋଗ୍ୟ ବିଜୁଳି କ୍ଷେତ୍ର ପାଇଁ ୧୯,୧୦୦ କୋଟି ରହିଛି। ଅନ୍ତରୀଣ ବଜେଟରେ ଏଥିପାଇଁ ୧୨,୮୫୦ କୋଟି ଟଙ୍କାର ବ୍ୟବସ୍ଥା ହୋଇଥିଲା। ଏହାବାଦ ସୋଲାର ପାୱାର ଗ୍ରୀଡ ପାଇଁ ମଧ୍ୟ ୮,୫୦୦ କୋଟି ଟଙ୍କାର ବ୍ୟବସ୍ଥା ହୋଇଛି। ଗତବର୍ଷର ବଜେଟ ତୁଳନାରେ ଏହା ୭୯% ଅଧିକ।

ସୌର ଶକ୍ତିକୁ ଅଧିକ ବଳ ଦେଇଛନ୍ତି କେନ୍ଦ୍ର ସରକାର। ଗତବର୍ଷ ସୌର ଶକ୍ତି କ୍ଷେତ୍ରକୁ ମାତ୍ର ୬,୦୪୨ କୋଟି ଟଙ୍କା ମିଳିଥିଲା। କିନ୍ତୁ ଏଥର ଏହାର ରାଶି ୧୬,୪୦୦ କୋଟିକୁ ବଢ଼ିଛି।

ଅର୍ଥମନ୍ତ୍ରୀ କହିଛନ୍ତି ଯେ ସୋଲାର ସେଲ୍ସ ଓ ପ୍ୟାନେଲ୍ସ ନିର୍ମାଣ ହେଉଥିବା ଦ୍ରବ୍ୟ ଗୁଡ଼ିକ ଟିକସ ମୁକ୍ତ ହେବ। ଏହାଦ୍ୱାରା ୧ କୋଟି ପରିବାର ପ୍ରତି ମାସରେ ୩୦୦ ୟୁନିଟ ଯାଏ ମାଗଣା ବିଜୁଳି ପାଇବେ।

ସାମାଜିକ କଲ୍ୟାଣ: ଏହି କ୍ଷେତ୍ର ପାଇଁ ୨୦୨୪-୨୫ ପୂର୍ଣ୍ଣାଙ୍ଗ ବଜେଟରେ ମୋଟ ୫୬,୫୦୧ କୋଟି ଟଙ୍କାର ବ୍ୟବସ୍ଥା ହୋଇଛି।

କର୍ମସ ଓ ଇଣ୍ଡଷ୍ଟ୍ରୀ: ଶିଳ୍ପର ବିକାଶ ଓ ନିଯୁକ୍ତି ଉପରେ ସରକାର ଫୋକସ କରିଛନ୍ତି। ଏଥିପାଇଁ କର୍ମସ ଓ ଇଣ୍ଡଷ୍ଟ୍ରୀ ମନ୍ତ୍ରଣାଳୟ ପାଇଁ ୪୭,୫୫୯ କୋଟି ଟଙ୍କାର ବ୍ୟୟବରାଦ ହୋଇଛି।

### ୩ ଲକ୍ଷ ଆୟ ଯାଏ ...

ଏହାପୂର୍ବରୁ ୬ ଲକ୍ଷ ଯାଏ ଆୟ ଉପରେ ୫% ଟ୍ୟାକ୍ସ ଦେବାକୁ ପଡୁଥିଲା। ସେହିପରି ୬ ଲକ୍ଷରୁ ୯ ଲକ୍ଷ ଯାଏ ଆୟ ଉପରେ ୧୦ % ଟ୍ୟାକ୍ସ ଦେବାକୁ ପଡୁଥିଲା। ଏବେ ନୂଆ ବ୍ୟବସ୍ଥା ଅନୁସାରେ ୩ ଲକ୍ଷ ପର୍ଯ୍ୟନ୍ତ ଆୟ ପାଇଁ ଆୟକର ଶୂନ ରହିଛି। ସେହିପରି ୭ ଲକ୍ଷରୁ ୧୦ ଲକ୍ଷ ପର୍ଯ୍ୟନ୍ତ ଆୟ ପାଇଁ ଆୟକର ୧୦%, ୧୦ରୁ ୧୨ ଲକ୍ଷ ପର୍ଯ୍ୟନ୍ତ ଆୟ ପାଇଁ ଆୟକର ୧୫%, ୧୨ରୁ ୧୫ ଲକ୍ଷ ଆୟ ପାଇଁ ଆୟକର ୨୦% ଓ ୧୫ ଲକ୍ଷରୁ ଅଧିକ ଆୟ ପାଇଁ ଆୟକର ୩୦% କରାଯାଇଛି। ତେବେ ଓଲ୍ଡ ଟ୍ୟାକ୍ସ ରିଜିମ୍ ଅପରିବର୍ତ୍ତିତ ରହିଛି। ପୁରୁଣା ଟିକସ ବ୍ୟବସ୍ଥା ଅନୁସାରେ ୨.୫ ଲକ୍ଷ ଟଙ୍କା ଯାଏ ଟ୍ୟାକ୍ସ ଛାଡ଼ ରହିଛି। ୨.୫ ଲକ୍ଷରୁ ୫ ଲକ୍ଷ ଯାଏ ଆୟ ଉପରେ ୫% ଆୟକର ରହିଛି। ସେହିପରି ୫ଲକ୍ଷରୁ ୧୦ ଲକ୍ଷ ଯାଏ ଆୟ ୨୦% ଓ ୧୦ ଲକ୍ଷରୁ ଅଧିକ ଆୟ ଉପରେ ୩୦% ଟ୍ୟାକ୍ସ ରେଟ୍ ରହିଛି।

### ବଜେଟ ଘୋଷଣା ...

ସୁନା ଓ ରୁପା ଉପରେ ଲାଗୁ ହେଉଥିବା ଆମଦାନୀ ଶୁଳ୍କ ୧୫%ରୁ ୬%କୁ ହ୍ରାସ ପାଇଛି। ଏହା ମଧ୍ୟରେ ଥିବା ମୂଳ ସୀମା ଶୁଳ୍କ ୧୦ରୁ ୫% ଓ କୃଷି ସେସ୍ ୫%ରୁ ୧%କୁ କମିଛି। ଏହି ହ୍ରାସ ନିଷ୍ପତ୍ତି ପରେ ସୁନା ଓ ରୁପାର ଦାମ ୪ ହଜାର ଟଙ୍କା ଯାଏ କମି ଯାଇଛି। ଜେଇଜିତ ଫାଇନାନସିଆଲ ସର୍ଭିସ ହେଡ ହରୀଶ ଭି କହିଛନ୍ତି, "ସୀମା ଶୁଳ୍କ ୧୫%ରୁ ୬%କୁ କମିଥିବାରୁ ଘରୋଇ ବଜାରରେ ଏହାର ଦାମ ହ୍ରାସ ପାଇଛି ଓ ଚାହିଦା ମଧ୍ୟ ଆଶାତୀତ ଭାବେ ବଢ଼ିଛି। ପୂର୍ବରୁ ସୀମା ଶୁଳ୍କ ୧୦% ଓ ସେସ ପାଇଁ ୫% ଦେବାକୁ ପଡୁଥିଲା।" ସୀମା ଶୁଳ୍କ ହ୍ରାସ ପାଇବା ପରେ ମଲ୍ଟି କମୋଡିଟୀ ଏକ୍ସଚେଞ୍ଜ(ଏମସିଏକ୍ସ)ରେ ସୁନା ଦର ୧୦ ଗ୍ରାମ(୨୪ କ୍ୟାରେଟ) ପ୍ରତି ୬୮,୫୦୦କୁ ଖସି ଆସିଛି। ପୂର୍ବରୁ ଏହା ୭୨,୮୩୮ ଟଙ୍କା ଥିଲା। ଅନ୍ତର୍ଜାତୀୟ ବଜାରରେ ସୁନା ଦର ଆଉନ୍ସ ପ୍ରତି ୨,୩୯୭.୧୩ ଡଲାର ରହିଛି। ଏହାର ଅର୍ଥ ଘରୋଇ ବଜାରରେ ସୁନାର ଦର ୪ ହଜାର ଟଙ୍କା ଯାଏ କମିଛି। କୁହାଯାଉଛି ଆଗାମୀ ଦିନରେ ସୁନାର ଦାମ ୬୬ ହଜାରକୁ ଖସି ଯାଇପାରେ। ଏମସିଏକ୍ସରେ ରୁପା ଦର ମଧ୍ୟ ଆଶାତୀତ ଭାବେ ହ୍ରାସ ପାଇଛି। ପୂର୍ବରୁ ଗୋଟିଏ କେଜି ରୁପାର ଦାମ ୮୮,୯୯୫ ଟଙ୍କା ଥିଲା। କିନ୍ତୁ ବଜେଟ ପରେ ଏହା ୮୪,୨୭୫ ଟଙ୍କାକୁ ଖସି ଆସିଛି। ଏହାର ଅର୍ଥ ରୁପା କେଜି ପିଛା ୪୭୨୦ ଟଙ୍କା କମିଛି।

### ଉଚ୍ଚ ଶିକ୍ଷା ପାଇଁ ...

ଟଙ୍କା ଯାଏ ଇ-ଭାଉଚର ପ୍ରତିବର୍ଷ ୧ ଲକ୍ଷ ପିଲାଙ୍କୁ ସିଧାସଳଖ ମିଳିବ। ବାର୍ଷିକ ୩% ସୁଧରେ ଶିକ୍ଷାର୍ଥୀମାନେ ଏହାର ଫାଇଦା ହାସଲ କରିପାରିବେ। ନିର୍ମଳା ସୀତାରମଣ ଆହୁରି କହିଛନ୍ତି ଯେ ଏବେ ଶିଳ୍ପ ସଂସ୍ଥା ସହ ମିଶି ଦେଶରେ କାର୍ଯ୍ୟରତ ମହିଳାଙ୍କ ପାଇଁ ହଷ୍ଟେଲ ଓ ଶିଶୁ ସଦନ ନିର୍ମାଣ କରାଯିବ। କର୍ମକ୍ଷେତ୍ରରେ ମହିଳାଙ୍କ ଭାଗିଦାରୀକୁ ବୃଦ୍ଧି କରିବା ପାଇଁ ଏପରି ବ୍ୟବସ୍ଥା କରାଯିବ। ସର୍ବାଙ୍ଗୀନ ବିକାଶ ପାଇଁ ସରକାର ନ୍ୟାଶନାଲ କର୍ପୋରେସନ ପଲିସୀ ଆଣିବେ। ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ କହିଛନ୍ତି ଯେ, ଇଣ୍ଟର୍ନଶିପ ସ୍କିମ୍ ଅଧୀନରେ ପ୍ରତି ମାସରେ ୫,୦୦୦ ଟଙ୍କା ଇଣ୍ଟର୍ନଶିପ୍ ଭତ୍ତା ଏବଂ ୬,୦୦୦ ଟଙ୍କାର ଏକକାଳୀନ ସହାୟତା ପ୍ରଦାନ କରାଯିବ। ୫୦୦ ଟପ୍ କମ୍ପାନୀରେ ୧ କୋଟି ଯୁବଗୋଷ୍ଠୀଙ୍କୁ ଏହି ସୁଯୋଗ ମିଳିବ।

### ନିଟ୍-ୟୁଜି ବିବାଦ...

୧୬ ଜଣ ଛାତ୍ରଛାତ୍ରୀଙ୍କ ଆବେଦନକୁ ପ୍ରତିନିଧିତ୍ୱ କରୁଥିବା ଆଡଭୋକେଟ୍ ମାଥ୍ୟୁସ୍ ନେଦୁମ୍ପାରା ଏବଂ ପ୍ରଧାନ ବିଚାରପତି ଡି.ୱାଇ ଚନ୍ଦ୍ରଚୂଡ଼ଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ବରିଷ୍ଠ ଓକିଲ ନରେନ୍ଦ୍ର ହୁଡାଙ୍କ ଯୁକ୍ତି ସମୟରେ ନେଦୁମ୍ପାରା ହସ୍ତକ୍ଷେପ କରିବାକୁ ଚେଷ୍ଟା କଲାବେଳେ ଏହା ଘଟିଥିଲା। ହୁଡା ଆବେଦନକାରୀ ଛାତ୍ରଛାତ୍ରୀମାନଙ୍କର ଅନ୍ୟ ଏକ ଗୋଷ୍ଠୀକୁ ପ୍ରତିନିଧିତ୍ୱ କରୁଛନ୍ତି। ନେଦୁମ୍ପାରା ବାରମ୍ବାର କହୁଥିଲେ ଯେ ତାଙ୍କ ମତ ଠିକ୍ ଭାବରେ ଶୁଣାଯାଇ ନାହିଁ। ପ୍ରଧାନ ବିଚାରପତି ମଧ୍ୟ ଏହା କରିବାକୁ ମନା କରିଦେଇଥିଲେ କିନ୍ତୁ ଯେତେବେଳେ ସେ ରାଜି ହୋଇ ନ ଥିଲେ ସେତେବେଳେ ସେ ନେଦୁମ୍ପାରାଙ୍କୁ କୋର୍ଟ ଛାଡିବାକୁ ନିର୍ଦ୍ଦେଶ ଦେଇଥିଲେ।

### ବାଚସ୍ପତିଙ୍କ ମାଇକ...

ଉପରକୁ ଚଢ଼ି ମାଇକ ଭାଙ୍ଗି ଦେଇଥିଲେ। ଅଚଳାବସ୍ଥାକୁ ଦେଖି ବାଚସ୍ପତି ଆସନ୍ତାକାଲି ପର୍ଯ୍ୟନ୍ତ ଗୃହକୁ ମୁଲତବି ଘୋଷଣା କରିଥିଲେ ବାଚସ୍ପତି। ଆଜି ସକାଳେ ବି ଏହି ପ୍ରସଙ୍ଗକୁ ନେଇ ଗୃହ ଚଳାଇ ଦେଇ ନଥିଲେ ବିରୋଧୀ। ଫଳରେ ବାଚସ୍ପତି ଗୃହକୁ ଅପରାହ୍ନ ୪ଟା ଯାଏ ମୁଲତବି ରଖିଥିଲେ। ଏଏସଓଙ୍କୁ ରାଜ୍ୟପାଳଙ୍କ ପୁଅ ମାଡ଼ ମାରିବା ଘଟଣାରେ ମୁଖ୍ୟମନ୍ତ୍ରୀଙ୍କ ବିବୃତି ଦାବି କରିଛି ବିଜେଡି । ଗତ ୭ ତାରିଖରୁ ଘଟଣା ଘଟିଥିଲେ ମଧ୍ୟ କାହିଁକି ତଦନ୍ତ କିମ୍ବା କାର୍ଯ୍ୟାନୁଷ୍ଠାନ ହେଲାନି ବୋଲି ପ୍ରଶ୍ନ କରିଛନ୍ତି ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ। ବିଜେପି କହିଛି, ବିଜେଡି ଅସହିଷ୍ଣୁ ହୋଇପଡ଼ିଛି । ତତ୍କାଳୀନ ବିଜେଡି ସରକାର ପ୍ରତାପ ଜେନା, ଦିବ୍ୟଶଙ୍କର ମିଶ୍ର ଓ ଅରୁଣ ସାହୁଙ୍କ ବିରୋଧରେ କ'ଣ କାର୍ଯ୍ୟାନୁଷ୍ଠାନ ନେଇଥିଲା ବୋଲି ଓଲଟି ପ୍ରଶ୍ନ କରିଛି ବିଜେପି। କଂଗ୍ରେସ କହିଛି, ବିଜେଡି-ବିଜେପି ଆଲୋଚନା କରି ଗୃହ ବନ୍ଦ କରୁଛନ୍ତି । ଯେଉଁଥି ପାଇଁ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଆଲୋଚନା ହୋଇପାରିଲାନି। ସୂଚନାଯୋଗ୍ୟ, ରାଜ୍ୟପାଳ ରଘୁବର ଦାସଙ୍କ ପୁଅ ରାଜଭବନରେ ନିଯୁକ୍ତ ଜଣେ ଏଏସ୍ଓଙ୍କୁ ମାଡ଼ ମାରିବ ସହିତ ତାଙ୍କୁ ହତ୍ୟା ଧମକ ଦେଇଥିଲେ ବୋଲି ଅଭିଯୋଗ ହୋଇଛି। ଆଉ ଏହି ଘଟଣାକୁ ନେଇ ସରକାରଙ୍କୁ ବେଶ୍ କିଛି ଦିନ ହେଲାଣି ଘେରିଛନ୍ତି ବିଜେଡି ଓ କଂଗ୍ରେସ। ଇତିମଧ୍ୟରେ ଉକ୍ତ ଏଏସ୍ଓଙ୍କୁ ସେଠାରୁ ବଦଳି କରି ନିଆଯାଇଛି।

ଧ୍ୱନି ପ୍ରତିଧ୍ୱନି
ପୃଷ୍ଠା

# ନରସିଂହପୁର ସ୍କୁଲରେ ବିଦାୟ କାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ

ବାସୁଦେବପୁର, ୨୩/୭ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ନରସିଂହପୁର ଉଚ୍ଚ ବିଦ୍ୟାଳୟ ପରିସରରେ ବିଦାୟ କାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି । ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କମଳାକାନ୍ତ ନାୟକ ଏହି ଉତ୍ସବରେ ସଭାପତିତ୍ୱ କରିଥିଲେ । ବାସୁଦେବପୁର ନିର୍ବାଚନ ମଣ୍ଡଳୀର ନବ ନିର୍ବାଚିତ ବିଧାୟକ ଅଶୋକ କୁମାର ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିକ୍ଷା ସାହିତ୍ୟ ଓ ସଂସ୍କୃତି ସମ୍ପର୍କରେ ଆଲୋଚନା କରିଥିଲେ । ମୁଖ୍ୟ ବକ୍ତା ଇଂ ଭାଗିରଥି ମହାପାତ୍ର, ସମ୍ମାନିତ ଅତିଥି ଶିକ୍ଷାବିତ୍ ଦିବାକର ନାୟକ, ସରପଞ୍ଚ ଗୌରାଙ୍ଗ ଚନ୍ଦ୍ର ପଣ୍ଡା, ସମିତି ସଭ୍ୟା ଅନିତା ଲେଙ୍କା, ଶିକ୍ଷାବିତ୍ ଗୟାଧର ମହାପାତ୍ର, ବାସୁଦେବପୁର ଯୁବ କଂଗ୍ରେସ ସଭାପତି ସୁଶାନ୍ତ ମହାକୁଡ ପ୍ରମୁଖ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ଏହି ଅବସରରେ ମାନ୍ୟବର ବିଧାୟକ ଅଶୋକ ଦାସ, ରବୀନ୍ଦ୍ର ନାଥ ସେନାପତି, ଗଣେଶ ଚନ୍ଦ୍ର ଦାଶ, ଅଶୋକ କୁମାର ରାଉତ ପ୍ରମୁଖ ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଉଚ୍ଚ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ହରେକୃଷ୍ଣ ମହାରଣା ଅତିଥି ପରିଚୟ ପ୍ରଦାନ କରିଥିଲା ବେଳେ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ଶାନ୍ତିଲତା ପଣ୍ଡା ଧନ୍ୟବାଦ୍ ଅର୍ପଣ କରିଥିଲେ । ଦୁଇ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟତ୍ରୀ ରମାକାନ୍ତ ସେଣ୍ଠ, ଦଇତାରୀ ମହାରଣା, ଦୟାନିଧି ପଲେଇ, ରାଜେଶ ପ୍ରଧାନ, ଆରତି ଧର, ମିନତି ପଣ୍ଡା, ଆରତି ଲତା ନାୟକ, ଭାନୁମତୀ ଶଙ୍ଖୁଆ ଓ ଶ୍ରୀଧର ବାରିକ ପ୍ରମୁଖ ଏହି ଉତ୍ସବକୁ ପରିଚାଳନା କରିବାରେ ସହଯୋଗ କରିଥିଲେ । ବହୁ ସଂଖ୍ୟା ରେ ଛାତ୍ର ଛାତ୍ରୀ ଓ ଶିକ୍ଷକ ଶିକ୍ଷୟତ୍ରୀ ଯୋଗ ଦେଇ ଥିଲେ ।



# ମୋବାଇଲରୁ ମୋବାଇଲ ଘୁରି ବୁଲୁଛି ରାଜ୍ୟ ମୁକ୍ତ ବିଦ୍ୟାଳୟ ମ୍ୟାଟ୍ରିକ ପରୀକ୍ଷା ଦୁର୍ନୀତି

ଜଳେଶ୍ୱର , ୨୩/୭ (ନି.ପ୍ର): ରାଜ୍ୟରେ ସାକ୍ଷରତା ହାର ବଢାଇବା ସହିତ ବରିଷ୍ଠ ନାଗରିକଙ୍କୁ ମ୍ୟାଟ୍ରିକ ପରୀକ୍ଷାର ସାର୍ଟିଫିକେଟ ହାସଲ ପାଇଁ କାର୍ଯ୍ୟ କରୁଛି ରାଜ୍ୟ ମୁକ୍ତ ବିଦ୍ୟାଳୟ । ପ୍ରତି ବ୍ଲକରେ ଗୋଟିଏ ଲେଖାଏଁ ବିଦ୍ୟାଳୟରେ ଅତିକ୍ରାନ୍ତ ବୟସର ପୁରୁଷ, ମହିଳାଙ୍କୁ ଭର୍ତ୍ତି କରାଯାଇ ମ୍ୟାଟ୍ରିକ ପରୀକ୍ଷାର ବ୍ୟବସ୍ଥା ହୋଇଛି । କିନ୍ତୁ କେତେକ ପ୍ରଧାନ ଶିକ୍ଷକ ଓ କର୍ମଚାରୀ ଏହାର ସୁଯୋଗ ନେଇ ପରୀକ୍ଷାରେ ପାସ୍ କରାଇଦେବା ଆଳରେ ଅର୍ଥ ସଂଗ୍ରହ କରୁଥିବାର ଅଭିଯୋଗ ହେଉଛି । ଘଟଣାରୁ ପ୍ରକାଶ ଜଳେଶ୍ୱର ବ୍ଲକରେ ବାଗପୁଞ୍ଜିସ୍ଥିତ ଶ୍ରୀଚୈତନ୍ୟଦେବ ଉଚ୍ଚ ବିଦ୍ୟାଳୟରେ ଏପରି ଏକ ମୁକ୍ତ ବିଦ୍ୟାଳୟ ଖୋଲା ଯାଇଛି । ପ୍ରତିବର୍ଷ ପରି ଏବର୍ଷ ମଧ୍ୟ ୬୨ ଜଣ ପୁରୁଷ, ମହିଳା ମ୍ୟାଟ୍ରିକ ପରୀକ୍ଷା ଦେବାପାଇଁ ଭର୍ତ୍ତି ହୋଇଥିଲେ । ପ୍ରକାଶଯୋଗ୍ୟ ସେଠାରେ ଥିବା ଶିକ୍ଷକମାନଙ୍କ ଦ୍ୱାରା ସେମାନଙ୍କୁ ଶିକ୍ଷାଦାନ ଦିଆଯାଇଥାଏ । କିନ୍ତୁ ବାସ୍ତବିକ ଚିତ୍ର ଅଲଗା । ସେହି ବିଦ୍ୟାଳୟର ପରୀକ୍ଷା କେନ୍ଦ୍ର ଜଳେଶ୍ୱର ଉଚ୍ଚବିଦ୍ୟାଳୟରେ ହୋଇଥିବା ବେଳେ ମ୍ୟାଟ୍ରିକ ପରୀକ୍ଷା ସମୟରେ ସେମାନଙ୍କ ଠାରୁ ପରୀକ୍ଷାରେ ପାସ୍ କରାଇବା ନାମରେ ଚାନ୍ଦ ସଂଗ୍ରହ କରାଯାଉଥିବାର ଏଭ ଭିଡିଓ କ୍ଲିପ ମୋବାଇଲରୁ ମୋବାଇଲ ଘୁରି ବୁଲୁଛି । ଏ ସଂପର୍କରେ ଜଳେଶ୍ୱର ବିଇଓ ଜଗବଂଧୁ ଜେନାଙ୍କୁ ପଚାରିବାରୁ ସେ କହିଲେ ଚଳିତବର୍ଷ ମ୍ୟାଟ୍ରିକ ସପ୍ଲିମେଣ୍ଟାରୀ ପରୀକ୍ଷା ଆଜିଠୁ ଆରମ୍ଭ ହୋଇଛି ଓ ଜଳେଶ୍ୱର ଉଚ୍ଚ ବିଦ୍ୟାଳୟ ପରୀକ୍ଷାକେନ୍ଦ୍ରରେ ୨୪୯ ଛାତ୍ରଛାତ୍ରୀ ପରୀକ୍ଷା ଦେବାକୁ ଥିବା ବେଳେ ୨୦୩ ପରୀକ୍ଷାର୍ଥୀ ପରୀକ୍ଷା ଦେଇଛନ୍ତି । ଜଳେଶ୍ୱର, ବାଲିଆପାଳ ଓ ବସ୍ତା ଅଂଚଳର ପରୀକ୍ଷାର୍ଥୀ ଜଳେଶ୍ୱରରେ ପରୀକ୍ଷା ଦେଉଥିବା ସଂପର୍କରେ କହିଛନ୍ତି । କିନ୍ତୁ ଏହି କେନ୍ଦ୍ରରେ କୌଣସି ଅପ୍ରତିକର ପରିସ୍ଥିତି କିମ୍ବା କୌଣସି ଅସତ୍ ଉପାୟ ଅବଲମ୍ବନ ହୋଇ ନଥିବା ସୂଚନା ଦେଇଛନ୍ତି । ଅନ୍ୟପକ୍ଷରେ ଜଣେ କନଲି ଛାତ୍ର ପରୀକ୍ଷା ଦେବାକୁ ଆସିଥିବା ବେଳେ ପରୀକ୍ଷା ପୂର୍ବରୁ ତାଙ୍କୁ ପରୀକ୍ଷା ଦେବାରୁ ରୋକାଯାଇଥିବା ସଂପର୍କରେ କହିଥିଲେ ।

# କବି କାଳୀପଦ ପଣ୍ଡା ଡକ୍ଟରେଟ୍ ଡିଗ୍ରୀ ପାଇବା ପରେ ବିଭିନ୍ନ ମହଲରୁ ଅଭିନନ୍ଦନ



ବାଲେଶ୍ୱର , ୨୩/୭ (ନି.ପ୍ର): ଓଡ଼ିଶାର ସୁଖ୍ୟାତ ସାହିତ୍ୟିକ ତଥା ସୁପ୍ରତିଷ୍ଠିତ ପ୍ରକାଶକ କାଳୀପଦ ପଣ୍ଡା ଫକୀରମୋହନ ବିଶ୍ୱବିଦ୍ୟାଳୟରୁ ନିଜର ଗବେଷଣା ନିବନ୍ଧ 'ସାତକଡ଼ି ହୋତାଙ୍କ ଉପନ୍ୟାସରେ ସାମାଜିକ ଓ ରାଜନୀତିକ ଚିତ୍ର' ପାଇଁ ଡକ୍ଟରେଟ୍ ଡିଗ୍ରୀ ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି । ଏନେଇ ବିଶ୍ୱବିଦ୍ୟାଳୟର ପରୀକ୍ଷା ନିୟନ୍ତ୍ରକଙ୍କ ପକ୍ଷରୁ ୨୨ ତାରିଖରେ ଏଫ.ଏମ୍.ୟୁ. ପତ୍ର ସଂଖ୍ୟା ୩୯୨ମୂଳେ ଘୋଷଣା କରାଯାଇଛି । ଏହି ସୁସମ୍ବାଦ ପ୍ରଚାରିତ ହେବାପରେ କବି ଶ୍ରୀ ପଣ୍ଡାଙ୍କୁ ତାଙ୍କ ବାଲେଶ୍ୱରସ୍ଥିତ ବାସଭବନରେ ସାକ୍ଷାତ କରି ବିଭିନ୍ନ ଅନୁଷ୍ଠାନ ଓ ବିଶିଷ୍ଟ ବ୍ୟକ୍ତିବିଶେଷ ପୁଷ୍ପଗୁଚ୍ଛ ଦେଇ ଅଭିନନ୍ଦନ ଜ୍ଞାପନ କରିଛନ୍ତି । କବି ଶ୍ରୀ ପଣ୍ଡା ନିଜେ ଜଣେ ସ୍ୱଜନଶୀଳ ଲେଖକ । ନିଜର ୧୩ଗୋଟି ମୌଳିକ ପୁସ୍ତକ, ୧୧ଗୋଟି ସମ୍ପାଦନା ପୁସ୍ତକ, ୨ଶହରୁ ଉର୍ଦ୍ଧ୍ୱ ସ୍ମରଣିକାରର ସମ୍ପାଦକ ଏବଂ ତାଙ୍କ ହାତଗଢ଼ା ସୁବର୍ଣ୍ଣଶ୍ରୀ ପ୍ରକାଶିନୀ ଜରିଆରେ ୯ଶହରୁ ଉର୍ଦ୍ଧ୍ୱ ପୁସ୍ତକର ସେ ହେଉଛନ୍ତି ଯଶସ୍ୱୀ ପ୍ରକାଶକ । ଓଡ଼ିଶା ସାହିତ୍ୟ ଏକାଡେମୀରେ ସଦସ୍ୟ ଭାବେ ଓଡ଼ିଶା ସରକାରଙ୍କ ପକ୍ଷରୁ ତିନିବର୍ଷ ପ୍ରତିନିଧିତ୍ୱ କରିଥିଲେ । ଓଡ଼ିଶାର ସ୍ୱନାମଧନ୍ୟ କଥାକାର ସାତକଡ଼ି ହୋତାଙ୍କ ଉପନ୍ୟାସକୁ ନେଇ ତାଙ୍କର ଏହି ଗବେଷଣା ନିବନ୍ଧର ମାର୍ଗଦର୍ଶକ ଥିଲେ ଡ. ଅକ୍ଷୟକୁମାର ପାଣିଗ୍ରାହୀ ଏବଂ ଏହାର ପରୀକ୍ଷକ ଥିଲେ ପ୍ରଫେସର ବିଜୟ କୁମାର ଶତପଥି ଓ ପ୍ରଫେସର ବାବାଜୀ ଚରଣ ପଟ୍ଟନାୟକ । ପ୍ରାକ୍ସ୍ୱାଧୀନତା ଓ ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଶାର ସାମାଜିକ ଓ ରାଜନୀତିକ ଜୀବନରେ ଯେଉଁ ଦ୍ରୁତ ଅବକ୍ଷୟ ଘଟିଛି ତଥା ନକ୍ସଲବାଦର ଅଭ୍ୟୁଦୟ ସାଙ୍ଗକୁ ଆଦିବାସୀ ଜନଜୀବନରେ ପରିବର୍ତ୍ତନ ପରିଲକ୍ଷିତ ହୋଇଛି, ସେହିସବୁ କଥାବସ୍ତୁକୁ ନେଇ ରଚିତ ସାତକଡ଼ି ହୋତାଙ୍କର ଉପନ୍ୟାସ ଜଗତକୁ କବି ଶ୍ରୀ ପଣ୍ଡା ସୂକ୍ଷ୍ମାତିସୂକ୍ଷ୍ମ ସମୀକ୍ଷା ଏଥିରେ କରିଛନ୍ତି । ଏହି ସଫଳତାର ସୁସମ୍ବାଦ ସାହିତ୍ୟିକ ମହଲରେ ତଥା ବୁଦ୍ଧିଜୀବୀ ମହଲରେ ଆନନ୍ଦର ଲହରୀ ଖେଳାଇଦେଇଛି ।

## ଟ୍ରେଲର- କଂଟେନର ଧକ୍କା: ଜଣେ ଚାଳକ ମୃତ

ସମ୍ବଲପୁର, ୨୩/୭ (ନି.ପ୍ର): ଜମନକିରା ଥାନା ଅନ୍ତର୍ଗତ ବଡରମା ଘାଟି ମଝିରେ ଆଜି ପ୍ରତ୍ୟୁଷ ରେ ଏକ ସଡକ ଦୁର୍ଘଟଣା ରେ ଜଣଙ୍କର ମୃତ୍ୟୁ ଘଟିଛି । ଟ୍ରେଲର ସହ ଅନ୍ୟ ପାର୍ଶ୍ୱରୁ ଆସୁଥିବା ଏକ କଣ୍ଟେନର ସହ ମୁହାଁମୁହିଁ ଧକ୍କା ହେବା ଫଳରେ କଣ୍ଟେନର ଚାଳକ ମହାରାଷ୍ଟ୍ର ବୁଲଦନା ର ଶାରୁଖ ଜେ ସାହା (୨୫)ଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଛି । ଦୁର୍ଘଟଣା ପରେ ଉଭୟ ଜମନକିରା ପୋଲିସ ଓ ଅଗ୍ନିସେବା ଅଧିକାରୀ ସଦଳବଳେ ପହଂଚି ଉଦ୍ଧାର କାର୍ଯ୍ୟ କରିଥିଲେ । ଦୁଇଟି କ୍ରେନ୍ ସାହାଯ୍ୟରେ ଟ୍ରକ୍ କୁ ଅଲଗା କରି ଚାଳକକୁ ଉଦ୍ଧାର କରାଯାଇଥିବା ବେଳେ ଦୁର୍ଘଟଣାଗ୍ରସ୍ତ ଉଭୟ ଗାଡିକୁ ରାସ୍ତାରୁ ହଟାଇ ରାସ୍ତାକୁ ସ୍ୱାଭାବିକ କରିଥିଲେ । ଏନେଇ ଜମନକିରା ଥାନାରେ ଏକ ମାମଲା ରୁଜୁ କରାଯାଇଛି ।

# ଇନର୍ ହୁଇଲ୍ କ୍ଲବର ଅଧିଷ୍ଠାନ ଦିବସ

## ସଭାପତି ହେଲେ ଅନୀମା, ରଶ୍ମୀରେଖା ସଂପାଦିକା



ଭଦ୍ରକ, ୨୩/୭ (ନି.ପ୍ର): ମହିଳାମାନଙ୍କୁ ନେଇ ଗଠିତ ଅଗ୍ରଣୀ ସେବା ସଂସ୍ଥା ଭଦ୍ରକ ଇନର ହୁଇଲ୍ କ୍ଲବର ଅଧିଷ୍ଠାନ ଦିବସ ବାଇପାସ୍ ସ୍ଥିତ ଜଗନ୍ନାଥ ମନ୍ଦିର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ ପୂର୍ବତନ ସଭାପତି କାଦମ୍ବିନୀ ମହାନ୍ତି ନୂତନ ସଭାପତି ଅନୀମା ନାୟକଙ୍କୁ ଦାୟିତ୍ୱ ହସ୍ତାନ୍ତର କରିଥିଲେ । ଏହାପରେ ସଂପାଦିକା ଭାବେ ରଶ୍ମୀରେଖା ପରମାଣିକ, କୋଷାଧ୍ୟକ୍ଷ ଭାବେ ବୀଣାପାଣି ପଣ୍ଡା ଦାୟିତ୍ୱ ଗ୍ରହଣ କରିଥିଲେ । ପ୍ରାଧ୍ୟାପିକା ଝରଣା ପଟ୍ଟନାୟକ ଇନର ହୁଇଲ୍ କ୍ଲବର ଆଭିମୁଖ୍ୟ ସଂପର୍କରେ ସୂଚନା ଦେବା ସହ ନୂତନ କର୍ମକର୍ତ୍ତାମାନଙ୍କୁ ଅଭିନନ୍ଦନ ଜ୍ଞାପନ କରିଥିଲେ । ମୁଖ୍ୟ ଅତିଥି ଭାବେ ପ୍ରାଧ୍ୟାପିକା, କବି ଡ. ସୁକାନ୍ତି ମହାପାତ୍ର ଯୋଗଦେଇ ବିଶ୍ୱରେ ଇନର ହୁଇଲ୍ ର କାର୍ଯ୍ୟକୁ ଭୂୟସୀ ପ୍ରଶଂସା କରିବା ସହ ନିଃସ୍ୱାର୍ଥପର ସ୍ନେହ, ପ୍ରେମ ଓ ସେବା ଦ୍ୱାରା ମନୁଷ୍ୟ ମାନବିକତାର ହୃତସ୍ପନ୍ଦନକୁ ଅନୁଭବ କରିପାରିବ ବୋଲି ମତବ୍ୟକ୍ତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଡାକ୍ତର ହରେକୃଷ୍ଣ ନାୟକ, ରୋଟାରିଆନ ଅଭିଜିତ ନାୟକ, ସୀତାକାନ୍ତ ଦାସ ପ୍ରମୁଖ ନିଜ ବକ୍ତବ୍ୟରେ ସେବା କ୍ଷେତ୍ରରେ ଇନର ହୁଇଲ୍ ଭଦ୍ରକରେ ନୂତନ ଦୃଷ୍ଟାନ୍ତ ସୃଷ୍ଟି କରିବ ବୋଲି ପ୍ରକାଶ କରିଥିଲେ । ଦୀର୍ଘ ୩୫ ବର୍ଷର ନିରବଚ୍ଛିନ୍ନ ସେବା ପାଇଁ କ୍ଲବର ପ୍ରତିଷ୍ଠାତା ସଦସ୍ୟ ମନଜିତ୍ କୌରଙ୍କୁ ଓ ସଂପାଦିକା ଭାବେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ପ୍ରଣତି ମଲ୍ଲିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ଉତ୍ସବରେ ରୋ ବିଜୟ ସାହୁ, ରୋ.ପ୍ରଣବ କୁମାର ସାହୁ, ବିଜୟ ମହାନ୍ତି, ସୁରେନ୍ଦ୍ର କୁମାର ପଣ୍ଡା, ପ୍ରଭାତୀ ଜେନା, ପରମଜିତ୍ କୌର, ସ୍ମିତା ମହାନ୍ତି, ତପସ୍ୱିନୀ ପହି ପ୍ରମୁଖ ଉପସ୍ଥିତ ଥିଲେ । ଅଂଜୁବାଳା ରାଉତ, ଦେବହୂତି ମହାପାତ୍ର, ସଂଯୁକ୍ତା ମହାନ୍ତି, ଜେମାମଣି ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଶେଷରେ ସ୍ନେହଲତା ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

# ଓଉ ନାଳରେ ନାହିଁ ଜଳ: ଚାଷୀଙ୍କ ପାଇଁ ହୋଇଛି କାଳ



ନୀଳଗିରି , ୨୩/୭ (ନି.ପ୍ର): କ୍ଷୁଦ୍ର ଜଳସେଚନ ବିଭାଗ ଚାଷୀଙ୍କ ସମସ୍ୟା ଦୂରୀଭୂତ କରିବାକୁ ବିଭିନ୍ନ ଛୋଟ ଛୋଟ ନାଳ, ପାଣିସୁଅକୁ ବନ୍ଧବାନ୍ଧି ଚାଷଜମିକୁ ଜଳସେଚନ କରିଥାନ୍ତି । ନୀଳଗିରି କ୍ଷୁଦ୍ର ଜଳସେଚନ ବିଭାଗ ମା ଭୁଦାରଚଣ୍ଡୀ ପାଣିପଞ୍ଚାୟତ ଅଧୀନସ୍ଥ ସଜନାଗଡ ନିକଟ ବଡପୋଲ ନିକଟ ଦେଇ ଯାଇଥିବା ଓଉନାଳ ଉପରେ ବନ୍ଧବାନ୍ଧି ତଳ ଚାଷୀଭାଇ ମାନଙ୍କୁ ଚାଷକାର୍ଯ୍ୟ ନିମନ୍ତେ ଜଳ ଯୋଗାଇ ଆସୁଥିଲା । ମାତ୍ର ଏବେ ଉକ୍ତ ଓଉ ନାଳ ପ୍ରୋଜେକ୍ଟ ସମ୍ପୂର୍ଣ୍ଣ ଅଚଳ । କାରଣ ଉକ୍ତ ଡେମ୍ ଗେଟ୍ ର ଗିଅର୍ ବକ୍ସ, ସଟର ଆଦି ଭାଙ୍ଗି ଯାଇଥିବା ଯୋଗୁଁ ଉକ୍ତ ନାଳ ଦେଇ ବହିଯାଉଥିବା ଜଳକୁ ଅଟକା ଯାଇପାରୁନାହିଁ । ପାଣି ସବୁ ବଡପୋଲ ଦେଇ ବହିଯିବା କାରଣରୁ ଚାଷକୁ ପାଣି ମାଡିପାରୁନି । ଫଳରେ ଏକର ଏକର ଜମି ଶୁଖିଲା ପଡ଼ିଛି । ଏନେଇ ସ୍ଥାନୀୟ ଚାଷୀ ବିଭାଗ ନିକଟରେ ବାରମ୍ବାର ଅଭିଯୋଗ କରିଥିଲେ ମଧ ବିଭାଗୀୟ ଅଧିକାରୀ ଶୁଣି ନଶୁଣିଲା ପରି ଅଭିନୟ କରୁଛନ୍ତି । ତେବେ ଉକ୍ତ ବିଭାଗରେ ଜୈନିକ ଯନ୍ତ୍ରୀଙ୍କ ଦବଙ୍ଗଗିରି କାର୍ଯ୍ୟ ପାଇଁ ଏଭଳି ଅବସ୍ଥା ଚାଷୀ ଭୋଗୁଥିବା ନେଇ ଚର୍ଚ୍ଚା ହେଉଛି । ଯନ୍ତ୍ରୀ ଜଣକ ଉକ୍ତ ବିଭାଗରେ ଦୀର୍ଘ ୧୦ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି କାର୍ଯ୍ୟ କରି ଆସୁଥିବା ବେଳେ କାହା ଛତ୍ରଛାୟା ତଳେ ରହି ଦୀର୍ଘବର୍ଷ ଧରି କାର୍ଯ୍ୟ କରୁଛନ୍ତି ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଯାହା ଜଣାଯାଏ ବିଗତ କିଛିଦିନ ହେବ ଜଣେ ମହିଳା ଯନ୍ତ୍ରୀଙ୍କୁ ଉକ୍ତ ପାଣିପଞ୍ଚାୟତର ଦାୟିତ୍ୱଭାର ହସ୍ତାନ୍ତର କରାଯାଇଥିବା ବେଳେ ଚାଷୀଙ୍କ ସମସ୍ୟା ପ୍ରତି କାହାର ନଜର ନାହିଁ । ତେବେ କିଛିଦିନ ହେବ ଚାଷୀଙ୍କ ଅଭିଯୋଗ ପରେ ଏକ ମେସିନ ସାହାଯ୍ୟରେ ନାଳରେ ଥିବା କିଛି ଅଂଶକୁ ସଫା କରାଯାଇଥିବା ଜଣାଯାଇଛି । ତେବେ ବନ୍ଧରେ ଲଗାଯାଇଥିବା ଗେଟ ର ସଟର ଏବଂ ଗୀୟର ବକ୍ସ ଚେଞ୍ଜ କରାଯାଇ ନୂତନ ଭାବେ ସଜଡ଼ା ଯିବାକୁ ଚାଷୀମାନେ ଦାବୀ କରିଛନ୍ତି ।

## ଆସ୍ୱାୟାର ହସ୍ପିଟାଲରେ ପ୍ରଫେସର ମଣୀନ୍ଦ୍ର ମେହେର

ବାଲେଶ୍ୱର, ୨୩/୭ (ନି.ପ୍ର): ୟୁରୋଲୋଜି ସମସ୍ୟା ପାଇଁ ବହୁଦିନରୁ ଅସହ୍ୟ କଷ୍ଟ ଅନୁଭବ କରୁଥିବା ଫକୀରମୋହନ ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ଭାଷା ସାହିତ୍ୟ ବିଭାଗର ପୂର୍ବତନ ପ୍ରଫେସର ଓ ବିଭାଗ-ମୁଖ୍ୟ ଆଜି ଭୁବନେଶ୍ୱରସ୍ଥିତ ଆସ୍ୱାୟାର ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି । ତାଙ୍କ ପରିବାର ପକ୍ଷରୁ ପ୍ରାପ୍ତ ସୂଚନା ଅନୁସାରେ ଜୁଲାଇ ୨୫ତାରିଖ ଦିନ ବିଶିଷ୍ଟ ୟୁରୋଲୋଜିଷ୍ଟ ମାନଙ୍କ ଦ୍ୱାରା ତାଙ୍କର ଅସ୍ତ୍ରୋପଚାର କରାଯିବା ସ୍ଥିର ହୋଇଛି ।

# ଯୋଗ ମହୋତ୍ସବ ସମିତିର ନୂତନ କର୍ମକର୍ତ୍ତା ଚୟନ



ବାଲେଶ୍ୱର, ୨୩/୭ (ନି.ପ୍ର): ଯୋଗ ମହୋତ୍ସବ ସମିତି ବାଲେଶ୍ୱରର ବୈଠକ ପଢୁଆଁପଦା ସ୍ଥିତ ଗୋଲାପ ସାହୁଙ୍କ ବାସଭବନରେ ଅନୁଷ୍ଠିତ ହୋଇଥିଲା । ଏଥିରେ ବିଗତ ଯୋଗଦିବସ ବିଷୟରେ ଆଲୋଚନା ଓ ସମୀକ୍ଷା କରାଯାଇଥିଲା । ଆସନ୍ତା ଦିନରେ ସମିତିର ଭୂମିକାକୁ ନେଇ ବିଷଦ ଆଲୋଚନା କରାଯାଇଥିଲା । ବିଭିନ୍ନ ସ୍ଥାନରେ ଦୁଇଟି ପର୍ଯ୍ୟାୟରେ ବୃକ୍ଷରୋପଣ କରାଯାଇଥିଲେ ମଧ ବୃକ୍ଷଗୁଡ଼ିକର ରକ୍ଷଣାବେକ୍ଷଣ ଉପରେ ଗୁରୁତ୍ୱ ଆରୋପ କରାଯାଇଥିଲା । ଆଲୋଚନାରେ ଭାଗନେଇ ସମିତିର ସଭାପତି ସୁଜିତ୍ କୁମାର ଜେନା ତାଙ୍କର ପାରିବାରିକ ସମସ୍ୟା ପାଇଁ ସଭାପତି ପଦରୁ ଇସ୍ତଫା ପ୍ରଦାନ କରିଥିଲେ । ଆଲୋଚନା ହୋଇ ଏହା ଗୃହୀତ ହେବାପରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଅଗ୍ରଣୀ କର୍ମୀ ତଥା ଅବସରପ୍ରାପ୍ତ ବ୍ୟାଙ୍କ୍ ଅଫିସର ଶ୍ରୀ ଗୋପାଳ ଚନ୍ଦ୍ର ନାୟକଙ୍କୁ ସଭାପତି ଦାୟିତ୍ୱ ପାଇଁ ମନୋନୀତ କରାଯାଇଥିଲା । ଏହାକୁ ଉପସ୍ଥିତ ସଭ୍ୟମାନେ ସ୍ୱାଗତ କରିଥିଲେ । ଶ୍ରୀମତୀ ଦମୟନ୍ତୀ ମହାପାତ୍ର ମହିଳା ପ୍ରଭାରୀ ଭାବେ ମନୋନୀତ ହୋଇଥିଲେ । ଶେଷରେ ଶ୍ରୀ ରଞ୍ଜନ କୁମାର ସାହୁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ




ଲଙ୍ଗଳେଶ୍ୱର, ୨୩/୭ (ନି.ପ୍ର): ବାଲିଆପାଳ ବ୍ଲକ ଡଗରା ବେଳାଭୂମି ଡାକବଙ୍ଗଳା ପରିସର ଶିବମନ୍ଦିର ପ୍ରାଙ୍ଗଣରେ ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ଯଶଶୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆହ୍ୱାନ ମା ନାମରେ ଗଛଟିଏ ଲଗାଇବା କାର୍ଯ୍ୟକ୍ରମ ମାଧ୍ୟମରେ ମଙ୍ଗଳାବର ଅପରାହ୍ନରେ ବୃକ୍ଷରୋପଣ କରାଯାଇଥିଲା । ଯୁବମୋର୍ଚ୍ଚା ସଭାପତି ଦିଲୀପ କୁମାର ପାତ୍ରଙ୍କ ପରିଚାଳନାରେ ଅନୁଷ୍ଠିତ ବୃକ୍ଷ ରୋପଣ କାର୍ଯ୍ୟକ୍ରମରେ ଭାଜପା ନେତା ଶ୍ୟାମା ପ୍ରସାଦ ବେହେରା, କୃଷକ ମୋର୍ଚ୍ଚା ରାଜ୍ୟ ସଂଯୋଜକ ଅଜୟ କୁମାର ସାହୁ, ଓବିସି ମୋର୍ଚ୍ଚା ଜିଲ୍ଲା ସଭାପତି ଅରବିନ୍ଦ ବେହେରା,ସିଲୁ ନନ୍ଦ, ମିଥୁନ ଜେନା, ଶନ୍ୟାସୀ ରଣା, ହରିଶଙ୍କର ଜେନା, ଶିବ ଖଣ୍ଡା, ବିଶ୍ୱନାଥ ଦେ, କାଳିଚରଣ ବିଶ୍ୱାଳ, ନାରାୟଣ ବାରିକ, ଦୀପକ ପାତ୍ର ପ୍ରମୁଖ ଯୋଗଦେଇ, ନଡ଼ିଆ ଗଛ ସହିତ ଅନ୍ୟାନ୍ୟ ଗଛ ରୋପଣ କରିଥିଲେ । ସେହିପରି ଜାମତକୁଲା ଶିବ ମନ୍ଦିର ପରିସରରେ ଭାଜପା ନିର୍ବାଚନ ମଣ୍ଡଳୀୟ ନେତା ରବୀନ୍ଦ୍ର ଅଣ୍ଡିଆ, ମଣ୍ଡଳ ସଭାପତି ଦେବାନନ୍ଦ ପିଳା, ଗୌରବ ଅଣ୍ଡିଆ, ପ୍ରମଥ ପାତ୍ରଙ୍କ ସହିତ ବହୁ ଭାଜପା କର୍ମୀଙ୍କ ଯୋଗଦାନରେ ବୃକ୍ଷ ରୋପଣ କରାଯାଇଥିଲା ।ଏଥି ସହିତ ଉପରୋକ୍ତ ନେତୃ ମଣ୍ଡଳୀ କୁମ୍ଭାରୀ ପଞ୍ଚାୟତର ତାପୁଣ୍ଡିଆ ଠାରେ ମଧ ବୃକ୍ଷ ରୋପଣ କରିଥିଲେ ।ଆଗାମୀ ଦିନରେ ବାଲିଆପାଳ ବ୍ଲକର ସମସ୍ତ ପଞ୍ଚାୟତରେ ଏହି କାର୍ଯ୍ୟକ୍ରମ କରାଯିବ ବୋଲି ଯୁବମୋର୍ଚ୍ଚା ନେତା ଦିଲୀପ କୁମାର ପାତ୍ର କହିଛନ୍ତି ।

## ଦଶ ଦିନ ମଧ୍ୟରେ ଅଘୋଷିତ ବିଦ୍ୟୁତ୍ କାଟ ବନ୍ଦ ନ ହେଲେ ଆନ୍ଦୋଳନ

ବାଲିଆପାଳ , ୨୩/୭ (ନି.ପ୍ର): ଆସନ୍ତା ଦଶ ଦିନ ମଧ୍ୟରେ ବାଲିଆପାଳ ବ୍ଲକ ସମେତ ଗ୍ରାମାଞ୍ଚଳରେ ବିଦ୍ୟୁତ ବଣ୍ଟନ କାରୀ କମ୍ପାନୀ ଟାଟା ଅଘୋଷିତ ବିଦ୍ୟୁତ୍ କାଟ ବନ୍ଦ ନ କଲେ ସ୍ୱାଭିମାନୀ ବାଲିଆପାଳିଆ ମଞ୍ଚ ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରିବ ବୋଲି ମଙ୍ଗଳବାର ଚେତାବନୀ ଦେଇଛି । ଅଘୋଷିତ ବିଦ୍ୟୁତ୍ କାଟ ଯୋଗୁଁ ପାଣି ପଏଣ୍ଟ, ଧାନ କୁଟା କଳ, ମୁଢ଼ି ଭଜା ମେସିନ୍ ଠିକ୍ ଭାବରେ ଚାଲି ପାରୁ ନାହିଁ । ସ୍କୁଲ ଓ କଲେଜ ଛାତ୍ର ଛାତ୍ରୀ ମାନେ ଠିକ୍ ଭାବରେ ପାଠ ପଢି ପାରୁ ନାହାଁନ୍ତି । ପରୀକ୍ଷା ସମୟରେ ମଧ ବିଦ୍ୟୁତ୍ କାଟ ହେଉଛି । ଛୋଟ ପିଲା ଓ ବୟସ୍କ ଲୋକମାନେ ଅସହ୍ୟ ଗଳୁଗୁଳି ଯୋଗୁଁ ଅକଥ୍ୟ ଯନ୍ତ୍ରଣା ଭୋଗ କରୁଛନ୍ତି । ବର୍ଷ ତମାମ ଟାଟା କମ୍ପାନୀ କର୍ତୃପକ୍ଷ ମରାମତି ଆଳରେ ବାରଂବାର ବିଦ୍ୟୁତ୍ କାଟ କରିବା ଅନ୍ୟାୟ ବୋଲି ମଞ୍ଚ ଅଭିଯୋଗ କରିଛି । ଏନେଇ ସ୍ୱାଭିମାନୀ ବାଲିଆପାଳିଆ ମଞ୍ଚର ଆବାହକ ସତ୍ୟକାମ ମହାନ୍ତି, ଗୌତମ କୁମାର ପରିଡା, ଗୋବିନ୍ଦ ଦେବାଶିଷ ପାତ୍ର, ସୁଭଦ୍ରା ରାଉତ, ବିକ୍ରମ କେଶରୀ ଦେ, ଆଦିତ୍ୟ ନାୟକ, ସୌମ ରଞ୍ଜନ ପରିଡ଼ା ପ୍ରମୁଖ ବିଭାଗୀୟ ଯନ୍ତ୍ରୀଙ୍କୁ ଏକ ଦାବି ପତ୍ର ପ୍ରଦାନ କରିଛନ୍ତି ।

# ବସ୍ତା ବିବେକାନନ୍ଦ ଶିକ୍ଷା କେନ୍ଦ୍ରରେ ବନ ମହୋତ୍ସବ ପାଳିତ

ବସ୍ତା, ୨୩/୭ (ନି.ପ୍ର): ବସ୍ତା ସ୍ଥିତ ବିବେକାନନ୍ଦ ଶିକ୍ଷା କେନ୍ଦ୍ରରେ ଇକୋ କ୍ଲବ ଆନୁକୋଲ୍ୟରେ ବନ ମହୋତ୍ସବ ସପ୍ତାହ ମଙ୍ଗଳବାର ସକାଳେ ପାଳିତ ହୋଇଯାଇଅଛି । ବିଦ୍ୟାଳୟର ପ୍ରଧାନ ଆ ଚାର୍ଯ୍ୟ ଶ୍ରୀପତି ଚରଣ ପାତ୍ରଙ୍କ ପୌରହିତ୍ୟରେ ଅନୁଷ୍ଠିତ ସଭାରେ ବିଦ୍ୟାଳୟର ପ୍ରାଣ ପ୍ରତିଷ୍ଠାତା ତଥା ସମାଜସେବୀ ଶ୍ରୀଯୁକ୍ତ ଶ୍ୟାମା ପ୍ରସାଦ ବେହେରା ଯୋଗ ଦେଇ ବୃକ୍ଷ ର ଉପକାରିତା ବିଷୟ ପିଲାମାନଙ୍କୁ ବୁଝାଇବା ସହିତ ବିଭିନ୍ନ ପ୍ରଜାତିର ଗଛର ଚାରା ନିଜନିଜ ବାଡି ବଗିଚାରେ ଲଗାଇବା ପାଇଁ କହିଥିଲେ ।ମୁଖ୍ୟ ଅତିଥି ଅବସର ପ୍ରାପ୍ତ ଡି ଆ ଇ ନରହରି ସାହୁ.ମୁଖ୍ୟ ବକ୍ତା ଅବସର ପ୍ରାପ୍ତ ଫରେଷ୍ଟରଧୂର୍ବଚରଣ ନାୟକ. ସମ୍ମାନୀତ ଅତିଥି ବସ୍ତା ପ୍ରେସ କ୍ଲବର ସଭାପତି ବିଜୟ କୁମାର ଭୂୟାଁ, ବରିଷ୍ଠ ସାମ୍ବାଦିକ ସୁଶାନ୍ତ କୁମାର ପ୍ରଧାନ. ବିଶିଷ୍ଟ ଅତିଥି ବସ୍ତା ବନ ରକ୍ଷି ତପନ କୁମାର ଜେନା, ଉଦ୍ୟାନ ସାଥୀ ରମେଶ ଚନ୍ଦ୍ର ବେହେରା ଯୋଗ ଦେଇଥିଲେ ।ବିଦ୍ୟାଳୟର ଛାତ୍ରଛାତ୍ରୀ ମାନେ ବୃକ୍ଷ ରୋପଣ କରିସବୁଜ ବନ ସୃଷ୍ଟି କଲେ ପରିବେଷ ସୁରକ୍ଷାକରି ହେବ ବୋଲି ଭାଷଣରେ କହିଥିଲେ । ପ୍ରଶାନ୍ତ ଗିରି, ସରୋଜ ପାତ୍ର, ଶୁସାନ୍ତୀ ଲତା ବେହେରା, ସସ୍ମୀତା ବେହେରା, ନମିତା ଦାସ, ପ୍ରଜ୍ଞାପାରମିତା ବେହେରା, ହିମାଂଶୁ ବେହେ, ରାଜେଶ୍ୱରୀ ଦାସ.ଅର୍ଚ୍ଚନା ଘୋଷ ସମସ୍ତ ଗୁରୁଜୀ ଗୁରୁମା ଉପସ୍ଥିତ ଥିଲେ । ବିଦ୍ୟାଳୟର ଉପ ପ୍ରଧାନ ଆଚାର୍ଯ୍ୟା ରଞ୍ଜିତା ପାଢୀ ଧନ୍ୟବାଦ ଜଣାଇଥିଲେ । ଶେଷରେ ଅତିଥି ମାନଙ୍କ ଦ୍ୱାରା ବୃକ୍ଷ ରୋପଣ କାର୍ଯ୍ୟକ୍ରମ ହୋଇଥିଲା ।

# ଲୋକମାନ୍ୟ ତିଳକ ଓ ଚନ୍ଦ୍ରଶେଖର ଆଜାଦଙ୍କୁ ଶ୍ରଦ୍ଧାଂଜଳି ଜ୍ଞାପନ କଲା ବିଜେପି

ନୂଆଦିଲ୍ଲୀ, ୨୩/୭ : ଲୋକମାନ୍ୟ ବଲ ଗଙ୍ଗାଧର ତିଳକ ଓ ସଂଗ୍ରାମୀ ଚନ୍ଦ୍ରଶେଖର ଆଜାଦଙ୍କ ଜୟନ୍ତୀ ଅବସରରେ ତାଙ୍କୁ ଶ୍ରଦ୍ଧାଂଜଳି ଜ୍ଞାପନ କରିଛି ବିଜେପି । ବିଜେପି ଏକ୍ସ ହ୍ୟାଣ୍ଡେଲରେ ଉଭୟଙ୍କ ସ୍ମରଣ କରିଛି । ବିଜେପି ପକ୍ଷରୁ କୁହାଯାଇଛି ଯେ, ମହାନ ସମାଜ ସୁଧାରକ, ବିଚାରକ ତଥା ସ୍ୱାଧୀନତା ସଂଗ୍ରାମୀ ଲୋକମାନ୍ୟ ବାଲ ଗଙ୍ଗାଧର ତିଳକଙ୍କ ଜୟନ୍ତୀ ଅବସରରେ କୋଟି କୋଟି ପ୍ରଣାମ । ଆଜାଦଙ୍କ ସ୍ମରଣ କରି ବିଜେପି କହିଛି ଯେ, ବୀରତା ଓ ସାହସର ପ୍ରମୁଖ, ଅଗ୍ରଣୀ ସ୍ୱାଧୀନତା ସଂଗ୍ରାମୀ, ଅମର ସହିତ ଚନ୍ଦ୍ରଶେଖର ଆଜାଦଙ୍କ ଜୟନ୍ତୀ ଅବସରରେ କୋଟି କୋଟି ପ୍ରଣାମ ।

❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❐ ସଂପାଦିକା : **ସୈରିନ୍ଧ୍ରୀ ସାହୁ**
Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078
❐ Managing & Executive Editor : Srustidhar Parida
❐ Editor: Sairindhree Sahoo